

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୨ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 22 JUNE 2021

Vol.No. 32 ■ No. 156 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ରାଜ୍ୟରେ ୧ କୋଟି ଟପିଲା ଟିକାକରଣ

## ଚାଲିଛି ବଡ଼ ଅଭିଯାନ, ଗୋଟିଏ ଦିନରେ ୩ ଲକ୍ଷ ଟାର୍ଗେଟ୍, ଟିକାକେନ୍ଦ୍ରରେ ଲାଗିଲା ଲମ୍ୱାଲାଇନ୍

ଭୁବନେଶ୍ୱର,୨୧/୦୬(ନି.ପ୍ର): ଟିକାକରଣରେ ଏକ ମାଇଲ ଖୁଂଟ ଅତିକ୍ରମ କଲା ଓଡିଶା । ୫ ମାସ ଭିତରେ ରାଜ୍ୟରେ ୧ କୋଟି ଡୋଜ ଟିକାକରଣକୁ ଅତିକ୍ରମ କରିଛି ଓଡିଶା । ଗତ ଜାନୁୟାରୀ ୧୬ ତାରିଖରେ ଆରମ୍ଭ ହୋଇଥଲା ଟିକାକରଣ । ପର୍ଯ୍ୟାୟ କ୍ରମେ ସ୍ୱାସ୍ଥ୍ୟକର୍ମୀ, ସମ୍ମୁଖ ଯୋଦ୍ଧା, ୪୫ ବର୍ଷରୁ ଉର୍ଦ୍ଧ୍ୱର୍ ଓ ୧୮ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ଟିକାକରଣରେ ସାମିଲ କରାଯାଇଛି । ୧ କୋଟି ଡୋଜ ମଧ୍ୟରେ ୮୧ ଲକ୍ଷ ୮୪ ହଜାର ୧୩୪ ଜଣଙ୍କୁ ଦିଆଯାଇଛି ପ୍ରଥମ ଡୋଜ, ଆଉ ୨ୟ ଡୋଜ ନେଇଛନ୍ତି ୧୮ ଲକ୍ଷ ୨୧ ହଜାର ୯୩୩ । ଦେଶରେ କୋଭିଡ ଟିକା ନୀତି ଲାଗୁ ହେବା ଫଳରେ କ୍ୟାମ୍ପେନ ମୋଡରେ



ସାରା ଓଡିଶାରେ ଚାଲିଛି ଟିକାକରଣ । ରାଜ୍ୟରେ ପ୍ରାୟ ୧୫ ଶହରୁ ଉର୍ଦ୍ଧ୍ୱର୍ ଟିକାକରଣ କେନ୍ଦ୍ରରେ ଚାଲିଛି ଟିକାକରଣ । ରାଜ୍ୟ ସମସ୍ତ ବ୍ଲକ୍, ଏନଏସି, ପୌର ପରିଷଦ ଓ ମହାନଗର ନିଗମରେ ଟାର୍ଗେଟ ବେସିସିରେ ଚାଲିଥିଲା ଟିକାକରଣ । କୋରାପୁଟରୁ କଟକ, ମାଲକାନାଗିରିରୁ ମୟୁରଭଞ୍ଜ ପର୍ଯ୍ୟନ୍ତ ବିଭିନ୍ନ ସେସନ ସାଇଡରେ ପ୍ରବଳ ଭିଡ ସହ ଲମ୍ୱା ଲାଇନ ଦେଖିବା ପାଇଁ ମିଳିଥିଲା । ଗୋଟିଏ ଦିନରେ ୩ ଲକ୍ଷ ଡୋଜ ଟିକା କରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ସରକାର ।

## ଦ୍ୱିତୀୟ ବର୍ଷରେ ସାଂସଦ ଭାବେ କରିଥିବା କାମର ହିସାବ ଦେଲେ ଅପରାଜିତା



ଭୁବନେଶ୍ୱର,୨୧/୦୬ (ନି.ପ୍ର): ଭୁବନେଶ୍ୱରର ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ ସାଂସଦ ଭାବେ ଦ୍ୱିତୀୟ ବର୍ଷରେ କରିଥିବା କାମର ହିସାବ ଦେଇଛନ୍ତି । ସେ ଆଜି ଏକ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଜନ ପ୍ରତିନିଧି ଓ ସାଂସଦ ଭାବେ ଲୋକ ମାନଙ୍କ ପାଇଁ କରିଥିବା କାମ ସମ୍ପର୍କରେ ବାର୍ଷିକ ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି । ସେ ଲୋକ ମାନଙ୍କ ପାଇଁ କରିଥିବା ବିକାଶ କାମ, ଲୋକ ମାନଙ୍କର ସମସ୍ୟା, ଆପତି ଅଭିଯୋଗର ଶୁଣାଣୀ, ସଂସଦରେ ଭାଗିଦାରୀ ତଥା ଲୋକ ମାନଙ୍କ ପାଖକୁ ପହଂଚିବା ତାଙ୍କର ଫୋକସରେ ଥିବା ସେ ଟ୍ୱିଟ କରି ସୂଚନା ଦେଇଛନ୍ତି ।

# ସପ୍ତମ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

## ପ୍ରତ୍ୟେକ ରାଷ୍ଟ୍ର, ସମାଜ ଓ ବ୍ୟକ୍ତିବିଶେଷଙ୍କ ସୁସ୍ଥତା ପାଇଁ କଲେ ପ୍ରାର୍ଥନା



ଭୁବନେଶ୍ୱର,୨୧/୦୬ (ନି.ପ୍ର): ଆଜି ବିଶ୍ୱ ପାଳୁଛି ଯୋଗ ଦିବସ । କରୋନା ଯୋଗୁଁ ଯୋଗ ଦିବସ ପୂର୍ବଭଳି ପାଳିତ ହେଉନି । ତଥାପି ଲୋକଙ୍କ ଭିତରେ ଯୋଗକୁ ନେଇ ଉତ୍ସାହ ବଢ଼ିଛି । କରୋନାକୁ ମାତ ଦେବା ପାଇଁ ଯୋଗ ବିଶେଷ ଭାବରେ ସହାୟକ ହେଉଥିବାରୁ, ଏଥିପ୍ରତି ଉତ୍ସାହ ବଢ଼ିବାରେ ଲାଗିଛି । ଚଳିତ ବର୍ଷର ଥିମ ରହିଛି ‘ ସୁସ୍ଥତା ପାଇଁ ଯୋଗ’ । ଯୋଗ ଦିବସ ଅବସରରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । କହିଛନ୍ତି ଯେତେବେଳେ କରୋନା ଭଳି ଅଦୃଶ୍ୟ ଭାଇରସର ଶକ୍ତି ବିଶ୍ୱରେ ତାର କାୟା ବିସ୍ତାର କରୁଥିଲା, ସେତେବେଳେ କୌଣସି ଦେଶ ସାଧନା, ସାମାର୍ଥ୍ୟ ଏବଂ ମାନସିକ ଅବସ୍ଥାରେ ଏହାକୁ ଗ୍ରହଣ କରିବା ସମ୍ଭବ ନଥିଲା । ଏହି ସମୟରେ ଯୋଗ ଆତ୍ମବଳ ବଢ଼ାଇବାରେ ବଡ଼ ସହଯୋଗୀ ହୋଇଥିଲା । ଯୋଗ ଲୋକଙ୍କୁ ସାହାସ ଦେଇଥିଲା କି ଏହି ଅଦୃଶ୍ୟ ଭାଇରସ ସହ ଆମେ ଲଢ଼ି ପାରିବା । ହିମାଳୟର ଉଚ୍ଚ ପାହାଡ ଘାଟି ଉପରେ ଦେଶର ବୀର ଯବାନ କରିଛନ୍ତି ଯୋଗ । ବିଶ୍ୱ ଯୋଗ ଦିବସ ଅବସରରେ ଲଦାଖର ଉଚ୍ଚ ପାହାଡ ଉପରେ ଏକାଠି ହୋଇ ଯୋଗ କରିଛନ୍ତି ଆଇଟିବିପି ଯବାନ । ଦେଶର ସୁରକ୍ଷା ସହ ନିଜକୁ ସୁସ୍ଥ ଓ ନିରୋଗ ରହିବାର ବାର୍ତା ପ୍ରଦାନ କରିଛି ଏହି ଯବାନଙ୍କ ଯୋଗ । ସମୁଦ୍ର ପତନରୁ ୧୮ ହଜାର ଫୁଟ ଉପରେ ଏହି ଯୋଗ କରାଯାଇଛି ।

## ୧୧ ଜିଲ୍ଲାରେ ବଜ୍ରପାତ ସମ୍ଭାବନା

ଭୁବନେଶ୍ୱର,୨୧/୦୬ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କିଛି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣରବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ୨୪ ଘଂଟା ମଧ୍ୟରେ କେନ୍ଦୁଝର, ମୟୁରଭଂଜ, ସୁନ୍ଦରଗଡ,ବାଲେଶ୍ୱର, ଭଦ୍ରକ, ଗଜପତି,ଗଂଜାମ , କନ୍ଧମାଳ , ନବରଙ୍ଗପୁର, କୋରାପୁଟ ଓ ରାୟଗଡା ଜିଲ୍ଲାରେ ବଜ୍ରପାତ ସମ୍ଭାବନା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର। ସେହିପରି ୨୨ ତାରିଖ ସକାଳ ଠାରୁ ୨୩ ତାରିଖ ସକାଳ ମଧ୍ୟରେ ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, ବରଗଡ, ଝାରସୁଗୁଡା, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ, କେନ୍ଦୁଝର. ମୟୁରଭଂଜ ଓବାଲେଶ୍ୱର ଜିଲ୍ଲାରେ ବଜ୍ରପାତ ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ନୂଆପଡା, ବରଗଡ, ଝାରସୁଗୁଡା ଓ ସୁନ୍ଦରଗଡ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ସରକାରୀ ସ୍କୁଲରେ ଅନଲାଇନରେ ପାଠପଢା ଆରମ୍ଭ

ଭୁବନେଶ୍ୱର,୨୧/୦୬ (ନି.ପ୍ର): କରୋନାର ଦ୍ୱିତୀୟ ଲହର ଯୋଗୁଁ ୨୦୨୧-୨୨ ଶିକ୍ଷାବର୍ଷର ପାଠପଢ଼ା ବ୍ୟାହତ ହୋଇଛି । ଶିକ୍ଷାବର୍ଷର ପାଠପଢ଼ା ତିନି ମାସ ଗଡି ଯାଇଥିଲେ ମଧ ଏପର୍ଯ୍ୟନ୍ତ ଗୋଟିଏ ବି ଶ୍ରେଣୀରେ କ୍ଲାସରୁମ୍ ଶିକ୍ଷାଦାନ ହୋଇପାରି ନାହିଁ । ଏହାକୁ ଦୃଷ୍ଟିରେ ରଖି ଆଜିଠାରୁ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ୟୁ-ଟ୍ୟୁବରେ ଶିକ୍ଷା ଦର୍ପଣ କାର୍ଯ୍ୟକ୍ରମରେ ପାଠପଢା ଆରମ୍ଭ ହୋଇଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ସକାଳ ୯ଟାରୁ ସାଢେ ୧୦ଟା ଯାଏଁ ପାଠପଢା ହୋଇଛି । ସେହିପରି ନବମ ଓ ଦଶମ ପିଲାଙ୍କ ପାଠପଢା ସକାଳ ୧୦ଟା ୪୫ରୁ ଆରମ୍ଭ ହୋଇ ଗୋଟାଏ ଯାଏଁ ଚାଲିଥିଲା । ଅନ୍ୟପଟେ ଅନଲାଇନରେ ଆଜିଠାରୁ ପାଠପଢ଼ା ଆରମ୍ଭ ହୋଇଥିବାବେଳେ, କେମିତି



ପାଠପଢ଼ା ଚାଲିଛି ଏହାର ତଦାରଖ କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ । ତଦାରଖ ପରେ କହିଛନ୍ତି, ୟୁଟ୍ୟୁବ୍ କ୍ଲାସ ପରେ ଛାତ୍ରଛାତ୍ରୀଙ୍କ ପ୍ରତି ମାସେ ଦୁଇ ମାସରେ ଇଂଟରନାଲ ଆସେସମେଂଟ ହୋଇ ଇ-ମୂଲ୍ୟାଙ୍କନ କରାଯିବ । ତେବେ ଯେଉଁମାନଙ୍କ ପାଖରେ ଏହି ସୁବିଧା ପହଁଚି ପାରିନି ସେମାନଙ୍କ ନିକଟରେ କିଭଳି ପହଁଚିବେ ସେଥିପାଇଁ ପଦକ୍ଷେପ ନେବ ବିଭାଗ । ସ୍କୁଲ ଖୋଲି ପାରୁନଥିବାରୁ ଅନଲାଇନ୍ କ୍ଲାସ ହିଁ ଏକମାତ୍ର ବିକଳ୍ପ । କିନ୍ତୁ ଏଥିପାଇଁ ଓଡିଶା କେତେ ପ୍ରସ୍ତୁତ ତାହା ଏକ ବିରାଟ ପ୍ରଶ୍ନ ଭାବେ ଉଭା ହୋଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଇଣ୍ଟରନେଟ ସମସ୍ୟା ସହ ଅଧିକାଂଶ ଛାତଛାତ୍ରୀଙ୍କ ନିକଟରେ ମୋବାଇଲ ନାହିଁ କି କମ୍ପ୍ୟୁଟର ନାହିଁ। ଫଳରେର ୟୁ-ଟ୍ୟୁବ୍ ମାଧ୍ୟମରେ ପାଠ ପଢିବା ଏସବୁ ସ୍ଥାନରେ ସେତେ ସହଜ ବୋଲି ଲାଗୁନାହିଁ ।

# ତୃତୀୟ ଲହର ମୁକାବିଲା ପାଇଁ ପ୍ରସ୍ତୁତ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୧/୦୬ (ନି.ପ୍ର): କରୋନାର ତୃତୀୟ ଲହର ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଦ୍ୱିତୀୟ ଲହର ଅପେକ୍ଷା ତୃତୀୟ ଲହରର ପ୍ରଭାବ କମ ରହୁଛି । ତଥାପି ଆମକୁ ସଜାଗ ରହିବାକୁ ପଡିବ। ତୃତୀୟ ଲହର ଆସିବା ପୂର୍ବରୁ ଟିକାକରଣକୁ ଜୋରଦାର କରିବାକୁ ପଡ଼ିବ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଂଜନ ମିଶ୍ର । ସେ ଆହୁରି କହିଛନନ୍ତି ଯେ କେନ୍ଦ୍ର ସରକାର ଯେତେ ଟିକା ଦେବେ ସେହି ଅନୁସାରେ ଟିକାକରଣ କରାଯିବ । ସେହିପରି କେନ୍ଦ୍ର ସରକାରଙ୍କ ନୂଆ ଗାଇଡ୍ ଲାଇନ ଅନୁସାରେ ଷ୍ଟେରଏଡ୍ ବ୍ୟବହାର କରାଯିବା ଉଚିତ । ବର୍ତମାନ ଯେଉଁମାନେ ମଧ୍ୟମରୁ ଗୁରୁତର ରୋଗୀ ଅଛନ୍ତି ସେମାନଙ୍କ କ୍ଷେତ୍ରରେ ଏହାର ଆବଶ୍ୟକତା ରହିଛି। ତେଣୁ ସେହିମାନଙ୍କ କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଉଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି । ଅପରପକ୍ଷରେ ଡିଏମ୍ଇଟି ସିବିକେ ମହାନ୍ତି କହିଛନ୍ତି ଯେ ଦେଶରେ ଡେଲ୍ଟା ପ୍ଲସ ଭ୍ୟାରିଆଂଟ ୭ ଜଣଙ୍କ ଠାରେ ଚିହ୍ନଟ ହୋଇଛି। ସମସ୍ତଙ୍କୁ ଆଇସୋଲେଟ କରାଯାଇଛି । ଆଗକୁ ଯଦି କିଏ ଡେଲ୍ଟା ଭ୍ୟାରିଆଂଟରେ ସଂକ୍ରମିତ ହୋଇଥିବା ଚିହ୍ନଟ ହୁଅନ୍ତି । ତେବେ ତାଙ୍କୁ ତୁରନ୍ତ ଆଇସୋଲେଟ କରାଗଲେ ଏହା ବିଶେଷ କ୍ଷତି ପହଂଚାଇ ପାରିବନାହିଁ ବୋଲି ଡିଏମ୍ଇଟି କହିଛନ୍ତି।

# ଦିଲ୍ଲୀ ସ୍ଥିତ ସିଜିଏଚ୍‌ଏସ୍ ଡିସପେନସେରୀ ହସ୍ପିଟାଲର ଟିକା କେନ୍ଦ୍ର ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୧/୦୬ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାରଙ୍କ ଦ୍ୱାରା ବିଶ୍ୱର ସର୍ବବୃହତ ମାଗଣା ଟିକାକରଣ ଅଭିଯାନ ସୋମବାର ଠାରୁ ଆରମ୍ଭ ହୋଇଯାଇଥିବା ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିଲ୍ଲୀର ସରୋଜିନୀ ନଗର ସ୍ଥିତ ସିଜିଏଚଏସ ଡିସପେନସେରୀ ହସ୍ପିଟାଲର ଟିକା କେନ୍ଦ୍ରକୁ ପରିଦର୍ଶନ କରିବା ସହ ସ୍ୱାସ୍ଥ୍ୟକର୍ମୀ ଏବଂ ଟିକା ନେଉଥିବା ବ୍ୟକ୍ତି ମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଶ୍ୱର ସର୍ବବୃହତ ମାଗଣା ଟିକାକରଣ ଅଭିଯାନ ଆଜି ଠାରୁ ଆରମ୍ଭ



ହୋଇଥିବା ବେଳେ ନାଗରିକମାନଙ୍କ ମଧ୍ୟରେ ଟିକା ନେବା ପାଇଁ ବହୁତ ଉତ୍ସାହ ଦେଖାଯାଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ମାଗଣାରେ ଟିକା ଦେବାର ବ୍ୟବସ୍ଥା କରିଛନ୍ତି। ଭାରତର ସବୁ ନାଗରିକଙ୍କୁ ମାଗଣାରେ ଆରମ୍ଭ ହୋଇଥିବା ଏହି ଟିକା ଅଭିଯାନରେ ସହଯୋଗ

▶▶ପୃଷ୍ଠା ୭

# ଦେଶରେ ଗୋଟିଏ ଦିନରେ ଲାଗିଲା ୭୦ ଲକ୍ଷ ଡୋଜ

ନୂଆଦିଲ୍ଲୀ,୨୧/୦୬ (ନି.ପ୍ର): ଦେଶରେ କରୋନା ମହାମାରୀକୁ ରୋକିବାକୁ ଟିକାକରଣ ଅଭିଯାନକୁ ଜୋରଦାର କରାଯାଉଛି । ଆଜିଠୁ ଦେଶରେ ବୃହତ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି । ଆଉ ପ୍ରଥମ ଦିନରେ ହିଁ ଟିକାକରଣରେ ରେକର୍ଡ କରିଛି ଭାରତ । ଆଜି ୭୦ ଲକ୍ଷରୁ ଅଧିକ ଲୋକଙ୍କୁ ଟିକା ଦିଆଯାଇଛି । କେନ୍ଦ୍ର ସରକାର ଆଜିଠୁ ଦେଶର ସମସ୍ତ ନାଗରିକଙ୍କୁ ମାଗଣାରେ ଟିକା ଉପଲବ୍ଧ କରାଉଛନ୍ତି । କିଛିଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଏନେଇ ଘୋଷଣା କରିଛନ୍ତି । ଅନ୍ତର୍ଜାତୀୟ



ଯୋଗ ଦିବସରୁ ଟିକାକରଣକୁ ଜୋରଦାର କରାଯାଇଛି । କେନ୍ଦ୍ର ସରକାର ବର୍ତ୍ତମାନ ଟିକା କିଣି ରାଜ୍ୟ ସରକାରଙ୍କୁ ଦେବେ । ହେଲେ ପୂର୍ବରୁ ରାଜ୍ୟ ସରକାରଙ୍କୁ ଟିକା କିଣିବାକୁ କହିଥିଲେ କେନ୍ଦ୍ର ସରକାର । ହେଲେ ଏବେ ଟିକାକରଣକୁ ନିଜ ହାତକୁ ନେଇଛନ୍ତି । ଆଉ ଆଜିଠାରୁ ଏହା ଆରମ୍ଭ ହୋଇଛି ।

## ନୂଆ ଜାତୀୟ ରେକର୍ଡ କଲେ ଦୂତୀ : ୧୧.୧୭ ସେକେଣ୍ଡରେ ଦୌଡିଲେ ୧୦୦ ମିଟର

ଭୁବନେଶ୍ୱର,୨୧/୦୬ (ନି.ପ୍ର): ନୂଆ ଜାତୀୟ ରେକର୍ଡ କଲେ ଓଡିଆ ଧାବିକା ଦୂତୀ ଚାନ୍ଦ । ଆଜି ସେ ନିଜ ପୂର୍ବ ଜାତୀୟ ରେକର୍ଡକୁ ଭାଙ୍ଗିବା ସହିତ ୧୦୦ ମିଟର ରେସରେ ନୂଆ କିର୍ତ୍ତୀ ଅର୍ଜନ କରିଛନ୍ତି । ମାତ୍ର ୧୧.୧୭ ସେକେଣ୍ଡରେ ଦୂତୀ ୧୦୦ ମିଟର ଅତିକ୍ରମ କରିବା ସହିତ ରେକର୍ଡ ବୁକରେ ନିଜ ରେକର୍ଡକୁ ନିଜେ ହିଁ ଭାଙ୍ଗିଛନ୍ତି । ତେବେ ଦୁଃଖର ବିଷୟ ହେଉଛି, ମାତ୍ର .୦୦୨ ସେକେଣ୍ଡ ପାଇଁ ସେ ଟୋକିଓ ଅଲିମ୍ପିକ୍ସରୁ ବାଦ୍ ପଡିଛନ୍ତି । ଆଜି ଭାରତୀୟ ଧାବିକା ମାନଙ୍କର ରେସରେ ଦୂତୀ ସବୁଠୁ ଆଗରେ ରହିଥିଲେ । ସେ ୧୦୦ ମିଟର ରେସକୁ ମାତ୍ର ୧୧.୧୭ ସେକେଣ୍ଡରେ ଅତିକ୍ରମ କରିଥିଲେ । ତାଙ୍କ ପଛକୁ କର୍ଣ୍ଣାଟକର ଧନେଶ୍ୱରୀ ୧୧.୪୮ ସେକେଣ୍ଡରେ ୧୦୦ ମିଟର ଅତିକ୍ରମ କରିଥିଲେ ।

## ବରିଷ୍ଠ ମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ୫ ଘଣ୍ଟାର ମାରାଥନ୍ ବୈଠକ ସୂଚନା

# ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ପୁଣି ବଢିଲା ଚର୍ଚ୍ଚା

ନୂଆଦିଲ୍ଲୀ,୨୧/୦୬ (ନି.ପ୍ର): କେନ୍ଦ୍ର ମନ୍ତ୍ରିମଣ୍ଡଳ ସଂପ୍ରସାରଣ ଚର୍ଚ୍ଚା ପୁଣି ଥରେ ଜୋରଦାର ହୋଇଛି । ରବିବାର ଦିନ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନରେ ଉଭୟ କ୍ୟାବିନେଟ୍ ମନ୍ତ୍ରୀ ଓ ରାଷ୍ଟ୍ରମନ୍ତ୍ରୀଙ୍କ ମହ ଆଲୋଚନା କରିଥିବା ସୂଚନା ମିଳିଛି । ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ପ୍ରାୟ ୫ ଘଂଟା ଧରି ଆଲୋଚନା ହୋଇଛି । ଗୃହମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ,



ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ରେଳମନ୍ତ୍ରୀ ପିୟୂଷ ଗୋଏଲ, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଦି ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦୀର୍ଘ ସମୟ ଧରି ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ୫ଟି ପର୍ଯ୍ୟାୟରେ ଏହି ଆଲୋଚନା ହୋଇଥିବା ଜଣାପଡିଛି । ଏହାକୁ ନେଇ ଦିଲ୍ଲୀ ପାୱାର କରିଡର ସରଗରମ ରହିଛି । କେନ୍ଦ୍ର ମନ୍ତ୍ରିମଣ୍ଡଳ ଅଦଳବଦଳ ହେବା ସହ ସଂପ୍ରସାରଣ ଚର୍ଚ୍ଚା ମଧ ଜୋର ଧରିଛି । ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି, ଖୁବଶୀଘ୍ର ମନ୍ତ୍ରିମଣ୍ଡଳରେ ବଡ଼ ଧରଣର ପରିବର୍ତନ ହେବାକୁ ଯାଉଛି । ୨୦୧୯ ମସିହା ପରଠାରୁ ଅର୍ଥାତ୍ ଦ୍ୱିତୀୟ ପାଳି କ୍ଷମତାକୁ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ କରିନାହାନ୍ତି ।

# କରୋନା ପାଇଁ ରଦ୍ଦ ହେଲା ଅମରନାଥ ଯାତ୍ରା

ଭୁବନେଶ୍ୱର,୨୧/୦୬ (ନି.ପ୍ର): କରୋନା ମହାମାରୀ ପାଇଁ ରଦ୍ଦ ହେଲା ଅମରନାଥ ଯାତ୍ରା । ଅମରନାଥଙ୍କ ଦର୍ଶନ ପାଇଁ ପୁଣି ଆସନ୍ତା ବର୍ଷକୁ ଅପେକ୍ଷା କରିବେ ଶ୍ରଦ୍ଧାଳୁ । କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନେଇଛି ଜମ୍ମୁ କାଶ୍ମୀର ପ୍ରଶାସନ । ତେବେ ଅମରନାଥ ଯାତ୍ରା ରଦ୍ଦ ନେଇ ଉପରାଜ୍ୟପାଳ ମନୋଜ ସିହ୍ନା ସୂଚନା ଦେଇଛନ୍ତି । ହିମଲିଙ୍ଗର ଅନଲାଇନ ଦର୍ଶନ ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଶ୍ରଦ୍ଧାଳୁ ଘରେ ବସି ହିମଲିଙ୍ଗ ଦର୍ଶନ କରିପାରିବେ । ଏହାସହ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଆଖିଆଗରେ ରଖି ସକାଳେ ଓ ସନ୍ଧ୍ୟା ବେଳେ ଅମରନାଥଙ୍କ ଆଳତି ଲାଇଭ କରାଯିବାର ବ୍ୟବସ୍ଥା କରାଯିବ ।

# ‘ଫୁଲାଡ଼ି ଟୋକା’ସଂଗଠନ ପକ୍ଷରୁ ବୃକ୍ଷଚାରା ରୋପଣ

ବାଲେଶ୍ୱର,୨୧/୬ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ଫୁଲାଡ଼ି ଅଞ୍ଚଳର ଯୁବଗୋଷ୍ଠୀଙ୍କୁ ନେଇ ଗଠିତ ସଂଗଠନ ‘ଫୁଲାଡ଼ି ଟୋକା’ ପକ୍ଷରୁ ଏବେ ବୃକ୍ଷରୋପଣ ଅଭିଯାନ ଜାରି ରହିଛି। ଏହି ଅଞ୍ଚଳର ପତିତ, ସରକାରୀ ଜମି, ଗୋଚର, ପଡ଼ିଆ ପ୍ରଭୃତି ସ୍ଥାନରେ ବୃକ୍ଷଚାରା ରୋପଣ କରାଯାଉଛି। ବୃକ୍ଷରୋପଣ ସାଙ୍ଗକୁ ଏହାର ଯତ୍ନ ପାଇଁ ଯୁବକମାନେ ଦାୟିତ୍ୱ ନେଉଛନ୍ତି। ନିୟମିତ ପାଣି ଦେବାଠାରୁ ଆରମ୍ଭ କରି ବାଡ଼ଘେରିବା ପର୍ଯ୍ୟନ୍ତ ନିଜସ୍ୱ ଖର୍ଚ୍ଚରେ ସମସ୍ତ କାର୍ଯ୍ୟ କରୁଥିବା ସଂଗଠନର କର୍ମକର୍ତ୍ତାମାନେ କହିଛନ୍ତି। ବିଭିନ୍ନ ମୂଲ୍ୟବାନ ବୃକ୍ଷଚାରା ସାଙ୍ଗକୁ ସ୍ଥାନେ ସ୍ଥାନେ ଫୁଲଚାରା ଲଗାଇ ଛୋଟ ଛୋଟ ଉଦ୍ୟାନ ସୃଷ୍ଟି ଉଦ୍ୟମ ଜାରି ରଖିଥିବା ସେମାନେ ସୂଚନା ଦେଇଛନ୍ତି। ଦ୍ୱିତୀୟ ଲହର କରୋନାରେ ଅମ୍ଳଜାନର ଅଭାବରୁ ଲୋକେ ମୃତ୍ୟୁମୁଖରେ ପଡ଼ିଥିବା ବେଳେ ବାୟୁମଣ୍ଡଳରେ ଅମ୍ଳଜାନ ପରିମାଣ ବୃଦ୍ଧି ପାଇଁ ବୃକ୍ଷରୋପଣକୁ ଗୁରୁତ୍ୱ ଦିଆଯାଉଛି ବୋଲି ସଂଗଠନର କାର୍ଯ୍ୟକର୍ତ୍ତାମାନେ କହିଛନ୍ତି। ଅନ୍ୟପକ୍ଷରେ ପୌରାଣିକ ମତ ଅନୁସାରେ ବାଣାସୁର ଦୈନିକ ଏହି ଫୁଲାଡ଼ିରୁ ଫୁଲ ନେଇ ଶିବ ମନ୍ଦିରକୁ ଯାଇ ପୂଜା କରୁଥିବାରୁ ଏହି ଅଞ୍ଚଳର ନାମ ଫୁଲଡ଼ି ରଖଯାଇଥିଲା। ସେହି ନାମକୁ ସାର୍ଥକ କରିବା ପାଇଁ ବୃକ୍ଷରୋପଣ ସାଙ୍ଗକୁ ଫୁଲ ବଗିଚା ସୃଷ୍ଟି ଦିଗରେ ଉଚିତ ପଦକ୍ଷେପ ନିଆଯାଉଥିବା ସେମାନେ କହିଛନ୍ତି। ନବ ଦାସ, ଡାକ୍ତର ମନୋଜ କୁମାର ପାଣି, ସୁନୀଲ ପାଣି, ଅବିନାଶ ପଣ୍ଡା, ଅଜେଶ ପତି, ବିକାଶ ପାଣି, ଚନ୍ଦନ ଭୂୟାଁ, ସତ୍ୟଜିତ ଜେନା ରାକେଶ ପତି, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଯୁବକ ଏହି କାର୍ଯ୍ୟରେ ଲାଗିଥିବା ଦେଖିବାକୁ ମିଳିଛି।

# ଅନ୍ ଲାଇନ କ୍ଲାସ ପରେ ଫାଟିଲା ମୋବାଇଲ : ଅଳ୍ପକେ ବର୍ତ୍ତିଲେ ଛାତ୍ର

କନ୍ଧମାଳ,୨୧/୬ (ନି.ପ୍ର): ମୋବାଇଲରେ ଅନଲାଇନ କ୍ଲାସ କରିବା ପରେ ବହି ସଜାଡୁ ସଜାଡୁ ଫାଟିଗଲା ମୋବାଇଲ। ଅଳ୍ପକେ ବର୍ତିଯାଇଛନ୍ତି ଫୁଲବାଣୀ ପବ୍ଲିକ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପାଠପଢୁଥିବା ଛାତ୍ର ସାତ୍ୱିକ ପଟ୍ଟନାୟକ। ଶନିବାର ଦିନ ସାତ୍ୱିକ ଅନଲାଇନରେ ଚାଲିଥିବା କ୍ଲାସରେ ପାଠ ପଢୁଥିଲେ। ତେବେ ଅଧିକ ସମୟ ଧରି ସେ ପାଠ ପଢୁଥିବା ଯୋଗୁଁ ମୋବାଇଲଟି ଅତ୍ୟଧିକ ଗରମ ହୋଇଯାଇଥିଲା। ସୌଭାଗ୍ୟକୁ କ୍ଲାସ ସରିବା ପରେ ହିଁ ଏହି ଦୁର୍ଘଟଣା ଘଟିଛି। ତେଣୁ ତାଙ୍କ ପୁଅ ଗୋଟିଏ ବଡ ବିପଦରୁ ରକ୍ଷା ପାଇଗଲା ବୋଲି କହିଛନ୍ତି ବାପା ଲୋକନାଥ ପଟ୍ଟନାୟକ ଏବଂ ମାଆ ସୁଜାତା ପଟ୍ଟନାୟକ। କରୋନା ସଂକ୍ରମଣ ଯୋଗୁଁ ବିଦ୍ୟାଳୟ ଗୁଡିକରେ ଅଧିକ ସମୟ ଧରି ମୋବାଇଲରେ ଅନଲାଇନ କ୍ଲାସ ହେଉଛି। ସେଥିପାଇଁ ମୋବାଇଲ ଗୁଡିକ ଗରମ ହୋଇଯାଇ ଏଭଳି ଦୁର୍ଘଟଣା ଘଟୁଛି ବୋଲି କହିଛନ୍ତି ଅଭିଭାବକ। ତେବେ ଶିକ୍ଷା ବିଭାଗ ତରଫରୁ ଅନଲାଇନ କ୍ଲାସ ବେଳେ ମୋବାଇଲ ଥଣ୍ଡା ହେବାପାଇଁ ପାଠପଢାରେ ବିରତି ଦେବା ପାଇଁ ନିର୍ଦ୍ଦେଶ ରହିଛି। ଯାହାଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ଆଖିକୁ ବିଶ୍ରାମ ମିଳିବା ସହିତ ମୋବାଇଲକୁ ମଧ ଥଣ୍ଡା ହେବା ପାଇଁ ସମୟ ମିଳିବ ଏହା ସହିତ ପିଲାମାନଙ୍କୁ ପାଠ ପଢାଇବାର କିଛି ସମୟ ପରେ ମୋବାଇଲର ଡାଟାକୁ ମଧ ବନ୍ଦ କରିବାକୁ ନିର୍ଦ୍ଦେଶ ରହିଛି। ହେଲେ ବିଦ୍ୟାଳୟ ଗୁଡିକରେ ଏହି ଗାଇଡ୍ ଲାଇନକୁ ମାନୁ ନଥିବା ନେଇ ଅଭିଭାବକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

## ‘ୟସ’ ବାତ୍ୟା ପ୍ରଭାବିତ ପରିବାରଙ୍କୁ ପଲିଥିନ ବଣ୍ଟନ

ବାଲେଶ୍ୱର,୨୧/୬ (ନି.ପ୍ର): ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ବିଜେଡି କର୍ମୀମାନେ ରବିବାର ବାଲେଶ୍ୱର ପୌରାଞ୍ଚଳରେ ବାତ୍ୟା ୟସ ପ୍ରଭାବିତ ପରିବାରଙ୍କୁ ପଲିଥିନ ବଣ୍ଟନ କରିଛନ୍ତି। ପୌରପାଳିକା ଅନ୍ତର୍ଗତ ୨୬ ନଂ ୱାର୍ଡ଼ର କଚ୍ଚାଘରେ ରହୁଥିବା ପରିବାରମାନଙ୍କୁ ଏହି ପଲିଥିନ ବଣ୍ଟନ କରାଯାଇଥିଲା। ମନସ୍ୱିନୀ ଦାସ, ଆଇନଜୀବୀ ପ୍ରତାପ ଚନ୍ଦ୍ର ଦାସ, ଆୟୁବ ଖାଁ, ଲକ୍ଷ୍ମଣ ବେହେରା, ବାଞ୍ଛାନିଧି ଦାସ, ଶେଖ ଜାହିଦ ପମୁଖ ବିଜେଡି କାର୍ଯ୍ୟକର୍ତ୍ତାମାନେ ୟସ ବାତ୍ୟା ପ୍ରଭାବିତ ପରିବାରଙ୍କୁ ପଲିଥିନ ବଣ୍ଟନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିଶ୍ରୁତି ଅନୁସାରେ ଲୋକଙ୍କ ଦୁଃଖ ସମୟରେ ଉଚିତ ପଦକ୍ଷେପ ନିଆଯାଉଛି ବୋଲି ବିଜେଡି କାର୍ଯ୍ୟକର୍ତ୍ତାମାନେ କହିଥିଲେ। ଆଗାମୀ ଦିନରେ ବି ଏହି ସେବାକାର୍ଯ୍ୟ ଜାରି ରହିବ ବୋଲି ସେମାନେ ସୂଚନା ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ନିବେଦନ କରି ଦୁର୍ଦ୍ଦଶା ଭୋଗୁଛନ୍ତି ବହୁ ଭାଗବତ ପ୍ରେମୀ ବରିଷ୍ଠ ନାଗରିକ: ଅନଶନ ନିଷ୍ପତ୍ତି

ଧର୍ମଶାଳା,୨୧/୬ (ନି.ପ୍ର): ଓଡିଆ ଜନଜୀବନ ଭାଗବତ ସର୍ବସ୍ୱ। ଭାଗବତକୁ ନେଇ ଗତିଶୀଳ ହୋଇଛି ଓଡିଆ ଜାତିର ସଂସ୍କୃତି, ପରମ୍ପରା, ଜନଜୀବନ। ଓଡିଆଙ୍କ ବଳ ଏବଂ ଓଡିଶାର ଦଳ ବିଜୁ ଜନତା ଦଳର ସରକାର ତରଫରୁ ସେଥିପାଇଁ ଗାଁ ଗଣ୍ଡାରେ ଭାଗବତର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କରାଯାଇଛି। ଭାଗବତ ଟୁଙ୍ଗୀର ସୁରକ୍ଷା ଓ ବିକାଶ ପାଇଁ ବି ସରକାର ସହାୟତାର ହାତ ବଢାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ମହତ ପଦକ୍ଷେପରେ ବିଶ୍ୱାସ କରି ବହୁବାର ଭାଗବତ ଟୁଙ୍ଗୀ ଗୁଡିକ ସହାୟତା ପାଇଁ ଆବେଦନ କରି ନିରାଶ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ ଏହାର ସୁଫଳ ପରିବର୍ତ୍ତେ ବ୍ୟାପକ ଦୁର୍ଦ୍ଦଶା ଭୋଗୁଛନ୍ତି ବହୁ ଭାଗବତପ୍ରେମୀ ବରିଷ୍ଠ ନାଗରିକ। ଏଥିପାଇଁ ଶେଷଥର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପାଇଁ ନିଷ୍ପତି ନିଆଯିବା ଘଟଣା ସାଧାରଣରେ ମୁଖ୍ୟ ଆଲୋଚ୍ୟ ବିଷୟ ହୋଇଛି। ଖବରରୁ ପ୍ରକାଶ, ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ସାହାଣିଡିହ ପଂଚାୟତ ଚାରଗୋଠ ଗ୍ରାମରେ ରହିଛି ଶତାଧିକ ବର୍ଷ ପୁରୁଣା ଭାଗବତ ଟୁଙ୍ଗୀ। ଏହି ଗ୍ରାମଟି ଦୀର୍ଘବର୍ଷ ହେଲା ଅନ୍ୟ ଗୋଟିଏ ସ୍ଥାନରୁ ଉଠି ଆସିଥିଲେ ମଧ୍ୟ ଗାଁର ପୁରୁଣା ଅବସ୍ଥିତିରେ ମଧ୍ୟ ଏହି ଭାଗବତ ଟୁଙ୍ଗୀ ଥିଲା। ଜିଲ୍ଲାରେ ଯଦି କୌଣସିଠାରେ ଦୈନନ୍ଦିନ ଭାଗବତ ଟୁଙ୍ଗୀରେ ସଂନ୍ଧ୍ୟା ହେଲେ ବିଧି ମୁତାବକ ପୂଜାର୍ଚ୍ଚନା ପରେ ଭାଗବତ ପାଠ ହେଉଥାଏ, ତାହେଲେ ଏହା ଚାରଗୋଠର ଭାଗବତ ଟୁଙ୍ଗୀ ଅଟେ। ଚାରଗୋଠର ଏହି ଭାଗବତ ଟୁଙ୍ଗୀଟି ଗୋଟିଏ ଆଧାତ୍ମିକ ପରିବେଶ ମଧ୍ୟରେ ଗଢି ଉଠିଛି। ଚାଳଘର ଭିତରେ ଗୋବର ଲିପା ମାଟି ଘରେ ଠାକୁର ବିଜେ ହୋଇଥିବା ବେଳେ ସେଠାରେ ସୁନ୍ଦର ଭାଗବତ ପାଠ ଗ୍ରାମବାସୀଙ୍କ ପାଇଁ ଏକ ଭକ୍ତିପୂର୍ଣ୍ଣ ଆବେଗମୟ ପରିବେଶ ସୃଷ୍ଟି କରିଥାଏ। ଏହି ଭାଗବତ ଟୁଙ୍ଗୀରେ ଭାଗବତ ପାଠ କରୁଥିବା ସମସ୍ତ ବରିଷ୍ଠ ନାଗରିକମାନେ ମଧ୍ୟ ପ୍ରବାଦ ପୁରୁଷ ବିଜୁବାବୁ ଏବଂ ନବୀନବାବୁଙ୍କ ଜୀବନବ୍ୟାପୀ ସମର୍ଥକ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଏବଂ ପ୍ରତିଶୃତିରେ ବିଶ୍ୱାସ କରି ଏହି ଭାଗବତପ୍ରେମୀମାନେ ଗତ ୩ ବର୍ଷ ମଧ୍ୟରେ ବହୁବାର ଜିଲ୍ଲାପାଳ ଏବଂ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟରେ ସହାୟତା ପାଇଁ ନିବେଦନ କଲେ। କୌଣସି ସୁଫଳ ନମିଳିବାରୁ ଗତ ତା୧୮.୦୧.୨୧ ରିଖରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ନିର୍ଦ୍ଦେଶ ମୁତାବକ ଧର୍ମଶାଳା ବ୍ଲକ ଉନ୍ନୟନ ଅଧିକାରୀ ଏକ ତଦନ୍ତ ରିପୋର୍ଟ ପତ୍ର ନଂ-୭୬୨ ତା୧୨.୦୨.୨୧ ପ୍ରଦାନ କଲେ। ଅଭିଯୋଗକାରୀଙ୍କୁ ମଧ୍ୟ ମେମୋ ନମ୍ବର-୭୬୩ ପ୍ରଦାନ କରିଥିବାର ବିଶ୍ୱସ୍ଥ ସୁତ୍ରରୁ ପ୍ରକାଶ। ହେଲେ ଆଶ୍ଚର୍ଯ୍ୟର କଥା ଯେ, ଯେଉଁମାନଙ୍କ ଅଭିଯୋଗରେ ଏହି ତଦନ୍ତ କରାଗଲା ସେମାନେ ଏହି ତଦନ୍ତ ନେଇ କିଛି ଜାଣି ନାହାନ୍ତି କିମ୍ବା ସେମାନଙ୍କୁ ଏଥିନେଇ ଉପରୋକ୍ତ ମେମୋ ନମ୍ବରରେ କୌଣସି ପତ୍ର ମିଳିନାହିଁ। ତେବେ ଫାଇବ ଟିର ସରକାରରେ ସରକାରୀ କଳ କିଭଳି ଏହି ତଦନ୍ତ କଲା ବୋଲି ପୁନଶ୍ଚ ତା୧୮.୦୫.୨୧ ରିଖରେ ଏହି ଭାଗବତପ୍ରେମୀମାନଙ୍କ ତରଫରୁ ଆଉ ଏକ ଅଭିଯୋଗ କରାଗଲା। ଏପରିକି ଏହି ଅଭିଯୋଗ ନେଇ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେଥିନେଇ ସୂଚନା ଅଧିକାରରେ ତଥ୍ୟ ମଗାଗଲା ପରେ ବି କୌଣସି ସୁଫଳ ମିଳିଲା ନାହିଁ। ଖବର ନେବାରୁ ଜଣାପଡିଛି ଯେ, ଧର୍ମଶାଳା ବ୍ଲକରେ କାର୍ଯ୍ୟରତ ଜଣେ କିରାଣୀଙ୍କ ଦ୍ୱାରା ରାଜ୍ୟରେ ସର୍ବୋଚ୍ଚ ଶାସନ ମୁଖ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ନେଇ ସାଧାରଣରେ ଭିନ୍ନ ଧାରଣା ସୃଷ୍ଟି କରାଯାଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସୁଥିବା ଅଭିଯୋଗକୁ ଚାପି ଦିଆଯାଉଛି। ଏହି କିରାଣୀ ଜଣକ ପ୍ରତ୍ୟେକ କାର୍ଯ୍ୟରେ ମୋଟା ଅଙ୍କର ଅର୍ଥ ନେଇ ନହେବା କାର୍ଯ୍ୟକୁ କରି ଦେଉଛନ୍ତି। ସେଥିପାଇଁ କୌଣସି କାର୍ଯ୍ୟ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କଲେ କୌଣସି ସୁଫଳ ମିଳିବ ନାହିଁ ବୋଲି ଏହି କିରାଣୀ କହିବା ସହ ଏହାକୁ ପ୍ରମାଣିତ କରୁଛନ୍ତି। ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ହତାସ କରିବା ସହ ଏଥିନେଇ ହେଉଥିବା କାର୍ଯ୍ୟାନୁଷ୍ଠାନ ନେଇ ମଧ୍ୟବିଧି ଅନୁସାରେ କାର୍ଯ୍ୟାନୁଷ୍ଠାନ ବିବରଣୀ ଦେଉନାହାନ୍ତି। ଏ କ୍ଷେତ୍ରରେ ମଧ୍ୟ ଭାଗବତପ୍ରେମୀ ବରିଷ୍ଠ ନାଗରିକମାନେ ବି.ଜେ.ଡି ନେତା ତଥା ସମାଜସେବୀ ସତୀଶ ବିଶ୍ୱାଳଙ୍କ ନେତୃତ୍ୱରେ ୨୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ମର୍ମରେ ପତ୍ର ଲେଖି ଏଥିନେଇ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ସେମାନେ ବାଧ୍ୟ ହୋଇ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ନିଷ୍ପତି ନେଇଛନ୍ତି।

# ସହରକୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ନେଇ ସନ୍ଦେହ

ମୁଖୀଗୁଡା,୨୧/୬ (ନି.ପ୍ର): ତ୍ରୁଟିପୂର୍ଣ୍ଣ ପାଇପ ସଂଯୋଗ କାମ ଯୋଗୁଁ ଜୟପାଟଣାରେ ନିର୍ମାଣ କରାଯାଇଥିବା ପାଣିଟାଙ୍କି ରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଆଉ ସମ୍ଭବ ହେବନାହିଁ ବୋଲି ସାଧାରଣ ରେ ସନ୍ଦେହ ପ୍ରକାଶ ପାଉଛି। କଳାହାଣ୍ଡି ଜିଲ୍ଲା ଜୟପାଟଣା ସହରକୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୨୯ଲକ୍ଷ ଟଙ୍କା ବ୍ୟୟ ଅଟକଳ ରେ ନିର୍ମାଣ ହେଲା ଓଭର ହେଡ ପାଣିଟାଙ୍କିଏବଂ୬୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ରେ ଇନଟେକୱେଲ ଏବଂପାଇପ ଲାଇନ କାମ ହେଲା ।ରାସ୍ତା ର ତିନିଫୁଟ ଗଭୀର ଖୋଳା ଯାଇ ବାଲି ଦେଇ ପାଇପ ପୋତି ସିମେଂଟ କଂକ୍ରିଟ ହେବା ବଦଳରେ ଏକଫୁଟ ଖୋଲା ଯାଇ ତ୍ରୁଟିପୂର୍ଣ୍ଣ ଭାବେ ପାଇପ ଲାଇନ କାମ କରାଯାଇଛି ଯାହାଦ୍ୱାରା ଆଜି ଜଳ ଯୋଗାଣ ପାଇଁ ଏହି ପ୍ରକଳ୍ପ କୁ ଚାଲୁ କରାଯାଇଥିଲା ।ହେଲେ ପାଣି ଛାଡିବା ମାତ୍ରେ ସହରର ବିଭିନ୍ନ ସ୍ଥାନରେ ପାଣି ଜମା ହୋଇ ଯାଇଥିଲା ।।ଏହା ଦେଖି ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।ବିଦ୍ୟୁତ ସଂଯୋଗ ହେବା ବିଳମ୍ବ ଯୋଗୁଁ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋବା ପାଇଁ ଦୀର୍ଘ ସମୟ ଲାଗି ଥିବା ବେଳେ ଏବେ ତ୍ରୁଟିପୂର୍ଣ୍ଣ ପାଇପ ଲାଇନ କାମ ଯୋଗୁଁ ପାନୀୟ ଜଳଯୋଗାଣ ଆଉ ସମ୍ଭବ ହେବ ନାହିଁ ବୋଲି ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ଏନେଇ ଜେଇଙ୍କୁ ପଚାରିବାରୁ ପାଇପ ଜଏଂଟ ଜାଗା ରେ ପାଣି ବାହାରୁଛି ସେଗୁଡ଼ିକ ଠିକ ହୋଇ ଯିବ ବୋଲି କହିଥିଲେ ।ଏବେ ପ୍ରଶ୍ନ ଉଠୁଛି ଯେ ବହୁଟଙ୍କା ଖର୍ଚ୍ଚ ହୋଇ ସୁଦ୍ଧା ଏହି ପ୍ରକଳ୍ପରୁ ଲୋକେ ଉପକୃତ ହେବେ ନା ଖାଲି ପାଣିଟ୍ୟାଙ୍କି ଟିଏ ଗାଁରେ ଅଛି ବୋଲି ଲୋକେ ଦେଖୁ ଥିବେ ।

## ମିଲଖା ସିଂଙ୍କ ବିୟୋଗରେ କ୍ରୀଡ଼ା ସଂଘର ଶୋକ

ବାଲେଶ୍ୱର,୨୧/୬ (ନି.ପ୍ର): ଦେଶର କିମ୍ବଦନ୍ତୀ ଧାବକ ତଥା ଉଡ଼ନ୍ତା ଶିଖ ମିଲଖା ସିଂ ଙ୍କ ବିୟୋଗରେ ବାଲେଶ୍ୱର ଜିଲା କ୍ରୀଡ଼ାସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ମିଲଖା ସିଂ ଙ୍କ ଦେହାନ୍ତ ଭାରତୀୟ କ୍ରୀଡ଼ା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଜଲା କ୍ରୀଡ଼ାସଂଘ ପକ୍ଷରୁ ଶୋକବାର୍ତ୍ତାରେ କୁହାଯାଇଛି। ଜିଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଧୀପ ଦାସ, ସାଧାରଣ ସମ୍ପାଦକ ଅଭୟ ମହାପାତ୍ର, ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ଓ ସମସ୍ତ ସଭ୍ୟ ମାନେ ଗଭୀର ଶୋକ ପ୍ରକାଶ କରିବା ସଙ୍ଗେ ସଙ୍ଗେ ମିଲଖା ସିଂଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ଅସରାଏ ବର୍ଷାରେ ଗାଁ ଦାଣ୍ଡ ଓ ମୁଖ୍ୟ ରାସ୍ତା ଅବସ୍ଥା ବେହାଲ୍: ଡ୍ରେନେଜ ବ୍ୟବସ୍ଥା ପାଇଁ ଦାବି

ଧର୍ମଶାଳା,୨୧/୬ (ନି.ପ୍ର): ଗ୍ରାଂଚଳର ରାସ୍ତା ଉନ୍ନତି ନିମନ୍ତେ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ତାହା ଲୋକଙ୍କ ହିତରେ ଆସୁ ନଥବବା ଅଭିଯୋଗ ହୋଇଛି। ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଂଚୟତରେ ଅସରାଏ ବର୍ଷାରେ ଗାଁ ଦାଣ୍ଡରେ ଓ ଏହାର ମୁଖ୍ୟ ରାସ୍ତାରେ ପାଣି ଭର୍ତି ହେବା ଫଳରେ ଯାତାୟତରେ ଲୋକେନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ଜଣାଡିଛି। ଏହି ଘଟଣାକୁ ନେଇ ବ୍ଲକ ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଏହି ବ୍ଲକ ବ୍ରହ୍ମବରଦା ପଂଚାୟତର ଚଣ୍ଡିମନ୍ଦିରଛକଠାରୁ ପୋଷ୍ଟ ଅଫିସ ରାସ୍ତା ଏବଂ ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତା ବ୍ରହ୍ମବରଦାସ୍ଥ ଇଦଗାହପଡିଆ ନିକଟରେ ଆଣ୍ଠୁଏ ଉଚ୍ଚର ପାଣି ଜମୁଛି। ଏହି ଅଂଚଳର ଏକମାତ୍ର ମୁଖ୍ୟ ରାସ୍ତା ହେଉଛି ପୋଷ୍ଟ ଅଫିସଠାରୁ ରାଇଛକ ପର୍ଯ୍ୟନ୍ତ। ଏହି ସବୁ ରାସ୍ତାକୁ ବିଭାଗୀୟ ପକ୍ଷରୁ କଂକ୍ରିଟ କରାଯାଇଥିଲା। ହେଲେ ଏହି ରାସ୍ତା ନିର୍ମାଣ ସମୟରେ କିଛି ତୃଟି ରହିଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ରାସ୍ତାର ମଧ୍ୟଭାଗକୁ ଉଚ୍ଚ କରାଯାଇଥିବା ବେଳେ ରାସ୍ତା କଡରେ ଡ୍ରେନେଜର କୌଣସି ସୁବିଧା କରାଗଲା ନାହିଁ। ଫଳରେ ସାମନ୍ୟ ବର୍ଷା ହେଲେ ଏହି ମୁଖ୍ୟ ରାସ୍ତା ଉପରେ ପାଣି ଲହଡି ଖେଳୁଛି। ଯାତାୟତ ନିମନ୍ତେ ପଥ ଚାରୀଙ୍କଠାରୁ ଆରମ୍ଭ କରି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନାନା ଅସୁବିଧାରେ ସମ୍ମୁଖୀନ ହେଉଥିବା ବେଳେ ଘର ଭିତରେ ରାତିରେ ସାପବେଙ୍ଗ ଘରେ ପଶୁଥିବା ନେଇ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ମୁଖ୍ୟ ରାସ୍ତାରେ ପାଣି ଜମି ଦୁର୍ଗନ୍ଧ ହେଉଛି। ଫଳରେ ଲୋକେ ନାନା ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବା ଜଣାପଡିଛି। ଏହି ଘଟଣାକୁ ନେଇ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନଥିବା ଅଭିଯୋଗ ହୋଇଛି। ତୁରନ୍ତ ଜିଲା ପ୍ରଶାସନ ଏହି ରାସ୍ତ ପ୍ରତି ଦୃଷ୍ଟି ଦେଇ ରାସ୍ତା ସାଙ୍ଗକୁ ଡ୍ରେନେଜର ବ୍ୟବସ୍ଥା କରିବାକୁ ଅଂଚଳବାସୀ ଦାବି କରିଛନ୍ତି।

# ପରିବାର ଲୋକଙ୍କ ପେଟକୁ ଦାନା ଦେବାପାଇଁ କଲମ ବଦଳରେ ହଳ ଧରିଛି ସୋମେ

ମାଲକାନଗିରି,୨୧/୬ (ନି.ପ୍ର): ମାଓ ଗଡ଼ର ରେ ରହି ସୁଦ୍ଧା ନିଜେ କାମ ଧାମ କରି ପାଠ ପଢିବାରେ କେବେ ମଧ୍ୟ ହେଳା କରିନଥିଲେ। ତେବେ ଦୁଇ ବର୍ଷ ତଳେ ମା ଙ୍କ ଶରୀର ଦୁର୍ବଳ ହୋଇପଡିବାରୁ ପାଠ ପଢ଼ାରେ ଡୋରି ଲାଗିଯିବା ପରେ ପେଟ ପାଇଁ ସଂଘର୍ଷ ଆରମ୍ଭ କଲେ ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ମାଟେରୁ ପଂଚାୟତ ଅନ୍ତର୍ଗତ ତେଗଡାପଲ୍ଲୀ ଗ୍ରାମ ର ସୋମେ ମାଡ଼ି। ହାତରେ କଲମ ଧରି ଭବିଷ୍ୟତ ଗଢ଼ିବା ବଦଳରେ ପରିବାର ଲୋକ ଙ୍କ ପେଟକୁ ଦାନା ଯୋଗାଇବା ପାଇଁ ହଳ ଧରିବାକୁ ବି ପଛାଇନାହାନ୍ତି ସୋମେ। ଗତ ୯ ବର୍ଷ ପୂର୍ବେ ସୋମେ ଙ୍କ ବାପା ଶାବେରୀ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ମୃତ୍ୟୁ ବରଣ କରିଥିଲେ। ଏହାପରେ ମା ଇର୍ମେ ଉଦ୍ୟମରେ ସୋମେ ପାଠ ପଢା ଜାରୀ ରଖିଥିଲେ। ହେଲେ ଗତ ୨୦୧୮ ମସିହାରେ ଇର୍ମେ ଙ୍କ ଶରୀର ଦୁର୍ବଳ ହୋଇପଡିବାରୁ ସୋମେ ର ପାଠ ପଢ଼ାରେ ଡୋରି ଲାଗିବାର ଆଶଙ୍କା ସୃଷ୍ଟି ହେଲା। ଏପରି ସ୍ଥିତିରେ ମଧ ସୋମେ ହାରି ନଯାଇ ଅସୁସ୍ଥ ମା ଓ ଦୁଇ କୁନି କୁନି ଭାଇ ଭଉଣୀ ଙ୍କ ଦେଖାଶୁଣା କରିବା ସହ ପାଠ ପଢି ଯୁକ୍ତ ଦୁଇ ପାସ କଲେ। ହେଲେ ଏହାପରେ ପରିବାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡିବାରୁ ମା ଓ ଛୋଟ ଭାଇ ଭଉଣୀ ଙ୍କ ପେଟକୁ ଦାନା ଯୋଗାଇବା ସହ ଛୋଟ ଭାଇ ରମେଶ କୁ ପାଠ ପଢାଇବା ପାଇଁ କଲମ ଛାଡି ହଳ ଧରିବାକୁ ସ୍ଥିର କଲା ସୋମେ। ଏଥିପାଇଁ ସେ ପ୍ରତ୍ୟକ ବର୍ଷ, ବର୍ଷା ସମୟରେ ଜମିରେ ହଳ ଚଳାଇବା ସହ ଚାଷବାସ ଶୈଳୀ ବାବଦରେ ସ୍ଥାନୀୟ ଲୋକଙ୍କ ଠାରୁ ଅବଗତ ହୋଇ ଚାଷକାର୍ଯ୍ୟକରି ବର୍ଷକ ପାଇଁ ଦାନା ଯୋଗାଡ କରୁଛି ସୋମେ। ଝିଅ ପିଲା ହେଲେ ମଧ ସୋମେ ଚଳିତ ବର୍ଷ ପ୍ରଥମ ବର୍ଷା ପରେ ନିଜ ଜମିରେ ହଳ କରିବା ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଘରର ମୁରବି ସାଜି ଚାଷ କାମ, ଜମିରେ ତୋଳି ରୋପଣ, ଫସଲ ଜଗିବା ଓ ଅମଳ କରିବା ପର୍ଯ୍ୟନ୍ତ ନିଜେ ହିଁ ସବୁ କିଛି ଦାୟିତ୍ୱ ନେଇଛି ସୋମେ। ଚାଷବାସ ପରେ ମହୁଲ, ଟୋଲ, ଚାରୁ ଫଳ ସଂଗ୍ରହ ଓ କେନ୍ଦୁପତ୍ର ତୋଳି ଋତୁ କାଳୀନ ଅର୍ଥ ରୋଜଗାର କରି ନିଜ ମଧ ନିଜ ପରିବାରକୁ ଆର୍ଥିକ ରୂପେ ସକ୍ଷମ କରିବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ମା ଇର୍ମେ ଙ୍କ ଶରୀର ଦୁର୍ବଳ ହେବା ପରେ କାଠ ଆଣି ରୋଷେଇ, ଘର ର ଅନ୍ୟାନ୍ୟ କାମ କରିବା ଠାରୁ ଆରମ୍ଭ କରି ଦୁଇ ଭାଇ ଭଉଣୀ ଙ୍କ ଯତ୍ନ ନେବା ସମସ୍ତ ଦାୟିତ୍ୱ ନିଜେ ସୋମେ ତୁଲାଉଛି। ନିଜର ଭବିଷ୍ୟତ ଗଢ଼ିବା ସମୟରେ ପରିବାରର ସମସ୍ତ ଅଳିକୁ ନିଜେ ପୂରଣ କରି ଆସୁଥିବା ଦୁର୍ଗମ ଅଂଚଳର ଏହି ଝିଅ ବାସ୍ତବରେ ସମାଜ ପାଇଁ ପ୍ରେରଣାଦାୟୀ। ଅନ୍ୟପଟେ ଏହି ପରିବାରକୁ ସରକାରଙ୍କ ପକ୍ଷ୍ୟରୁ କେବଳ ୨୫ କେଜି ଚାଉଳ ଓ ଇର୍ମେ ଙ୍କୁ ବିଧବା ଭତ୍ତା ମିଳୁଥିବା ବେଳେ ଅନ୍ୟ କୌଣସି ସରକାରୀ ଯୋଜନା ସାମିଲ କରାଯାଇ ନଥିବା ଜଣାପଡିଛି। ଏହି ପରିବାର ମାଟି କାନ୍ଥ ଥିବା ଚାଳ ଛପର ଘରେ ବର୍ଷ ବର୍ଷ ଧରି ରହି ଆସୁଥିବା ବେଳେ କୌଣଷି ସରକାରୀ ବାବୁ ଙ୍କ ଦୃଷ୍ଟି ପଡୁନଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଏଭଳି ଦୁର୍ଗମ ଅଂଚଳରେ ନେତା ଙ୍କ ଆନୁଗତ୍ୟ ମାନେ ବାସଗୃହ ପାଇବାକୁ ଯୋଗ୍ୟ ବିବେଚିତ ହେଉଥିବା ବେଳେ ସୋମେ ପରି ପରିବାରକୁ ଅଣଦେଖା କରାଯାଉଥିବା କୁହାଯାଉଛି। ଏପରି ସ୍ଥିତିରେ ସୋମେ ଓ ତାର ଭାଇ ଭଉଣୀଙ୍କ ପାଠ ପଢା ଦିଗରେ ସରକାର ଦୃଷ୍ଟି ଦେବା ସହ ଏହି ପରିବାକୁ ବିଭିନ୍ନ ସରକାରୀ ଯୋଜନା ରେ ସାମିଲ କରିବାକୁ ସାଧାରଣରେ ଦାବୀ ହୋଇଛି।

## ନଦୀରେ ବୁଡି ୨ଯୁବକଙ୍କ ସଲୀଳ ସମାଧି

ଧର୍ମଶାଳା,୨୧/୬ (ନି.ପ୍ର): ଯାଜପୁର ଜିଲାରେ ଅଘଟଣ। ଜଳ ନେଲା ଜୀବନ। ବ୍ରାହ୍ମଣୀ ନଦୀରେ ବୁଡି ଗଲେ ୨ ଯୁବକ। ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲା ବରୀ ବ୍ଲକ ଶଙ୍କରାକୂଳ ଗାଁ ନିକଟରେ। ମୃତ ୨ ଯୁବକ ହେଲେ ବାଲିଆ ଗ୍ରାମର ଶରତ ମିଶ୍ରଙ୍କ ପୁଅ ସୁନୀଲ(୨୩) ଓ କାଳନ୍ଦୀ ପଣ୍ଡାଙ୍କ ପୁଅ ଜିତେନ୍ଦ୍ର (୧୮)ବୋଲି ଜଣାପଡିଛି। ଆଜି ଦିବା ୧୧ ଟା ସମୟରେ ଦୁହେଁ ନଦୀକୁ ଗାଧୋଇବାକୁ ଯାଇଥିଲେ। ଅସାବଦାନତା କାରଣରୁ ଦୁହେଁ ନଦୀର ଗଭୀର ପାଣିରେ ବୁଡି ଯାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗାଁ ଲୋକେ ନଦୀରେ ବହୁ ଖୋଜାଖୋଜି କରିଥିଲେ। ବୁଡିବାର ଘଂଟାକ ପରେ ପ୍ରଥମେ ଜିତେନ୍ଦ୍ର ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହୋଇଥିଲେ। ପରେ ବରୀ ଅଗ୍ନୀଶମ ବିଭାଗର କର୍ମଚାରୀମାନେ ନଦୀରୁ ସୁନୀଲଙ୍କୁ ଉଦ୍ଧାର କରିଥିଲେ।

# ଫିରିଙ୍ଗିଆରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରଶାସନର ସ୍ୱତନ୍ତ୍ର ବୈଠକ

କନ୍ଧମାଳ,୨୧/୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପଂଚାୟତ ସମିତି ସଭାଗୃହ ଠାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରି ରଶ୍ମିରଞ୍ଜନ ମହନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତଙ୍କ ସମେତ ଅତିରିକ୍ତ ଥାନା ଅଧିକାରୀ ପ୍ରଦୀପ କୁମାର ରାଉଳ , ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମିଳନ କୁମାର ପ୍ରଧାନ ଓ ଡାକ୍ତର ପ୍ରଦ୍ୟୁମ୍ନ କୁମାର କହଁର ଓ ତାଙ୍କ ମେଡିକାଲ ଟିମ। ବ୍ଲକ ଏପିଓ ସୁମନ୍ତ ଉଠାଣ ସିଂ , ଜିତେନ୍ଦ୍ର ଅଚାର୍ଯ୍ୟ , ଫିରିଙ୍ଗିଆ ମହିଳା ଓ ଶିଶୁ ବିକାଶ ଅଧିକାରୀଙ୍କ ସହ ଫିରିଙ୍ଗିଆ ବ୍ଲକର ସମସ୍ତ ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ରାଜ୍ୟରେ ଲାଗି ରହିଥିବା ମହାମାରୀ କୋରେନା ଓ ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ତଥା ବନ୍ୟା , ବାତ୍ୟା ସହ ବିଭିନ୍ନ ପ୍ରକାର ଦୁର୍ଘଟଣା ଗୁଡିକର କିଭଳି ଭାବରେ ମୁକାବିଲା କରା ଯାଇପାରିବ ଓ ଅଂଚଳର ଜନସାଧାରଣ ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟରୁ ନିଜକୁ ନିଜେ କିଭଳି ଭାବରେ ସୁରକ୍ଷା ଦେଇପାରିବେ ସେ ବିଷୟରେ ଉପସ୍ଥିତ ଥିବା ଫିରିଙ୍ଗିଆ ଅଗ୍ନିଶବ ବିଭାଗ କର୍ମଚାରି ମାନଙ୍କ ସହ ଆଲୋଚନା କରିଥିଲେ।

# ଖାମଖିଆଲ ଓ ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ପୁଲିସ ହାତରୁ ଖସିଗଲା ଦୁଷ୍କର୍ମ ଅଭିଯୁକ୍ତ

ରାଉରକେଲା,୨୧/୬ (ନି.ପ୍ର): ସମ୍ପୂର୍ଣ୍ଣ ଢିଲା ଓ ଖାମଖିଆଲ ମନୋଭାବ ନେଇ ରାଉରକେଲା ଛେଣ୍ଡ ପୁଲିସ କାମ କରୁଥିବାର ଆଉ ଏକ ନମୁନା ପଦାକୁ ଆସିଛି। ଜଣେ ଦୁଷ୍କର୍ମ ଅଭିଯୋଗରେ ପୁଲିସ ହାତରେ ଗତକାଲି ଧରାପଡିବା ପରେ ତାକୁ କୋର୍ଟକୁ ଚାଲାଣ ଲାଗି ପୁଲିସ ପକ୍ଷରୁ ବ୍ୟବସ୍ଥା କରାଯାଉଥିବା ସମୟରେ ଢିଲା ସୁରକ୍ଷା ଓ ଖାମଖିଆଲ ମନୋଭାବ ଯୋଗୁ ସଂପୃକ୍ତ ଅଭିଯୁକ୍ତ ପୁଲିସକୁ ଚକମା ଦେଇ ଫେରାର ହୋଇଯାଇଥିବା ଜଣାପଡିଛି। ଏନେଇ ଛେଣ୍ଡ ପୁଲିସକୁ ଯୋଗା ଯୋଗ କରାଯାଇଥିଲେ ମଧ କୌଣସି ପ୍ରକାର ଉତର ମିଳିନାହିଁ। ରାଉରକେଲା ଛେଣ୍ଡ ଥାନା ,ଏଠି ଅଭିଯୋଗ କରିବାକୁ ଗଲେ କୁହାଯାଏ କୋଭିଡ ସମୟ ଆମେ ଯାଇପାରିବୁନି। ଘଟଣାର ୨୧ ଦିନ ଓ ଦେଢ ମାସ ପରେ ଏତଲାକାରୀଙ୍କୁ ନାନା କଥା ପଚରା ଯାଏ ଅଭିଯୁକ୍ତ ମାନଙ୍କୁ ନୁହେଁ, ସଂପୃକ୍ତ ଅଂଚଳ ଡିଏସପିଙ୍କୁ କହିଲେ ସେ ମଧ ଏହି ସ୍ୱରରେ ସ୍ୱର ମିଶାଇ ଦିଅନ୍ତି। ଛେଣ୍ଡରେ ପୁଲିସ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡି ପଡିଥିବା ଅଭିଯୋଗ ହେଉଥିବା ବେଳେ ଜଣେ ନୂଆ ଥାନା ଅଧିକାରୀ କେଇଦିନ ତଳେ ଏଠାରେ ଯୋଗ ଦେଇଛନ୍ତି, ହେଲେ ଗତକାଲି ଏକ ଦୁଷ୍କର୍ମ ମାମଲାରେ ଧରା ଯାଇଥିବା କିଶୋର ଦାସ (ଜଟ) ବିଷୟରେ ସଠିକ୍ ତଥ୍ୟ ନନେଇ ତାକୁ ଢିଲା ସୁରକ୍ଷା ବ୍ୟବସ୍ଥା ମଧରେ ଡାକ୍ତରଖାନାକୁ ଡାକ୍ତରୀ ମାଇନା ଲାଗି ନିଆଯାଇଥିବା ବେଳେ ଅଭିଯୁକ୍ତ ଜଟ ପୁଲିସକୁ ଚକମା ଦେଇ ତା ଲାଗି ଆସିଥିବା ବୁଲେଟରେ ବସି ଫେରାର ହୋଇଯାଇଛି। ଏହି ଘଟଣା ପଦାକୁ ଆସିବା ପରେ ପୁଲିସର ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣି ଥରେ ପ୍ରଶ୍ନ ଉଠିଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତ ଜଣେ ବିଦ୍ୟୁତ ବିଭାଗରେ ଠିକାରେ କାମ କରୁଥିବା କର୍ମଚାରୀ, ସେ ରାଜ୍ୟ ରାଜନୀତିର ଏକ ପ୍ରଭାବଶାଳୀ ପଲିଟିକାଲ ଦଳର ସ୍ଥାନୀୟ ଯୁବ ନେତା ଭାବେ ପରିଚିତ। ଛେଣ୍ଡ କଲୋନୀରେ ବିଜୁଳି ଜାଳୁଥିବା ଲୋକଙ୍କୁ ପ୍ରାୟ ଏହି ବାବୁଙ୍କ ନାମ ଜଣା। ବାବୁଙ୍କର ଆଡ୍ଡା ସବୁ ବେଳେ ହନୁମାନ ଛକରେ। ସେଠାରେ ବିଭିନ୍ନ ସାମାଜି କ କାମରେ ମଧ ସେ ସାମିଲ ରହୁଥିବା କୁହାଯାଏ, ତେଣୁ ପୁଲିସ ତାଙ୍କୁ ହୁଏତ ଖସେଇ ଦେଇଥାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ଖବରରୁ ପ୍ରକାଶ ଯେ, ଛେଣ୍ଡରେ ରହୁଥିବା ଜଣେ ମହିଳାଙ୍କୁ ସେ ଦୁସ୍କର୍ମ କରିଥିବା ନେଇ ଅଭିଯୋଗ ହେବା ପରେ ଛେଣ୍ଡ ପୁଲିସ ତାଙ୍କୁ ଗତକାଲି ସକାଳୁ ଥାନାକୁ ନେଇଥିଲା। ତାଙ୍କୁ କୋର୍ଟକୁ ଚାଲାଣ ଲାଗି ମେଡିକାଲ ପରୀକ୍ଷାର ଆବଶ୍ୟକ ହେବାରୁ ତାଙ୍କୁ ସରକାରୀ ମେଡିକାଲକୁ ପଠାଗଲା। କୌଣସି ଅଫିସର ନଥାଇ କେବଳ ୨ ଜଣ କନେଷ୍ଟବଲଙ୍କ ସହ ତାଙ୍କୁ ପଠା ଯାଇଥିଲା। ସେ ସେଠାରେ ପହଁଚିବା ପରେ ତାଙ୍କ ଲାଗି ସେଠାରେ ପହଁଚିଥିବା ବୁଲେଟରେ ସେ ଫେରାର୍ ହୋଇଗଲେ। ଏଠାରେ ପ୍ରଶ୍ନ ଉଠୁଛି ଯେ ଯଦି ଥାନା ଗାଡିରେ ଅଭିଯୁକ୍ତ ମେଡିକାଲକୁ ଗଲେ ତେବେ ସେ ବୁଲେଟ ବାଲା ସେଠାରେ ପହଁଚିଲା କେମିତି ? ଏହି ଟିମରେ କେଉଁ ଅଫିସର ସେଠାକୁ ଯାଇଥିଲେ ? ସେ ସେଠାରେ କଣ କରୁଥିଲେ ? ଛେଣ୍ଡ କଲୋନୀରେ ପ୍ରଭାବଶାଳି ବ୍ୟକ୍ତି ଭାବେ ପରିଚିତ ଏହି ଯୁବକଙ୍କ ଲାଗି ଏଭଳି ଢିଲା ସୁରକ୍ଷା ବ୍ୟବସ୍ଥା କରାଯିବା ପଛରେ କେଉଁ ମହତ ଉଦ୍ଦେଶ୍ୟ ରହିଛି ତାହା ମଧ ତଦନ୍ତ ସାପେକ୍ଷ। କଥାରେ ଅଛି ଘରେ ନପଶୁଣୁ ମୁଣ୍ଡରେ ଚାଳ ବାଜିବା ଭଳି , ଏହି ଥାନାରେ ମାତ୍ର କେଇଦିନ ତଳେ ଯୋଗଦାନ କରିଥିବା ଥାନା ବାବୁଙ୍କର ଯଦି ଗିରଫ ଅଭିଯୁକ୍ତଙ୍କ ପ୍ରତି ସୁରକ୍ଷା ବ୍ୟବସ୍ଥା ଏଇଭଳି ତେବେ ସେ ଛେଣ୍ଡ ବାସୀଙ୍କୁ କିଭଳି ସୁରକ୍ଷା ଦେବେ ସେ ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ବିବିଧ ବିଶ୍ୱ

ଦେଶ ବିଦେଶର ଜଣାଅଜଣା

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ମଙ୍ଗଳବାର, ୨୨ ଜୁନ୍ ୨୦୨୧


# ସିଲ୍କ ଶାଢ଼ିରେ ଟ୍ରେଣ୍ଡି ଡ୍ରେସ୍



**ଘରେ ପୁରୁଣା ସିଲ୍କ ଶାଢ଼ି ଥିବ ଯାହା କେବଳ ୱାର୍ଡରୋବର ଗୋଟିଏ କୋଣରେ ସାଇତା ହୋଇ ରହିଥିବ । ଏହାକୁ ନୂଆ ଅନ୍ଦାଜ୍ ଏବଂ ଷ୍ଟାଇଲିଶ ଲୁକ୍ ଦେବାକୁ ଚାହୁଁଥିଲେ, ଫ୍ୟାଶନ ଦୁନିଆରେ ଆସିଛି ନୂଆ ଫଣ୍ଡା । ଏଭଳି ଶାଢ଼ିରେ ଟ୍ରେଣ୍ଡି ଷଡ୍ସ୍ ତିଆରି କରି ମଡର୍ଣ୍ଣ ଲୁକ୍ ବି ପାଇପାରିବେ ।**

## ସିସଲ୍କ ସ୍କର୍ଟ କିମ୍ବା ସଚାରା :

ସିଲ୍କ ଶାଢ଼ିରେ ସଚାରା ଶୁଟ କିମ୍ବା ସ୍କର୍ଟ ତିଆରି କରି ପିନ୍ଧିପାରିବେ । ଫଙ୍କସନ ପାଇଁ ଏହା ସବୁଠୁ ବେଷ୍ଟ ଅପ୍ସନ । ଏଭଳି ଉପାୟ ଅନେକ ବଲିଉଡ ଅଭିନେତ୍ରୀ ଆପଣାଇ ସାରିଛନ୍ତି । ଚାହିଁଲେ ଏହି ଡିଜାଇନ ପାଇଁ ଡ୍ରେସର ତଳ ଭାଗକୁ ସିମ୍ପଲ ରଖିପାରିବେ ନଚେତ ଶାଢ଼ି ବର୍ଡର ଲଗାଇପାରିବେ ।



## ଡ୍ରେସ୍ :

ଯଦି କୌଣସି ବିବାହ ଉତ୍ସବରେ ଯୋଗଦେବାକୁ ଯାଉଛନ୍ତି, ତେବେ ସିଲ୍କ ଶାଢ଼ିରେ ତିଆରି ଡ୍ରେସ୍ ବେଶ୍ ସୁନ୍ଦର ଦିଶିବ । ପୁରୁଣା ଶାଢ଼ିରେ ୱାନ୍ ପିସ୍ ଡ୍ରେସ୍ ତିଆରି କରନ୍ତୁ; ଏହା ଭିଡ଼ ଭିତରୁ ଆପଣଙ୍କୁ ଅଲଗା ଲୁକ୍ ଦେବ । ରହିଲେ ତା' ଉପରେ ଏମ୍ବ୍ରୋୟଡରି ଡିଜାଇନ୍ କରିପାରିବେ ।

## ସିଲ୍କ କୁର୍ତ୍ତା :

ସ୍କର୍ଟ ସହ ସିଲ୍କ କୁର୍ତ୍ତା ପିନ୍ଧିବାର ଟ୍ରେଣ୍ଡ ଏବେ ବେଶ୍ ଚାହିଦାରେ ରହିଛି । ଶାଢ଼ିର ପ୍ଲେନ୍ ଭାଗକୁ ସ୍କର୍ଟ ଏବଂ ପଣତକୁ କୁର୍ତ୍ତା ପାଇଁ ବ୍ୟବହାର କରିପାରିବେ । ଶାଢ଼ି ପଣତର ଡିଜାଇନ ଭାଗକୁ ସମ୍ମୁଖକୁ ରଖିଲେ ବେଶ୍ ସୁନ୍ଦର ଦିଶିଥାଏ ।

## ସିଲ୍କ ଟ୍ରାଉଜର :

ଚାହିଁଲେ ୱେଷ୍ଟର୍ଣ୍ଣ ଡ୍ରେସ୍ସ୍ ଏଥିରେ ତିଆରି କରିପାରିବେ । ସିଲ୍କ ଟ୍ରାଉଜର୍ସ ଏବଂ କ୍ୟୁଲାଟ୍ସ ମଧ୍ୟ ତିଆରି କରି ପାରିବେ ।



## ସିଲ୍କ ଦୁପଟ୍ଟା :

ପ୍ଲେନ ଶୁଟ୍ ସହ ସିଲ୍କ ଶାଢ଼ିରେ ତିଆରି ଦୁପଟ୍ଟା ବେଶ୍ ରୟାଲ ଲୁକ୍ ଦେଇଥାଏ । ପାର୍ଟିୱେର ଭାବେ ଏହାକୁ ବ୍ୟବହାର କରିପାରିବେ ।



# ମସରୁମ୍ କୋର୍ମା



## ସାମଗ୍ରୀ:

କଟାପିଆଜ- ୧କପ୍, କଟା ବଟନ ଛତୁ- ୨କପ୍, କଟା ଆଳୁ- ୧, କଟାଗାଜର-୧/୨କପ୍, ଗ୍ରୀନ ମଟର-୧/୨କପ, କଟା କଞ୍ଚାଲଙ୍କା, ଅଦାରସୁଣ ପେଷ୍ଟ- ୧ଚାମଚ, ଲଙ୍କାଗୁଣ୍ଡ-୧/୨ ଚାମଚ, ଧନିଆଗୁଣ୍ଡ-୧/୨ ଚାମଚ, ହଳଦୀ ଗୁଣ୍ଡ,୧/୨ ଚାମଚ, ଦହି-୧/୨କପ୍, କାଜୁ-୫୦ଗ୍ରାମ, ଚାରମଗଜ-୧/୪ କପ୍, ନଡ଼ିଆ କୋରା- ୧/୨ କପ୍, ତେଜପତ୍ର-୨, ଗୁଜରାତି -୨. ଲବଙ୍ଗ-୨, ଜିରା-୧/୪ ଚାମଚ, ଡାଲଚିନି-୧ଇଞ୍ଚ, କଟା ଧନିଆ ପତ୍ର-୨ଚାମଚ, ଲୁଣ, ତେଲ, ତେଲ ଏବଂ ପାଣି ଆବଶ୍ୟକ ଅନୁସାରେ ।

## ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ଚାରମଗଜ, କାଜୁକୁ ପାଣିରେ କିଛି ସମୟ ଭିଜାଇ ରଖନ୍ତୁ । ଗ୍ରାଇଣ୍ଡରରେ କୋରା ନଡ଼ିଆ, ଅଳ୍ପ ପିଆଜ, ଚାରମଗଜ, କାଜୁକୁ ପକାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏବେ କଡ଼େଇରେ ତେଲ ଗରମ କରି ଜିରା, ତେଜପତ୍ର, ଲବଙ୍ଗ, ଗୁଜରାତି ଏବଂ ଡାଲଚିନି ପକାନ୍ତୁ । ସାମାନ୍ୟ ଭାଜି ହେବା ପରେ ବଳକା ପିଆଜ, କଞ୍ଚାଲଙ୍କା ପକାଇ ସୁନେଲି ହେବାକୁ ଛାଡ଼ନ୍ତୁ । ଏବେ ଅଦାରସୁଣ ପେଷ୍ଟ, ଧନିଆ ଗୁଣ୍ଡ, ଜିରାଗୁଣ୍ଡ, ହଳଦୀ, ସାମାନ୍ୟ ଲୁଣ, ଲଙ୍କାଗୁଣ୍ଡ ପକାଇ ମସଲାକୁ କଷନ୍ତୁ । ମସଲା କଷି ହେବା ପରେ ସେଥିରେ ଗ୍ରୀନ ମଟର, ଛତୁ ଏବଂ ଆଳୁ ପକାଇ କିଛି ସମୟ ସିଝିବାକୁ ଛାଡ଼ନ୍ତୁ । ଏବେ ସେଥିରେ କାଜୁ ମିଶ୍ରଣ ପେଷ୍ଟକୁ ପକାଇ ଆଉ ଟିକିଏ ଗୋଳାନ୍ତୁ । ଶେଷରେ ଦହି ଓ ସାମାନ୍ୟ ପାଣି ଲୁଣ ପକାଇ ଘୋଡ଼ାଇ ଦିଅନ୍ତୁ । ଫୁଟିଆସଲେ ପ୍ଲେଟକୁ କାଢ଼ ଧନିଆ ପତ୍ରରେ ଗାର୍ଣ୍ଣିସ୍ କରି ଗରମ ପରଷନ୍ତୁ ।



## ଜାଣନ୍ତି କି ?

ଚବିଶ ବର୍ଷରୁ କମ ବୟସ୍କଙ୍କୁ କୌଣସି ପ୍ରକାରର ଅବସାଦ ବିରୋଧୀ ଔଷଧ ବା ଆଣ୍ଟି-ଡିପ୍ରେସାନଟ ଦେବା ବିପଦଜ୍ଜନକ ହୋଇପାରେ । କମ୍ ବୟସ୍କଙ୍କଠାରେ ଏ ଭଳି ଔଷଧ ଆତ୍ମହତ୍ୟା ପ୍ରବଣତା ଚଢ଼ାଉଥିବା, ଏକ ଅଧ୍ୟୟନରୁ ଜଣାପଡ଼ିଛି ।

ଯେଉଁ ଶିଶୁମାନେ ନଖ କାମୁଡ଼ନ୍ତି, ଆଙ୍ଗୁଠି ଚୂଷନ୍ତି, ସେମାନେ ଭବିଷ୍ୟତରେ ଆଲର୍ଜି ଭୋଗିବାର ଆଶଙ୍କା ଅନ୍ୟମାନଙ୍କ ତୁଳନାରେ ଢ଼େର ଅଧିକ । ଜୀବାଣୁ -ବିରୋଧୀ ସାବୁନ ମଣିଷ ଶରୀରରେ ହରମୋନ-ଭାରସାମ୍ୟ ନଷ୍ଟ କରୁଥବବା ପ୍ରମାଣିତ । ତେଣୁ, ସମସ୍ତେ ଏ ବାବଦରେ ସତର୍କ ରହିବା ଉଚିତ ।

# କେଶ ଝଡ଼ା ରୋକିବ ପିଆଜ




ପ୍ରତିଦିନ ମୁଣ୍ଡ କୁଣ୍ଡାଇଲେ କିଛି କେଶ ଉପୁଡ଼ିଯାଏ ଓ କେତେକ କ୍ଷେତ୍ରରେ କେଶ ମଧ୍ୟ ବଢ଼ିନଥାଏ । ଯାହାକୁ ଭାବି ଆମେ ବହୁତ ଦୁଃଖ ଅନୁଭବ କରିଥାଉ । ଆମେ ସାଧାରଣତଃ ଭାବୁ ମାନସିକ ଦୁଶ୍ଚିନ୍ତା ଯୋଗୁଁ କେଶ ଝଡ଼ିଥାଏ । ପ୍ରକୃତରେ ଏପରି କିଛି ହୋଇ ନନଡ଼ଥାଏ । କେଶ ଝଡ଼ିବା ରୋକିବାକୁ ଓ କେଶ ବଢ଼ାଇବାକୁ ଆମେ ଅନେକ ପ୍ରକାର କେମିକାଲ ବ୍ୟବହାର କରିଥାଉ । କିନ୍ତୁ ଏଥିରେ କେଶ ଝଡ଼ିବା ବନ୍ଦ ହୋଇନଥାଏ, ବରଂ ଅଧିକ କ୍ଷତି ହୋଇଥାଏ । ଅନେକ ସମୟରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ । ତେବେ ଆମ ହାତପାହାନ୍ତାରେ ଏମିତି କିଛି ଜିନିଷ ସବୁ ରହିଛି ଯାହାକୁ ଆମେ କେଶ ଝଡ଼ିବା ରୋକିବା ପାଇଁ ବ୍ୟବହାର କରିପାରିବା । ପୁଣି ସେଗୁଡ଼ିକରେ ପାର୍ଶ୍ୱ ପ୍ରତିକ୍ରିୟାର ବି ଭୟ ନଥାଏ । ଯେପରିକି ପିଆଜ । ପିଆଜ ରସ କେଶ ଝଡ଼ା ରୋକିବାରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇତାଏ । ପିଆଜ ରସ କେଶର ମୂଳକୁ ଶକ୍ତ ରଖେ । ଫଳରେ କେଶ ଝଡ଼ିବା ରସରେ କୌଣସି କେମିକାଲ୍ ନଥାଏ । ସେଥିପାଇଁ ତାକୁ ବ୍ୟବହାର କଲେ ଆମ କେଶର ଉପରେ କିଛି ଖରାପ ପ୍ରଭାବ ପକାଇ ନଥାଏ । ଏଥିରୁ ଆଉ ଏକ ଉପକାର ବି ମିଳିଥାଏ । ଏହି ରସ ବ୍ୟବହାର କରିବା ଦ୍ୱାରା ରୁପି ସମସ୍ୟା ଦୂର ହୋଇଥାଏ ।

**ପ୍ରଥମେ ପିଆଜ ରସକୁ କେଶରେ ସବୁଅଂଶରେ ଭଲ ଭାବେ ଲଗାଇଦେବା । ଲଗାଇବାର ୩୦ ମିନିଟ୍ ପରେ କେଶକୁ ସାମ୍ପୁ ଦ୍ୱାରା ଧୋଇଦେବା । ପିଆଜ ରସକୁ ଆମେ ପ୍ରତିଦିନ ମହୁ ସହିତ ମିଶାଇ କେଶରେ ଲଗାଇପରିବା ।**

# ଘରୁ ସୁଖଶାନ୍ତି ହଜି ଯାଇଛି କି ? : ବ୍ୟବହାର କରନ୍ତୁ କର୍ପୁର

ଘରେ ସବୁବେଳେ ସୁଖଶାନ୍ତି ବିରାଜମାନ କରୁ ବୋଲି ସମସ୍ତେ କାମନା କରିଥା'ନ୍ତି । ହେଲେ ବହୁ ପ୍ରଚେଷ୍ଟା ସତ୍ତ୍ୱେ ବେଳେବେଳେ ଏପରି ସ୍ଥିତି ଉପୁଜେ, ଯାହା ଦ୍ୱାରା ଘରର ଶାନ୍ତି ଭଙ୍ଗ ହୁଏ । ଏପରି ସ୍ଥିତି ଘରର ବାସ୍ତୁ ଦୋଷ ଯୋଗୁ ମଧ୍ୟ ସୃଷ୍ଟି ହୋଇପାରେ । ଘରର ବାସ୍ତୁ ଦୋଷ ଦୂର କରିବାକୁ ଲୋକ ବହୁ ଚେଷ୍ଟା କରିଥା'ନ୍ତି । ଏଥିପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରନ୍ତି । ଏଥିରୁ କେତେବେଳେ ସୁଫଳ ମିଳିଥାଏ ତ କେତେବେଳେ ନିରାଶ ହେବାକୁ ପଡ଼ିଥାଏ । ହେଲେ ଜାଣିଛନ୍ତି, ଖଣ୍ଡେ କର୍ପୁର ଘରୁ ବାସ୍ତୁ ଦୋଷ ଦୂର କରିପାରେ । କର୍ପୁରର ବ୍ୟବହାର ଦ୍ୱାରା ଘର ସକାରାତ୍ମକ ଶକ୍ତି ଭରି ଯାଇଥାଏ । ଏଥିପାଇଁ ଆପଣ ସବୁଦିନ ସକାଳେ ଓ ସନ୍ଧ୍ୟାରେ ଘରେ ଦେଶୀ ଘିଅରେ କର୍ପୁର ରଖି ତାକୁ ଜାଳନ୍ତୁ । ଏହାକୁ ଘରର ଚାରିପଟେ ବୁଲାଇଲେ ଘରେ ସୁଖଶାନ୍ତି ବିରାଜମାନ କରିଥାଏ । କର୍ପୁରର ବ୍ୟବହାର ଦ୍ୱାରା ଘରେ ମା' ଲକ୍ଷ୍ମୀଙ୍କ କୃପା ବଜାୟ ରହେ ବୋଲି କୁହାଯାଏ । ଏଥିପାଇଁ



ଆପଣ କର୍ପୁର ଓ ଲବଙ୍ଗର ବ୍ୟବହାର କରିପାରିବେ । ସବୁଦିନ ରାତିରେ ରୋଷେଇ ଘର କାମ ସରିବାପରେ ଏକ ପାତ୍ରରେ କର୍ପୁର ଓ ଲବଙ୍ଗକୁ ନେଇ ସେଥିରେ ଅଗ୍ନି ସଂଯୋଗ କରନ୍ତୁ । ଏପରି କରିବା ଦ୍ୱାରା ଆପଣଙ୍କ ଘରର ଭଣ୍ଡାର କେବେବି ଖାଲି ରହିବ ନାହିଁ ।

# ମହିଳାଙ୍କ ଅଣ୍ଟାବିନ୍ଧାର କାରଣ ଇଣ୍ଟରନେଟ୍



ଅଣ୍ଟାବିନ୍ଧା ଏଭଳି ଏକ ରୋଗ ଯାହା ଏଥିରେ ପୀଡିତ ବ୍ୟକ୍ତିଙ୍କୁ ମାନସିକ ସ୍ତରରେ ଅଧିକ ଆଘାତ ପହଞ୍ଚାଇ ଥାଏ । ନିୟମିତ ଔଷଧ ସେବନ କରିବା ଦ୍ୱାରା ଉପଶମ ମିଳିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ରୂପେ ଭଲ ହୋଇ ନ ଥାଏ । ମହିଳାମାନେ ଇଣ୍ଟରନେଟ୍ ବ୍ୟବହାର କରିବା ଦ୍ୱାରା ଅଣ୍ଟାବିନ୍ଧା ରୋଗରେ ପୀଡିତ ହୋଇଥାନ୍ତି ବୋଲି ଏକ ଗବେଷଣାରୁ ଜଣାପଡିଛି । ବ୍ରିଟେନ୍‌ର ଗବେଷକମାନେ କରିଥିବା ଏକ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ, ଇଣ୍ଟର୍‌ନେଟ୍ ମାଧ୍ୟମରେ ପେସ୍‌ବୁକ୍, ଟ୍ୱିଟର୍ ଭଳି ସୋସିଆଲ୍ ନେଟ୍‌ୱର୍କିଂ ସାଇଟ୍ ବ୍ୟବହାର କରୁଥିବା ଅଧିକାଂଶ ମଧ୍ୟମ ବୟସ୍କା ମହିଳା ଅଣ୍ଟାବିନ୍ଧା ଯନ୍ତ୍ରଣା ଭୋଗ କରିଥାନ୍ତି । ଏ ସମ୍ପର୍କରେ ଜାଣିବା ନିମନ୍ତେ ଗବେଷକମାନେ ସୋସିଆଲ ନେଟ୍‌ୱର୍କିଂ ସାଇଟ୍ ବ୍ୟବହାର କରୁଥିବା ୩୫ ରୁ ୫୦ ବର୍ଷ ବୟସ୍କା ୧୦୦୦ ମହିଳାଙ୍କ ମତ ସଂଗ୍ରହ କରିଥିଲେ । ପ୍ରତି ୪ ଜଣରୁ ୩ ଜଣ ଅର୍ଥାତ୍ ୭୫ ପ୍ରତିଶତ ମହିଳା ଦୀର୍ଘ ସମୟ ଇଣ୍ଟର୍‌ନେଟ୍ ବ୍ୟବହାର କରି ଦାରୁଣ ଅଣ୍ଟାବିନ୍ଧା ଯନ୍ତ୍ରଣା ଭୋଗୁଥିବାର କହିଥିଲେ । ପ୍ରତି ୫ ଜଣରୁ ଜଣେ ଅର୍ଥାତ୍ ୨୦ ପ୍ରତିଶତ ମହିଳା ପ୍ରତିଦିନ ଅଣ୍ଟାବିନ୍ଧା ଯନ୍ତ୍ରଣାର ଶିକାର ହେଉଥିବା କହିଥିଲେ । ୩ ଭାଗରୁ ଏକ ଭାଗ ମହିଳା ଅଳ୍ପ କେତେ ଦିନ ବ୍ୟବଧାନରେ ଅଣ୍ଟାବିନ୍ଧା ଯନ୍ତ୍ରଣା ଭୋଗ କରୁଥିବାବେଳେ ୪ ଭାଗରୁ ଏକ ଭାଗ ମହିଳା ପ୍ରତି ସପ୍ତାହରେ ଥରେ ପିଠି ଯନ୍ତ୍ରଣା ଅନୁଭବ କରିଥାନ୍ତି ବୋଲି କହିଥିଲେ । ତେବେ ଅଂଶଗ୍ରହଣ କାରୀଙ୍କ ଯନ୍ତ୍ରଣା ଯୋଗୁ ସହଜରେ ଚାଲି ପାରନ୍ତି ନାହିଁ ବୋଲି



ମତ ଦେଇଥିଲେ । ଅଣ୍ଟାବିନ୍ଧା ଏଭଳି ଏକ ରୋଗ ଯାହା ଇଣ୍ଟନେଟ୍ ବ୍ୟବହାରକାରୀଙ୍କ ଜୀବନରେ ଅନେକ ଅସୁବିଧା ସୃଷ୍ଟି କରିଥାଏ । ଅଣ୍ଟାବିନ୍ଧାରେ ପୀଡିତ ବ୍ୟକ୍ତି ନିଜର ଦୈନନ୍ଦିନ କାର୍ଯ୍ୟକୁ ସଠିକ ଭାବରେ ସମ୍ପାଦନ କରିପାରନ୍ତି ନାହିଁ ଯାହି । ଫଳରେ ସେମାନଙ୍କ ସାମାଜିକ ଜୀବନ କ୍ଷତିଗ୍ରସ୍ତ ହୁଏ ବୋଲି ଫିଜିଓ ଥେରାପିଷ୍ଟ ସ୍ୟାମି ମାର୍ଗୋ କହିଛନ୍ତି ।

# ଯୋଗ ପ୍ରୟୋଗ ସହଜ ବୀରାସନ

**ଛିଡାହେବା ଏବଂ ଚାଲିବା ଶରୀରର ପ୍ରମୁଖ କାର୍ଯ୍ୟ । ପାଦ, ଗୋଡ ଏବଂ ଜଙ୍ଘ ଏହି କାର୍ଯ୍ୟ ଲାଗି ବିଶେଷ ଭୂମିକା ଗ୍ରହଣ କରିଥାଏ । ଏଥିରେ ବଳାଗଣ୍ଠି, ଆଣ୍ଠୁ ଓ ନିତମ୍ବ ଅସ୍ଥିର ଯୋଡେଇ ସ୍ଥାନ ଉପରେ ଚାପ ପଡେ । ଏସବୁ ସ୍ଥାନକୁ ସୁସ୍ଥ ଓ ସୁଦୃଢ ରଖିବା ଲାଗି ବୀରାସନ ଖୁବ୍ ସହଜ ଏବଂ ସୁନ୍ଦର ଉପାୟ ।**

*ପ୍ରକ୍ରିୟା :*

- ଟାଣ ଫୋମ୍ ବା ସ୍ୱଞ୍ଜର ଦୁଇଟି ୮X୪X୪ ଇଞ୍ଚ ଇଟା ନିଅନ୍ତୁ ।
- ତଳେ ଏକ ଲମ୍ବା ଚଟେଇ କିମ୍ବା ଚାଦର ବିଛାଇ ଚକା ପକାଇ ସଳଖ ଭାବେ ବସିପଡନ୍ତୁ ।
- ଇଟା ଦୁଇଟିକୁ ଗୋଟିଏ ଉପରେ ଗୋଟିଏ ରଖିବେ ।
- ନିତମ୍ବ ତଳେ ଯେପରି ଇଟା ରହୁଥିବ ।
- ଆଣ୍ଠୁ ଦୁଇଟିକୁ ଆରାମରେ ପରସ୍ପର ସହ ଯୋଡି ରଖନ୍ତୁ ।
- ଧୀରେ ଶ୍ୱାସକ୍ରିୟା ସହ ପ୍ରାୟ ତିନି ମିନିଟ୍ ଏପରି ସ୍ଥିତିରେ ରହିବେ ।
- ଏବେ ଧୀରେ ଉଠିବା ସହ ଗୋଡଦୁଇଟିକୁ ଆଗକୁ ଲମ୍ବାଇ ଦିଅନ୍ତୁ ।
- ଚକା ପକାଇ ବସିବେ ଏବଂ କିଛି ସମୟ ଆରାମ କରିବା ପରେ ଏହାର ପୁନରାବୃତ୍ତି କରିପାରନ୍ତି ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୨ ଜୁନ୍ ୨୦୨୧, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## କଂଗ୍ରେସର ଦୁର୍ବଳ ସ୍ଥିତି...

କଂଗ୍ରେସ ଦଳ ଭିତରେ ଦିନକୁ ଦିନ ଅସନ୍ତୋଷର ସ୍ୱର ସ୍ପଷ୍ଟତର ହେବାରେ ଲାଗିଛି । ଜି-୨୩ ଗୋଷ୍ଠୀ ଅସନ୍ତୁଷ୍ଟ ନେତାମାନେ ଦଳରେ ତୁରନ୍ତ ସାଂଗଠନିକ ସଂସ୍କାର ଆବଶ୍ୟକ ବୋଲି ଯେଉଁ ପ୍ରସ୍ତାବ ଦେଇଛନ୍ତି, ତାହା ଉପରେ ବରିଷ୍ଠ କଂଗ୍ରେସ ନେତା ସଲମାନ୍ ଖୁର୍ସିଦ୍ ତୁରନ୍ତ ପ୍ରତିକ୍ରିୟା ପ୍ରକଟ କରିଛନ୍ତି । ଖୁର୍ସିଦ କହିଛନ୍ତି ଯେ, ସଂସ୍କାର କେବଳ ରାତାରାତି ଆସେନାହିଁ । ଏଥିପାଇଁ ତ୍ୟାଗ କରିବାକୁ ପଡ଼ିଥାଏ ଏବଂ ଯେଉଁମାନେ ସଂସ୍କାର ପାଇଁ ଏତେ ବ୍ୟାକୁଳ ସେମାନେ ପ୍ରଥମେ ତ୍ୟାଗ କରି ଦେଖନ୍ତୁ । କଂଗ୍ରେସ ଦଳ ଭିତରେ ଏହି ଜି-୨୩ ଗୋଷ୍ଠୀର ସଦସ୍ୟ କହିଲେ କପିଳ ସିବଲ୍, ଗୁଲାବ ନବୀ ଆଜାଦ, ଆନନ୍ଦ ଶର୍ମା, ମିଲିନ୍ଦ ଦେଓରାଙ୍କ ଭଳି ବରିଷ୍ଠ ନେତାଙ୍କୁ ବୁଝାଏ । ଜୁନ୍ ୯ ତାରିଖ ଦିନ ଉତ୍ତର ପ୍ରଦେଶରେ ଜିତିନ ପ୍ରସାଦ କଂଗ୍ରେସ ଛାଡ଼ି ଯେତେବେଳେ ବିଜେପିରେ ଯୋଗଦେଲେ ସେତେବେଳେ ତାଙ୍କର ଏଭଳି କାର୍ଯ୍ୟ ସଂପର୍କରେ ମନ୍ତବ୍ୟ ଦେଇ ବୀରାପ୍ପା ମୋଇଲୀ ମଧ୍ୟ ଦଳରେ ତୁରନ୍ତ 'ବଡ଼ ଧରଣର ଅସ୍ତ୍ରୋପଚାର' ଅର୍ଥାତ, ସଂସ୍କାର ପାଇଁ ସିଧାସଳଖ ମତ ଦେଇଥିଲେ । କଂଗ୍ରେସ ଦଳ ଏବେ ଏକ ବିଚିତ୍ର ସ୍ଥିତି ଦେଇ ଗତି କରୁଛି । କେବଳ କେନ୍ଦ୍ରୀୟ ସ୍ତରରେ ସାଂଗଠନିକ ସଂସ୍କାର ପାଇଁ ଅସନ୍ତୁଷ୍ଟମାନେ ଦିନକୁ ଦିନ ସ୍ୱର ଉତ୍ତୋଳନ କରୁନାହାଁନ୍ତି, ଉଣା ଅଧିକେ ଅଧିକାଂଶ ରାଜ୍ୟରେ ଗୋଷ୍ଠୀ କନ୍ଦଳ ଘଟଣା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି ।

ଗତ ପାଂଚ ସାତ ବର୍ଷ ଭିତରେ ଅନେକ ବରିଷ୍ଠ ନେତା ଦଳ ଛାଡ଼ିଛନ୍ତି । ସେମାନଙ୍କ କଥା ଦୂରେ ଥାଉ, ଏବେ ପଂଜାବଠାରୁ ରାଜସ୍ଥାନ ପର୍ଯ୍ୟନ୍ତ, ଉତ୍ତର ପ୍ରଦେଶଠାରୁ ନେଇ ଆସାମ ପର୍ଯ୍ୟନ୍ତ ସବୁଠାରେ ଦଳ ଛାଡ଼ିବା ଘଟଣା ଜାରି ରହିଛି । ମାତ୍ର ଦୁଇ ଦିନ ପୂର୍ବେ ଆସାମରେ କଂଗ୍ରେସ ବିଧାୟିକା ରୂପଜ୍ୟୋତି କୂର୍ମି ଦଳ ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି । ଜିତିନ ପ୍ରସାଦଙ୍କ ଦଳ ତ୍ୟାଗରେ କଂଗ୍ରେସ କିଛି ପ୍ରତିକ୍ରିୟା ପ୍ରକଟ କରୁଅବା ନକରୁ ଏହା ଦଳ ପାଇଁ ଏକ ବଡ଼ ଧକ୍କା । ଉତ୍ତରପ୍ରଦେଶ ଏବଂ ପଂଜାବରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଏବେଠାରୁ ସେଠାରେ ବିଜେପି ସମେତ ଅନ୍ୟ ରାଜନୈତିକ ଦଳମାନେ ନିଜର ସାଂଗଠନିକ ଶକ୍ତିକୁ ମଜଭୁତ କରିବାକୁ ଚେଷ୍ଟା ଚଳାଇଥିବା ବେଳେ କଂଗ୍ରେସର ଦୁର୍ଗ ପତନ ଘଟି ଚାଲିଛି । ପଂଜାବ ଏବଂ ରାଜସ୍ଥାନ ଦୁଇ କଂଗ୍ରେସ ଶାସିତ ରାଜ୍ୟ । କିନ୍ତୁ ସେଠାରେ ମୁଖ୍ୟମନ୍ତ୍ରୀ ଥିବା କ୍ୟାପଟେନ ଅମରୀନ୍ଦର ସିଂହ ଏବଂ ଅଶୋକ ଗେହଲଟଙ୍କ ବିରୋଧରେ ଦଳର ଅସନ୍ତୁଷ୍ଟ ଗୋଷ୍ଠୀ ଖୋଲାଖୋଲି ଭାବେ ଦୀର୍ଘ ଦିନରୁ ନିଜର ଅସନ୍ତୋଷ ବ୍ୟକ୍ତ କରି ଆସୁଥିଲେ ସୁଦ୍ଧା କେନ୍ଦ୍ରୀୟ ନେତୃତ୍ୱ ନା ତାହାର ସମାଧାନ କରୁଛନ୍ତି ନା ଅସନ୍ତୁଷ୍ଟଙ୍କୁ ସାବାଡ଼ କରୁଛନ୍ତି । ସଚିନ ପାଇଲଟ ହୁଅନ୍ତୁ ଅବା ନବଜୋତ ସିଂହ ସିଦ୍ଧୁ ଗୋଷ୍ଠୀ, ଏମାନେ ଦିଲ୍ଲୀ ଦରବାରରେ ବାରମ୍ୱାର ଫେରାଦ ହୋଇ ଥକ୍କି ପଡ଼ିବା ପରି ମନେହୁଏ । କେବଳ ଏହିସବୁ ରାଜ୍ୟ ନୁହେଁ, ମଧ୍ୟପ୍ରଦେଶ, ଛତିଶଗଡ଼, ବିହାର, ଗୁଜରାଟ, ମହାରାଷ୍ଟ୍ର ଏବଂ ଦାକ୍ଷିଣାତ୍ୟ ରାଜ୍ୟମାନଙ୍କରେ ମଧ୍ୟ ଅନରୂପ ଗୋଷ୍ଠୀ କନ୍ଦଳ ଓ ନେତୃତ୍ୱର ଅଭାବ ଜଳଜଳ ହୋଇ ଦୃଶ୍ୟମାନ । ସମସ୍ତଙ୍କର ଇଙ୍ଗିତ ଘରର ମୁରବିଙ୍କ ଆଡ଼କୁ । ମୁରବି ଦୃଢ଼ ହେଲେ ଅନ୍ୟମାନେ ଆପେ ଆପେ ଶୃଙ୍ଖଳିତ ହୋଇଯିବେ । କିନ୍ତୁ ଦଳରେ ଏବେ ନେତୃତ୍ୱର ଅଭାବ । ରାହୁଲ ଗାନ୍ଧିଙ୍କ କଂଗ୍ରେସ ଅଧ୍ୟକ୍ଷ ପଦ ଛାଡ଼ିବା ପରେ ସେ ଆସନ ଖାଲି । ସୋନିଆ ଗାନ୍ଧି କେବଳ କାମଚଳା ଅଧ୍ୟକ୍ଷା ଭାବେ ତାହା ସମ୍ଭାଳୁଛନ୍ତି । ସୀତାରାମ କେଶରୀଙ୍କଠାରୁ ନେତୃତ୍ୱ ନେଇ ଗଲା ଦୁଇ ଦଶନ୍ଧି ପୂର୍ବେ ଯେ, ନିଜ ନେତୃତ୍ୱର ଯେଉଁ ଚମକ ଦେଖାଇଥିଲେ ତାହା ଆଉ ତାଙ୍କଠାରେ ଦୃଶ୍ୟ ହୁଏନାହିଁ । ପୁଣି ଦଳ ସମ୍ଭାଳିବାକୁ ରାହୁଲ ନାରାଜ । ବଂଶବାଦ ଦ୍ୱାରା କଂଗ୍ରେସ ପରିଚାଳିତ ହେଉ ଅବା ଗଣତାନ୍ତ୍ରିକ ଢ଼ାଂଚାରେ, ଏଥିପାଇଁ ଯେ ଏକ ବଳିଷ୍ଠ ନେତୃତ୍ୱର ଆବଶ୍ୟକତା ରହିଛି ତାହା ସମୟର ଆହ୍ୱାନ ଓ ଦେଶର ଆବଶ୍ୟକତା । କିନ୍ତୁ ଉଭୟ ଦୃଷ୍ଟିରୁ କଂଗ୍ରେସ ସେ ଆକାଂକ୍ଷା ପୂରଣ କରିବାରେ ବିଫଳ ହୋଇଛି । ଏହା ଦଳ ପାଇଁ କଦାପି ଶୁଭଙ୍କର ହୋଇନପାରେ । ତେଣୁ ଦଳର ଅନେକ ନେତା ନିଜ ରାଜନୈତିକ ଭବିଷ୍ୟତ ସନ୍ଧାନରେ ସଂଗଠନ ଛାଡ଼ିବାରେ ଲାଗିଛନ୍ତି । ଯଦି ଏହି ଧାରା ଜାରି ରହେ, ତେବେ ଦଳର ଭବିଷ୍ୟତ କ'ଣ ହେବ ତାହା ସହଜରେ ଅନୁମେୟ ।




## କଳ୍ପନାର ଆର୍ଯ୍ୟଭୂମି ...

ସ୍ୱାଗତ ମିଶ୍ର

ସମୟ ସ୍ରୋତର ସମତାଳରେ
ବଦଳିଯାଇଥିବା ପାରିପାର୍ଶ୍ୱିକ ପରିସ୍ଥିତି
ବିଗିଡ଼ି ଯାଇଥିବା ପାଣିପାଗ
ପରିବର୍ତ୍ତିତ ମାନବର ନବ ରୂପ
ପରିବର୍ଦ୍ଧିତ ସଂପର୍କର ନୂତନ ସେତୁ
ଆଧୁନିକ ଯୁଗର ଚାକଚକ୍ୟ
ଯାନ୍ତ୍ରିକ ସଭ୍ୟତାର କୋଳାହଳ
ଆଜି ସବୁ ମହାକାଳରେ
ଲୀନ ହେବାକୁ
ନିଜ ନିଜ ମଧ୍ୟରେ କରୁଛନ୍ତି
ପ୍ରତିଯୋଗିତା ।

ଟିକେ ଅପେକ୍ଷା କର
ଆଉ ମାତ୍ର କିଛି କ୍ଷଣ ରୁହ
ଶେଷ ସମୟରେ ସ୍ୱଚକ୍ଷୁରେ ଦେଖିଯିବ
ପ୍ରକୃତିର ତାଣ୍ଡବ ଲୀଳାକୁ
କେତେ ଦିନ ଆଉ ଖେଳିପାରିବ
ମୃତ୍ୟୁ ସହ ଲୁଚକାଳି ଖେଳ
ଏବେ ତୁମେ କ୍ଲାନ୍ତ
ବିଶ୍ରାମ ନିଅ କାଳର କୋଳରେ
ଶୋଇଯାଅ ମହାନିଦ୍ରାରେ,
ଚୀର ଶାନ୍ତିରେ ।

ଏଇତ ବସନ୍ତର ଆଗମନେ
ବୃକ୍ଷ ସବୁ ନବପଲ୍ଲବରେ ମଣ୍ଡିତ
ଜାତିଜାତିକା ପୁଷ୍ପମାନଙ୍କର ସମ୍ଭାର
ଆମ୍ବ ବଉଳର ରୋଷଣୀ
କୋଇଲିର ମିଠା ରାଗିଣୀ
ଫଗୁ ରଂଗର ମେଳଣ
ପ୍ରତୀକ୍ଷା କେବଳ ଶୁଭଲଗ୍ନକୁ
ସ୍ୱାଗତ କରାଯିବ ନବଯୁଗକୁ ।

ପୁଣି ଆରମ୍ଭିବ ନୂତନ ସର୍ଜନା
ରଚାହେବ ଭିନ୍ନ ଇତିହାସ
ସୃଷ୍ଟି ହେବ ଗାନ୍ଧୀଙ୍କ
ସ୍ୱପ୍ନର ରାମରାଇଜ
ନବ୍ୟପୃଥିବୀର ପ୍ରତି କୋଣେ
ଅନୁକୋଣେ
ଭରି ରହିଥିବ ସ୍ନେହ, ପ୍ରେମ,
ସତ୍ୟ ଓ ଅହିଂସା
ନଥିବ କା ମନେ ଘୃଣା, ପ୍ରତିହିଂସା ।

ଲେଖା ହେବ ପୁଣି ନୂଆ ସମ୍ବିଧାନ
ଏକ ଭୂଖଣ୍ଡରେ ସଭିଏଁ ସମାନ
ଧର୍ମ କି ଜାତିରେ
କେହି ହେବେ ନାହିଁ ଭିନ୍ନ
କାହା ଜୀବନରେ କିଛି ନଥିବ କଷଣ
ଶ୍ରମିକଟି ଏଠାରେ ହେବନି ଶୋଷଣ
ବେଶୀଦିନ ତିଷ୍ଠିବନି
ହୀନ ରାଜନୀତି
ଶୁଣିବେନି କେହି ତୁମ ମିଛ ପ୍ରତିଶ୍ରୁତି
ଗଢାହେବ ନିଜ ହାତେ
ପୁଣ୍ୟ ଆର୍ଯ୍ୟଭୂମି
ଏଇ ମାଆ ମାଟି ଆମ
ବୀରପ୍ରସବିନୀ ।


+ପଦ୍ମାଦେଇପୁର, ନୟାଗଡ଼
ମୋ: ୯୯୩୮୭୬୧୨୨୪




ଇଂ. ବିଦ୍ୟାଧର ପଣ୍ଡା

# କରୋନା ହାରିବ ମଣିଷ ଜିତିବ

କରୋନା ଟୀକା ବିଷୟରେ ଯାହା ସବୁ ଗଣମାଧ୍ୟମରେ ଶୁଣିବାକୁ ମିଳୁଛି ତନ୍ମଧ୍ୟରୁ ଶତକଡା ନବେଭାଗ ମନଗଢା ଏବଂ ଅର୍ଦ୍ଧପକ୍ୱ ଗବେଷଣାର ଫଳାଫଳ ପରି ଲାଗୁଛି । କିଏ କହୁଛି କୋଭାକ୍ସିନ୍ କୋଭିସିଲ୍ଡ ଟୀକାଠାରୁ ବେଶୀ ପ୍ରଭାବି ଏବଂ କିଏ କହୁଛି ଦୁଇଟି ଯାକ ଟୀକାର ଦୁଇଟିଡୋଜ୍ ନେଇ ସାରିଥିଲେ ମଧ୍ୟ ଆପଣ ଅଶି ପ୍ରତିଶତ ସୁରକ୍ଷିତ । କିଏ କହୁଛି ନବେ ତ କିଏ କହୁଛି ପଂଚାନବେ । ନବରଙ୍ଗପୁର ଓ ମାଲ୍କାନାଗିରିର ବୋଣ୍ଡା ଜନଜାତିଙ୍କ କଥା ଛାଡନ୍ତୁ, ଆମ କଟକ କଲ୍ୟାଣନଗର ଅଧିବାସୀ ସଚ୍ଚିଦାନନ୍ଦ କୁହନ୍ତି ଟୀକା ନେଲେ ଭଲନୁହେଁ । ଓଲଟା କରୋନାକୁ ନିୟନ୍ତ୍ରଣ ବଦଳରେ ନିମନ୍ତ୍ରଣ ଦେବାକଥା । ଏତିକି ବେଳକୁ ଦେବାଶିଷ ପାଣିଗ୍ରାହୀ , ବିଜୟଶ୍ରୀ ରାଉତରାୟ ଏବଂ ବରିଷ୍ଠ ଆଇଏସ୍ ଅଧିକାରୀ ମହାପାତ୍ରବାବୁଙ୍କର କରୋନାରେ ଦେହାନ୍ତ ହେଲା ପରଦିନ ସକାଳୁସକାଳୁ ମୋ ଦୂରଧ୍ୱନୀ ଯନ୍ତ୍ରଟି କ୍ରିଂ କ୍ରିଂ ହେବାରୁ କାନ୍ଥଘଡିକୁ ଚାହିଁ ଦେଖିଲି ଆଠଟା ବାଜିଛି । ସଟ୍‌ଡାଉନ ସହ ସପ୍ତାହାନ୍ତ ଦିନଟିରେ ଅନେକଙ୍କ ପରି ମୋ'ସକାଳ ଦଶଟାରେ ହୁଏ । ବିରକ୍ତି ଭାବରେ ଦୂରଧ୍ୱନୀ ଉପର ପରଦାହଟାଇ ଦେଖିଲି ବନ୍ଧୁ ସଚ୍ଚିଦାନନ୍ଦଙ୍କର କଲ୍ । ଉତ୍ତର ଦେବାକୁ ବାଧ୍ୟ, ନହେଲେ ମନକୁ ଯାହା ଆସିଲା କେତେକଣ ବକିଯିବ । ରେଭେନ୍ସାରୁ ପିଜି କରିଛି ଏବଂ ଜଳପଥର ମାଲ୍‌ବୁହା ପାଣିଜାହାଜରେ ଋଷିଆ, ସିଙ୍ଗାପୁର ଆଦି ବନ୍ଦର ଗୁଡିକରେ କାମକରି କୋଟିକୋଟି ଟଙ୍କା କମେଇ ବଡଲୋକ ହୋଇଛି ଯେତେବେଳେ ଧୈର୍ଯ୍ୟ ରଖିବ କେମିତି ! ଆଠ ଦଶଟା ରିଂ ହେଲେପରେ ଉତ୍ତର ଦେବାରୁ ବି ଅଳ୍ପ କିଛି ଚୁମ୍ବକରେ ଶୁଣେଇ କହିଲା, ଶ..ଫୋନ୍‌ଟା ଉଠେଇବାକୁ ଅଧଘଂଟା କଣ ପାଇଁ ଲାଗୁଛି ? ସରଗକୁ ନିଶୁଣୀ ନାଇଁ କି ବଡଲୋକଙ୍କୁ ଉତ୍ତର ନାଇଁ । ଅଧମିନିଟକୁ ସିଏ ଅଧଘଂଟା କହିଲେ ବି ଚଳିବ । ଯାହାହେଉ ମୋର ବିଳମ୍ବ ପାଇଁ ସେପରି କିଛି ଶୁଣେଇ ତା'ର ମୁଖ୍ୟ ବାର୍ତ୍ତାଳାପ ଆରମ୍ଭରେ ତାଗିଦ୍ ଭରା କଣ୍ଠରେ କହିଲା,

-ଦେଖିଲୁ ତ ?

-କ'ଣ ଦେଖିଲି !

-ଆରେ, ଦୁଇଟିଯାକ ଡୋଜ୍ ନେଇଥିବା କେତେକେତେ ବଡବଡ ନାମିଦାମୀ ଲୋକ ଆରପାରିକୁ ଚାଲିଗଲେ । ମଲିମୁଣ୍ଡିଆଙ୍କ ସଂଖ୍ୟା କିଏ ଗଣୁଛି ! ଏମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ସହ ଅନେକ ନେତାମାନେଦୁଃଖକଲେ ବୋଲି ସିନା ଆମେ ଜାଣିଲେ, ନହେଲେ କେମିତି ଜାଣିଥାନ୍ତେ ? ତେଣୁ ଏ ଟୀକାଫୀକା ସବୁ ବେକାର, ନେଲେ ଯାହା ନନେଲେ ତାହା । ବରଂ ନେଲେ ତୁମେ ବେପରୁଆ ଯଦି ହେଲ ତେବେ ମରିବାର ସମ୍ଭାବନା ଅଧିକ । ଆମର ନବାର ନାହିଁ, ତେଣୁ ସାମାଜିକ ଦୂରତା ରଖିବା ସଙ୍ଗେସଙ୍ଗେ ମାସ୍କ ମୁହଁରୁ କାଢ଼ିବାର ନାହିଁ । ଭିଡଭିତରକୁ ଯିବାର ନାହିଁ କି ଅଯଥାରେ ବାହାରକୁ ବାହାରିବାର ନାହିଁ । ସବୁରାତିରେ ଡେକ୍‌ଚିଏ ପାଣି ଗରମକରି ବା ଶୁଙ୍ଘିଦେଲେ କାମ ଫତେ । ଆଉ ମୋତେ ଟୀକା ନେଲୁ କି ନାହିଁ ପଚାରିବୁନି କି ଟୀକା ଶୀଘ୍ର ନେଇଯା ବୋଲି କହିବୁନି ।

-ଜୀ ହଜୁର ।

-ଶ..ସାଙ୍ଗକୁ ଜୀ ହଜୁର କ'ଣ କହୁଛୁ । ଲଜ୍ଜା ନାହିଁ । ତୁ ନେଲୁ , ଅମର ହେଲୁ ହୋ । ଆମର ନବାର ନାହିଁ କି ଅମର ହେବାର ନାହିଁ ।ଶ.. ପାଣିଗୁଡା ସିରିଂଜରେ ପୁରେଇ ଫୋଡୁଛନ୍ତି, କ'ଣନା ଟୀକା ! ବୁଝିଲୁ ! ନା, ଖାଂଟି ଓଡିଆରେ ବୁଝେଇବି ?

-ବୁଝିଗଲି ଭାଇ, ବୁଝିଗଲି ।

ଏବେ ଏକ ଗଣମାଧ୍ୟମରେ ପଶ୍ଚିମ ଓଡିଶାର ଜନୈକ ବିଧାୟକ କରୋନା ଟୀକା ନେବାପାଇଁ ଆଦିବାସୀ ଗାଁରେ ସଚେତନତା ସଭା କଲାବେଳେ କିଛି ଲୋକ ବିରୋଧ କଲେ । ଶେଷରେ ସେ ନିରାଶ ହୋଇ ସେଠାରୁ ଫେରିବାକୁ ବାଧହେଲେ । ପ୍ରଥମେ କେବଳ ଗୋଟିଏ ଦୁଇଟା କାରଣ ପାଇଁ ଲୋକମାନେ ଟୀକା ନେବାକୁ ଅମଙ୍ଗ ହେଉଥିଲେ । ପ୍ରଥମତଃ ଟୀକାର ପ୍ରଭାବରେ ସନ୍ଦେହ ଏବଂ ଦ୍ୱିତୀୟତଃ ଟୀକାନେଇ କିଛିଲୋକ ମରିଯାଉଛନ୍ତି ବୋଲି ସେମାନେ କାହାଠାରୁ ଶୁଣିଥିଲେ । ଏବେ ତା ସାଙ୍ଗରେ ଆଉଏକ ନୂଆ କାରଣ କିଏ ଯୋଡି ହୋଇଯାଇଛି ଯେ ଏ ଟୀକାଗୁଡା ବାଛୁରୀରକ୍ତରୁ ତିଆରି । ଏସବୁ ଅପପ୍ରଚାର କରୁଥିବା ଲୋକମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଇ ଉଚିତ୍ ଦଣ୍ଡବିଧାନ ଅନିବାର୍ଯ୍ୟ । ସାମାଜିକ ଗଣମାଧ୍ୟମଗୁଡିକ ଉପରେ ଅଙ୍କୁଶ ଲାଗିବା ବି ଦରକାର । ଏହି ପ୍ରଚାରପ୍ରସାରର ଫଳ ସ୍ୱରୂପ ହଜାରହଜାର ବନବାସୀ ଲୋକ କରୋନାଟୀକା ନେବାକୁ ରାଜି ହେଉନଥିବା ବେଳେ ସଚ୍ଚିଦାନନ୍ଦଙ୍କ ପରି ଶହଶହ ଶିକ୍ଷିତ ବୁଦ୍ଧିଜୀବୀମାନେ ମଧ୍ୟ ଟୀକାଠାରୁ ଦୂରେଇ ରହୁଛନ୍ତି । ଅପାଠୁଆ ଲୋକଙ୍କୁ ବୁଝେଇହେବ, ହେଲେ ପାଠୁଆ ଲୋକଙ୍କୁ କିଏ ବୁଝେଇବ ! କରୋନାରୋଗ ବିଷୟରେ ଅନ୍ୟ ଏକ ଦିଗ ହେଲା ଅର୍ଦ୍ଧପକ୍ୱ ଗବେଷଣା । ବଡବଡ ଡାକ୍ତରଙ୍କ ଭିତରେ ମତପାର୍ଥକ୍ୟ ଦେଖାଯିବା ହେତୁ ସାଧାରଣ ଜନତାଙ୍କ ମନରେ ଭିନ୍ନଭିନ୍ନ ନାକାରାତ୍ମକ ତଥ୍ୟକୁ ନେଇ ସନ୍ଦେହ ଏବଂ ଦ୍ୱନ୍ଦ ସୃଷ୍ଟିହେବା ସ୍ୱାଭାବିକ୍ କଥା । କିଏ କହୁଛି କରୋନା ଭୂତାଣୁର ଅନେକ ଭେରାଇଟି, ଏସବୁ ଟୀକା କେଉଁଥିକୁ କାଫୁଛି ଏବଂ ଆଉ କେଉଁଥିକୁ କାଫିବନି । ଜଣେ କହୁଛି ଅଶି ପ୍ରତିଶତ, ଜଣେ ନବେ ଓ ଜଣେ ପଂଚାନବେ, ଏମାନେ କେହି ସତ କହୁନାହାନ୍ତି । କାରଣ ଟୀକା ତ ମାତ୍ର ଦଶ ପ୍ରତିଶତ ଭିତରେ ଲୋକ ଏପର୍ଯ୍ୟନ୍ତ ନେଇଛନ୍ତି, ତେଣୁ କେତେ ପ୍ରତିଶତ ସୁରକ୍ଷିତ କେତେ ଅସୁରକ୍ଷିତ ଏମାନେ ମାପିଲେ କେମିତି ? ତୃତୀୟ ଲହରି ବିଷୟରେ ସେମିତି କିଛି ଗୁଜବ । କିଏ ସେ ଦିବ୍ୟଦ୍ରଷ୍ଟା ଏସବୁ ଲହରିକୁ ଦେଖି ଏମିତି ଲୋକମାନଙ୍କୁ ଭୟଭୀତ କରାଉଛି କିଛି ବୁଝିହେଉନି । ସେମାନଙ୍କର ପ୍ରକୃତ ଅଭିସନ୍ଧିଚ୍ଛା ସତରେ କ'ଣ କିଛି ଜଣାଯାଉନି । କେତେ କହୁଛନ୍ତି ଏଥର ଛୁଆଙ୍କ ପାଳି । ପ୍ରଥମ ଢେଉରେ ବୁଢା, ଦ୍ୱିତୀୟ ଢେଉରେ ଯୁବା ଏବଂ ତୃତୀୟ ଢେଉରେ ଛୁଆଙ୍କୁ କରୋନା ଟାର୍ଗେଟ୍ କରିବ । ଏସବୁ ଅର୍ଦ୍ଧସତ୍ୟ କିମ୍ବା ଅସତ୍ୟ ବି କୁହାଯାଇପାରେ । ଏଗୁଡିକ ଗୋଟେ ଗୋଟେ ପ୍ରକାରର ଅନୁମାନ ମାତ୍ର । କାରଣ କରୋନା ତ କାହାର ଭାଇବନ୍ଧୁ ବୁଟୁମ୍ବ ନୁହେଁ ଯେ ସେ ସେମାନଙ୍କୁ ଆସିବା ଆଗରୁ ଖବର ପଠେଇ କହିବ ମୁଁ ଏତିକି ବେଳକୁ ଜୋରରେ ଆସିବି ଏବଂ ଏଇମାନଙ୍କୁ ମାରିବି । ସବୁ ବକବାସ୍ । ଭଲହୁଅନ୍ତା ଯଦି ବୁଦ୍ଧିଜୀବୀ ଗଣ ଯାହା ଭଲ ଭାବରେ ଜାଣିଛନ୍ତି କେବଳ ସେହିକଥା ଗୁଡିକ କହି ଅର୍ଦ୍ଧସତ୍ୟ କିମ୍ବା ମିଥ୍ୟା ମନଗଢା କଥା ପ୍ରକାଶରୁ ନିଜକୁ ବଂଚିତ ରଖନ୍ତେ । ତୃତୀୟଲହରି ଛ'ସପ୍ତାହରୁ ଆଠସପ୍ତାହ ଭିତରେ ଆସିବ ବୋଲି ଯେଉଁ ନାକାରତ୍ମକ ଖବର ଜୋରସୋରରେ ପ୍ରଚାରିତ ହେଉଛି ତାହାର ସତ୍ୟାସତ୍ୟ ପାଣିପାଗ ଅନୁମାନ ପରି କୌଣସି ବୈଜ୍ଞାନିକ ତଥ୍ୟ ଉପରେ ଆଦୌ ଆଧାରିତ ନୁହେଁ । ଏମିତି ଅନେକ ଅପପ୍ରଚାର ମଣିଷଜାତିର ମନୋବଳକୁ ଭାଙ୍ଗି କରୋନାକୁ ଜିତିବାର ସୁଯୋଗ ସୃଷ୍ଟି କରିବାରେ ସହାୟକ ହେଉଛି । ତେଣୁ ସମସ୍ତଙ୍କୁ ବିନମ୍ର ଅନୁରୋଧ ଯେ ନାକାରତ୍ମକ ଅପପ୍ରଚାରକୁ ଅଗ୍ରାଧିକାର ନଦେଇ ସାକାରତ୍ମକ ସଂନ୍ଦେଶର ବାହକ ହୁଅନ୍ତୁ ଯାହାଫଳରେ କରୋନା ହାରିବ ମଣିଷ ଜିତିବ ।


+ବି.ଟେକ୍. ସିଭିଲ୍,
ଏମ୍.ଟେକ୍.(ପରିବେଶ), ଏଲ୍‌ଏଲ୍‌ବି
ଏଲ୍-୧୭/୧୫, ପଂଚଶଖା
ନଗର, ଢୁମୁଢୁମା, ଖଣ୍ଡଗିରି,
ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦




ପଙ୍କଜ କୁମାର ପାଣିଗ୍ରାହୀ

# ଷଡ୍ଋ ରିପୁ

ଆଦିମ ମନୁଷ୍ୟର କାର୍ଯ୍ୟକଳାପ ଓ ବିଚାରଧାରାରେ କ୍ରମାନୁଗତ ପରିବର୍ତ୍ତନ ହୋଇ ହଜାର ହଜାର ବର୍ଷ ଅତିବାହିତ ଆଜିର ଯେଉଁ ଆଧୁନିକ ସମାଜ ଦେଖିବାକୁ ମିଳୁଛି ଏବଂ ଏହି ଅତ୍ୟାଧୁନିକ ମଣିଷ ସମାଜର ବର୍ବରତା ସେହି ପୁରାତନ ପ୍ରସ୍ତର ଯୁଗର ଅଜ୍ଞାନ ଅଶିକ୍ଷିତ ମଣିଷଙ୍କଠାରୁ ମଧ୍ୟ କଦର୍ଯ୍ୟରୁ କଦର୍ଯ୍ୟର ସ୍ତରକୁ ଖସି ଯାଇଅଛି ତାହାର କାରଣ ସମୀକ୍ଷା କରିବା ପାଇଁ କାହାର ଉପଯୁକ୍ତ ଜ୍ଞାନ ନାହିଁ, ସମୟ ନାହିଁ କିମ୍ବା ଆଗ୍ରହ ମଧ୍ୟ ନାହିଁ ! ସମୟ ସ୍ରୋତରେ ନିଜକୁ ସାମିଲ କରି ପରିବେଶ ପରିସ୍ଥିତି ସହିତ ଜଡିତ ହୋଇ କୌଣସି ଅକର୍ତ୍ତବ୍ୟ ହେଉ କି ଅମାନୁଷିକ, ଅସାମାଜିକ କାର୍ଯ୍ୟ କରିବାରେ କାହାର କୌଣସି ଆପତ୍ତି ନାହିଁ କି ଦ୍ୱିଧା ନାହିଁ ! ସମସ୍ତଙ୍କ ମୁଖରେ କିନ୍ତୁ ସେସବୁର ଚର୍ଚ୍ଚା ଜୋର ଥାଇ ସମ୍ପୃକ୍ତ କାର୍ଯ୍ୟକଳାପରୁ ନିଜକୁ ମୁକୁଳିତ କରିପାରୁନାହାନ୍ତି ସାଧାରଣ ମଣିଷ । ବୁଝିବାକୁ ଗଲେ, ବୋଧହୁଏ ଅଧିକାଂଶ ମଣିଷ ଅପ୍ରତ୍ୟାଶିତ ଭାବେ କେବଳ ବ୍ୟବସ୍ଥା ସହିତ ନିଜକୁ ଖାପଖୁଆଇ ନଚାଲିଲେ ସମାଜରେ ବଞ୍ଚି ହେବନାହିଁ ବୋଲି ଭାବି ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଥାଇ ନିଜ ମାନବିକ ଚେତନାରେ ସେସବୁ ଅକର୍ତ୍ତବ୍ୟ କରିଚାଲିଥିବା ସ୍ୱତଃସ୍ୱୀକାର କରିଥାନ୍ତି । ହେଲେ କୋଟି କୋଟି ଲୋକ ସେହି ଅମାନୁଷିକ, ଅସାମାଜିକ ବ୍ୟବସ୍ଥା ସହିତ ନିଜ ଆତ୍ମସନ୍ତୋଷ ନଥାଇ ଅପ୍ରତ୍ୟାଶିତ ଭାବେ ଯୋଡ଼ିହୋଇ ରହି ନିଜର ସେହି ଅମାନବୀୟ କାର୍ଯ୍ୟକୁ ନିଜେହିଁ ଘୃଣା କରି ସେସବୁ କାର୍ଯ୍ୟ କରୁଥିବା ପଛର ରହସ୍ୟ କେବେ ଅନୁସନ୍ଧାନ କରିନାହାନ୍ତି ନା ସବୁ ଜାଣିଶୁଣି କିଂକର୍ତ୍ତବ୍ୟବିମୁଢ଼ ଅବସ୍ଥାରେ ରହିଛନ୍ତି ପ୍ରଶ୍ନବାଚୀ ସୃଷ୍ଟି କରେ ମନରେ ?!! ବାସ୍ତବତାର ରହସ୍ୟ ଅନୁସନ୍ଧାନ କଲେ ଜାଣିହେବ........

ପ୍ରତ୍ୟେକ ମଣିଷ ତା'ର ପୂର୍ବପୁରୁଷଙ୍କ ଚାରିତ୍ରିକ ଗୁଣ, ସ୍ୱଭାବ ନେଇ ଜନ୍ମ ହୋଇଥା'ନ୍ତି ଯାହା ପ୍ରକୃତିଦତ୍ତ । ସାମାଜିକ, ପାରିପାର୍ଶ୍ୱିକ ଏବଂ ଶୈକ୍ଷିକ ବାତାବରଣ ମଣିଷ ଉପରେ କିଛି ପାର୍ଶ୍ୱ ପ୍ରଭାବ ପକାଇ ସମ୍ପୃକ୍ତ ମଣିଷର ଦୃଷ୍ଟିକୋଣ କିଞ୍ଚିତ ପରିବର୍ତ୍ତନ ହେବାରେ ସହାୟକ ହେଉଥିଲେ ମଧ୍ୟ ସେହି ପ୍ରାକୃତିକ ଗୁଣ, ଧର୍ମ ଗୁଡିକୁ ବଦଳାଇବା ସହଜସାଧ୍ୟ ନୁହେଁ । କିନ୍ତୁ ପିଢ଼ିକୁ ପିଢ଼ି ସେଗୁଡିକୁ ପରିମାର୍ଜିତ କରିବା ପାଇଁ ଚେଷ୍ଟା ଜାରି ରଖିଲେ ହୁଏତ ସେମାନଙ୍କ ବଂଶଜମାନେ ଆଗକୁ ପରିବର୍ତ୍ତିତ ହୋଇ ଜନ୍ମ ହେବା କିଞ୍ଚିତ ଅନୁମାନ କରାଯାଇପାରେ । ତେଣୁ ମଣିଷର ନିଜସ୍ୱ ବିଚାରଧାରା, କାର୍ଯ୍ୟକଳାପକୁ ନେଇ ସେମାନଙ୍କ ଭବିଷ୍ୟ ପିଢ଼ି ସେହି ଗୁଣ, ଚରିତ୍ରରେ ଜନ୍ମ ହେବା ଏକପ୍ରକାର ପ୍ରାକୃତିକ ନିୟମ ଯାହା ମଣିଷ ଗୋଟିଏ ଥରରେ ସେସବୁ ପରିବର୍ତ୍ତନ କରିପାରିବା ସମ୍ଭବ ନୁହେଁ । ଅର୍ଥାତ ଆଜି ଯଦି ଆମ ପାଖରେ ପ୍ରାକୃତିକ ଦୃଷ୍ଟିକୋଣରୁ କୌଣସି ମାନବୀୟ ଚିନ୍ତନଶକ୍ତିର ଅଭାବନୀୟତା ପରିଲକ୍ଷିତ ହେଉଛି ବୋଲି ଆମେ ଅନୁମାନ କରିପାରୁଛେ, ତାହେଲେ ସେସବୁ ସୁଧାରି ନିଜକୁ ବଦଳାଇବାକୁ ଚେଷ୍ଟା କଲେ ହୁଏତ କିଛି ମାର୍ଜିତ ହୋଇପାରେ ଯାହା ଆମ ଭବିଷ୍ୟ ପିଢିଙ୍କୁ କ୍ରମାନୁଗତିକ ଅନ୍ତରଣୀୟ ହୋଇପାରେ । ନତୁବା ଆମ ପରପୁରୁଷ ବଂଶଜମାନେ ମଧ୍ୟ ଅନୁରୂପ ଚେତନରେ ସ୍ୱତଃଅଭିଷିକ୍ତ ହେବାରେ କୌଣସି ପରିବର୍ତ୍ତନ ହେବ ନାହିଁ । ପ୍ରକୃତିଦତ୍ତ କେତେକ ନିର୍ଦ୍ଦିଷ୍ଟ ଗୁଣ, ଚରିତ୍ର ପ୍ରବାହ ଭିନ୍ନ ଭିନ୍ନ ରୂପରେ ଦେଖାଦେଇଥାଏ ବିଭିନ୍ନ ଜୀବଜନ୍ତୁଙ୍କ ପାଖରେ । ଅନୁରୂପ ମଣିଷର ମଧ୍ୟ କେତେକ ଗୁଣ ପ୍ରକୃତିଦତ୍ତ ଯେଉଁ ଗୁଡିକୁ ସଂଗଠିତ କରାଯାଇ ଛଅ ଭାଗରେ ବିଭକ୍ତ କରାଯାଇଅଛି ଯାହାକୁ ଆମେ ଷଡ଼ ରିପୁ ବୋଲି କହିଥାଉ । ଏହି ଷଡ଼ ରିପୁ ଗୁଡିକ ଯଥାକ୍ରମେ କାମ, କ୍ରୋଧ, ଲୋଭ, ମୋହ, ଅହଂଭାବ ଏବଂ ପରଶ୍ରୀ କାତରତା, ବ୍ୟତୀତ ଆହୁରି ଅନେକ ସାଖା ଚରିତ୍ର ପ୍ରବାହ କରିଥାଏ ମଣିଷ । କିନ୍ତୁ ମୁଖ୍ୟତଃ ଏହି ଷଡ଼ ରିପୁ ପ୍ରାୟତଃ ସମସ୍ତ ମଣିଷଙ୍କ ପ୍ରାକୃତିକ ବିଭୂଷଣ ଯାହା ନିର୍ବାହ କରିବା ମଣିଷର ଗୋଟିଏ ସହଜାତ ଗୁଣ ଭାବେ ଭାରତୀୟ ସଂସ୍କୃତି ଗ୍ରହୀତ । ଆଦିମ ମଣିଷ ପ୍ରଥମେ ପାଶୁଭଳି ଜନ୍ମଗ୍ରହଣ କରି ନିଜସ୍ୱ ପ୍ରଚେଷ୍ଟାରୁ ଆଜି ଏହି ସମୟରେ ପହଂଚି ପାରିଛି ଯାହା ସବୁ କେବଳ ପ୍ରକୃତିଦତ୍ତ ମାତ୍ର । ଅର୍ଥାତ ମଣିଷକୁ ଏତେବଡ଼ ପରିବର୍ତ୍ତନରେ ପ୍ରାକୃତିକ ପ୍ରତିକ୍ରିୟାର ସଂଯୋଗୀକରଣ ନଥିଲେ ହୁଏତ ମଣିଷ ମଧ୍ୟ ଆଜି ଅନ୍ୟାନ୍ୟ ପଶୁଙ୍କ ଭଳି ଅବସ୍ଥାରେ ରହିଥା'ନ୍ତା । କିନ୍ତୁ ପ୍ରକୃତିର ବିଭିନ୍ନ ସଂଯୋଗୀକରଣ ନିୟାମକ ଗୁଡିକ ମଣିଷ ଯଥାସାଧ୍ୟ ବିନିଯୋଗ କରି ତାକୁ ପଶୁ ସ୍ତରରୁ ଆଜି ଅତିମାନବରେ ପରିଣତ କରିବାରେ ପ୍ରକୃତିର ଭୂମିକା ଯଥେଷ୍ଟ ଅଧିକ । ତଥାପି ମଣିଷ ମଧ୍ୟ ନିଜର ଜିଜ୍ଞାସା ବଳରେ ଅଧିକରୁ ଅଧିକ ଜ୍ଞାନ ଆହରଣ କରି ନିଜର ଶକ୍ତି ପ୍ରଦର୍ଶନ କରିବାରେ ସିଦ୍ଧହସ୍ତ ହୋଇ ପାରିଛି । ମଣିଷର ଆକୃତି, ପ୍ରକାଶ ତଥା ମାନସିକ ବିକାଶ ହେବା ସହିତ ବିଭିନ୍ନ ଭାବଧାରା ସହିତ ଜ୍ଞାନ ଆହରଣକାରୀ କ୍ଷମତା ଦିନକୁ ଦିନ ବୃଦ୍ଧି ହୋଇ ଆଜି ଅତ୍ୟନ୍ତ ଉନ୍ନତ୍ତ ସ୍ତରରେ ପହଂଚି ପାରିଛି । କିନ୍ତୁ ଅନେକ ଗୁଡିଏ ଅଭାବନୀୟତା ଦୃଷ୍ଟିଗୋଚର ହୁଏ ମଣିଷର ଯାହା ତାକୁ ଅହରହ ଅଶାନ୍ତିରେ ବଂଚିବାକୁ ବାଧ କରୁଅଛି ! ମଣିଷର ମାନସିକ ବିକାଶ ସାଙ୍ଗକୁ ଏହି ଷଡ଼ ରିପୁ ଗୁଡିକ ମଧ୍ୟ ପ୍ରାକୃତିକ ଭାବେ ବିକଶିତ ହେବାକୁ ଲାଗିଲା ଯାହା ପ୍ରାରମ୍ଭରୁ ମଣିଷର ଭାବ ବହିର୍ଭୁତ ଥିଲା । ଯଥେଷ୍ଟ ଜ୍ଞାନ ଆହରଣ କରିବା ପରେ ମଣିଷ ସେଗୁଡିକୁ ତର୍ଜମା କରନ୍ତେ ବର୍ତ୍ତମାନ ସମୟରେ ସେଗୁଡିକୁ ତତ୍‌କ୍ଷଣାତ ପରିବର୍ତ୍ତନ କରିବା ସମ୍ଭବପର ନୁହେଁ । ସେହି ଦୃଷ୍ଟିକୋଣରୁ ମଣିଷ ଯେତେବେଳେ ନିଜର ସେହି ଦୁର୍ଗୁଣ ଗୁଡିକୁ ସ୍ୱତଃପ୍ରବୃତ ଭାବେ ବିନିଯୋଗ କରି ଅନେକ ଅମାନୁଷିକ ଚରିତ୍ର ପ୍ରବାହ କରୁଥିବା ଲକ୍ଷ କଲା, କାଳକ୍ରମେ ସେଗୁଡିକୁ ପରିମାର୍ଜିତ କରି ଉତ୍ତମ ଚାରିତ୍ରିକ ମାନବୀୟ ଚିନ୍ତାଧାରା, କାର୍ଯ୍ୟଧାରା ଶିକ୍ଷା ଲାଭ କରି ଗୋଟିଏ ସୁନ୍ଦର ମଣିଷ ସମାଜ ଗଠନ ଉଦେଶ୍ୟରେ କାର୍ଯ୍ୟ କରିବା ଶିକ୍ଷା କଲା । ଇତି ମଧ୍ୟରେ କେତେକ ପ୍ରକୃତିଦତ୍ତ ଅନ୍ତର୍ଜ୍ଞାନୀ, ବିରଳ ମଣିଷ ସୃଷ୍ଟି ହେବାପରେ ସେମାନେ ସମଗ୍ର ମଣିଷ ସମାଜରେ ଗୋଟିଏ ଆନ୍ଦୋଳନାତ୍ମକ ପରିବର୍ତ୍ତନ ଆଣି ଏକ ଉତ୍ତମ ମଣିଷ ସମାଜ ଗଠନ କରିବା ପାଇଁ ଚେଷ୍ଟା ଆରମ୍ଭ କଲେ । ସେମାନଙ୍କ ଅତୀବ ସାଙ୍ଗଠନିକ କୌଶଳ ସାଙ୍ଗକୁ ଅନେକ ମାନବୀୟ ଚରିତ୍ର ଦେଶବ୍ୟାପୀ ଗ୍ରହୀତ ହୋଇ ଏକ ମର୍ଯ୍ୟଦାପୂର୍ଣ୍ଣ ସମାଜ ଗଠନ ଦିଗମୁଖୀ ହୋଇ ଚାଲିଥିଲା ଭାରତୀୟ ମାନଙ୍କର । ଇତି ମଧ୍ୟରେ ମୋଗଲ ଏବଂ ତତ୍ ପରବର୍ତ୍ତୀ ଇଂରେଜ୍ ମାନଙ୍କର ଭାରତରେ ଅନୁପ୍ରବେଶ ପରବର୍ତ୍ତୀ ଆଜିର ଭାରତୀୟ ଆଉ ଭାରତୀୟ ହୋଇ ରହିନାହିଁ । ସେମାନଙ୍କ ପ୍ରକୋପ, ପ୍ରଭାବରେ ଆଜି ଭାରତୟ ସଂସ୍କୃତି ସମ୍ପୂର୍ଣ୍ଣ ରୁଗ୍ଣ ! ଅମାନବୀୟତା, ଭ୍ରଷ୍ଟାଚାର, ଅସାମାଜିକତା, ଚରିତ୍ରହୀନତା ତଥା ନିର୍ଲଜ୍ଜର ଚରମସୀମା ଟପି ମଣିଷ ଆଜି ଜଙ୍ଗଲୀ ପଶୁଠାରୁ ହୀନ ଅବସ୍ଥାରେ ! ଷଡ଼ ରିପୁକୁ କରାୟତ କରି ମଣିଷକୁ ସୁଲଭ, ସୁଶୀଳ କରାଇ ଅତି ଉତ୍ତମ ପରିବେଶ ସୃଷ୍ଟି ଦିଗରେ କାର୍ଯ୍ୟକ୍ଷମ ଭାରତୀୟ ସଂସ୍କୃତିକୁ ଜଳିପୋଡ଼ି ମୋଗଲ ଏବଂ ବ୍ରିଟିଶ ମାନଙ୍କର କୁସଂସ୍କାର ଅଜିଦିନରେ ଭାରତରେ ପ୍ରକୋପ ବିସ୍ତାର ଲାଭ କରିପାରିଛି । ବ୍ରିଟିଶ ସମ୍ବିଧାନର ନକଲ ଏବଂ ତଜ୍ଜନିତ ବିଭିନ୍ନ ଭ୍ରଷ୍ଟାଚାରୀ ନିୟାମକ ମଣିଷର ଶତ୍ରୁ ସେହି ଷଡ଼ରିପୁକୁ ପ୍ରଶମିତ କରିବା ବିପରୀତେ ତେଜୀୟାନ କରି ବର୍ତ୍ତମାନ ସମୟରେ ଭାଇଚାରା ବିପରୀତେ ସମସ୍ତେ ସମସ୍ତଙ୍କୁ ଠକି, ଭଣ୍ଡି ଶତ୍ରୁଭଳି ଦେଖି ନିଜସ୍ୱ ସ୍ୱାର୍ଥ ସଂଯୋଜିତ ଭାବାବେଗରେ ନିମଗ୍ନ ଦେଖିବାକୁ ମିଳୁଛି ଆମ ଦେଶବ୍ୟାପୀ । ପ୍ରେମର ସଜ୍ଞା ଅଗୋଚର ବ୍ରିଟିଶ କେବଳ ଅନ୍ୟକୁ ପ୍ରତାରିତ କରି ସ୍ୱାର୍ଥ ହାସଲ କରିବା ଛଡା ଆଉ କିଛି ଶିକ୍ଷା ନାହିଁ ସେମାନଙ୍କ ଯାହା ଆଜି ଆମ ଦେଶବାସୀଙ୍କୁ ଗୌରବାନ୍ୱିତ କରିବାରେ ଲାଗିଛି ! ଏହା କିନ୍ତୁ ଆମ ପୂର୍ବଜଙ୍କ ମୂଳ ସଂସ୍କାର ନୁହେଁ । ବର୍ତ୍ତମାନ ପ୍ରଚଳିତ ପ୍ରାୟତଃ ସମସ୍ତ ଭାବଧାରା କେବଳ ବ୍ରିଟିଶ ମାନଙ୍କର ପ୍ରଭାବରୁହିଁ ହେଉଥିବା ଜାଣିହେବ ଲକ୍ଷ କଲେ । ତେଣୁ ଆମକୁ ସ୍ୱଦେଶ ମର୍ଯ୍ୟାଦା ଫେରାଇ ଆଣି ଆମ ସଂସ୍କୃତି ବଂଚିବାକୁ ହେଲେ ପ୍ରଥମେ ଆମର ଚାରିତ୍ରିକ ଗୁଣ ସମୂହ ତଥା ଷଡ଼ରିପୁ ଗୁଡିକୁ କରାୟତ, ପ୍ରଶମିତ କରି ସେହି ବ୍ରିଟିଶ ଭାବଧାରାକୁ ବିଲୀନ କରିବାକୁ ହେବ । ତାହେଲେ ଯାଇ ଗୋଟିଏ ସାଂସ୍କୃତିକ ଭାରତୀୟ ମଣିଷ ସମାଜ ଗଠନ କରାଯାଇ ପାରିବ ବୋଲି ଆମ ବିଚାରରେ ଆପଣଙ୍କ ମନ୍ତବ୍ୟ ଆଶାୟୀ......!


+ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ
ଦୂରଭାଷ.: ୯୪୩୭୩୨୪୯୧୭





## ସରମି ଲତା....

ଧ୍ରୁବ ଚରଣ ବେହେରା



ସୁନା ଚାନ୍ଦ ପରି ମୁହଁଟି ଉଜ୍ଜଳ
ଓଠ ମଧୁଶାଳା ବାସ
ସରମି ଲତାର ପ୍ରାୟେକ ଦିଶଇ
ହୃଦୟ ମଉନ ହସ ।

କାଳାମେଘୀ କେଶ ବିଛାଏ ଶୃଙ୍ଗାର
ସତେ ଅବା ମେଘ କେଳି
ଲାଜୁଆ ମୁଖୁଡା ବିରହରେ ଦେଖ
ପ୍ରୀତିରେ ପଡିଛି ଢଳି ।

ଏକାନ୍ତ ପଣରେ କାହା କଥା ଭାବି
ଅଭିସାରେ କାଟ ଦିନ
କେଉଁ ବିଧାତାର ପବିତ୍ର ହସ୍ତରେ
ଗଢି କଲା ବିଦ୍ୟମାନ ।

ଗୋରା ତନୁପରେ ଝିଲି ମିଲି ବାସ
ବକ୍ଷେ କରେ ଝଲ ମଲ
ସତେ କି ପୂର୍ଣ୍ଣମୀ ଆକାଶରେ ଯେହ୍ନେ
ତାରା ହେଉଛନ୍ତି ଗେଲ ।

ନବ ବଧୂ ପରି ରୂପ କାନ୍ତି ଠାଣି
ଗୋଲାପି ଗୋଲାପି ଦିଶେ
ସୁନ୍ଦର ତନୁରେ କୋଟି ଲାବଣ୍ୟତା
ମଧୁର ଶୋଭା ପରଶେ ।

ଅପସରୀ ଠାଣି ଶୃଙ୍ଗାର ରୋଷଣି
ଜାଜ୍ୱଲ୍ୟତା ଭରି ଅଛି
ଯେତେ ଦେଖୁଥିଲେ ନବ ତରୁଣୀର
ମୋହିନୀ ରୂପ ଲାଗୁଛି ।

ସରସଗର ଜହ୍ନ ଦେଖି ହସିଦେବ
ତୁମରି ରୂପ ଯୌବନ
ଲାଗୁଅଛ ସତେ ସରସୀର କଇଁ
ଚାନ୍ଦକୁ ବିକିଛ ମନ ।

କୋମଳ ଓଠରେ ଫଗୁଣ ହସୁଛି
ପ୍ରେମିକାର ଭାବ ନେଇ
କଅଁଳ ପାଦରେ ସରମେ ସରମି
ଘୁଙ୍ଗୁର ଯାଇଛି ଶୋଇ ।

ଆହା କି ଅପୂର୍ବ ରୂପ କାନ୍ତି ଠାଣି
ସତେ ଏକ ହୀରାମଣି
ଲାବଣ୍ୟ ବତୀର ରୂପର ଶୃଙ୍ଗାର
ପୋଥି ଅଭୁଲା କାହାଣୀ ।


+ଭାରତୀୟ ସାମରିକ ସେବା
ଝାଡଖଣ୍ଡ
ମୋ:୮୩୨୮୯୩୦୫୫୪


## ତୁମରି ସେବାରେ ଲାଗୁ....

ଇଂ. ପ୍ରମୋଦ କୁମାର ନନ୍ଦ

ତୁମରି ପ୍ରତିଭା ପ୍ରଣୟ ପ୍ରୀତି
ଆଙ୍କିତ ଆଜି ହୃଦେ
ଜୀବନ ମରମ ପରମ ବ୍ୟଥା
କହିବି କାହାରି ଆଗେ ।

ବୁଝି ହେଉନାହିଁ ଜୀବନ ରହସ୍ୟ
ଘାତ ପ୍ରତିଘାତ ଆଜି ।

ହେ ଜଗତ ନାଥ ଜଗତର ନାଥ
ଦିନଯାଉ ଭଜି ଭଜି ।

ତୁମରି ଚିନ୍ତନ ତୁମରି ଧ୍ୟାନ
ରହୁମୋର ଦିବା ନିଶି ।

ଜଗତ ଠାକୁର ଆହେ ଦୟାମୟ
ମୋ ଠାରେ ଦୟାବରଷି ।

କୃପାକର ବାରେ କରୁଛି ପ୍ରାର୍ଥନା
ନିଇତି ଆଶିଷ ଢାଳ ।

ଆହେ କୃପାମୟ କୃପାର ଠାକୁର
କୃପାଥାଉ ନିରନ୍ତର ।

ଶୈଶବ ଯୌବନ ଯାଇଛି ପରା
ତୁମକୁ ଯାଇଛି ଭୁଲି ।

ଅଜ୍ଞାନ ଅନ୍ଧାରେ ରହିଥିଲା ମତି
ଜାଣିପାରି ଯେ ନଥିଲି ।

ଜୀବନ ସନ୍ଧ୍ୟାରେ ଜାଣିଲି ତୁମକୁ,
ଆଉଜି ପାରିବି ଛାଡ଼ି ।

ତୁମେ ମୋ ଅନ୍ତର କରୁଣାର ସ୍ୱର
ଧରିବି ନିତି ଜାବୁଡ଼ି ।

ଆଶା ବୈତରଣୀ ହୋଇଯିବି ପାରି
ତୁମରି କରୁଣା ପାଇ ।

ଶୁଭ ହେବ ମୋର ଇହ ଆଉ ପର
ତୁମ କଥା ଅନୁସରି ।

ଧନ୍ୟଧନ୍ୟ ପ୍ରଭୁ ତୁମରି ମହିମା
ଅଜଣା ପୁଲକ ଜାଗୁ ।

ପୌଢ଼ ଅବସ୍ଥାରେ ଏ ନଶ୍ୱର ଦେହ
ତୁମରି ସେବାରେ ଲାଗୁ ।


+ନନ୍ଦାନୁସନ୍ଧାନ ପ୍ରୟୋଗ ଶାଳା,
ବଡ଼ପାରୀ, ଖୋର୍ଦ୍ଧା, ଓଡ଼ିଶା
ପିନ୍- ୭୫୨୦୨୩
ମୋ: ୮୫୯୬୮୨୩୬୬୯

## ତୁମେ ମାନ କି ନ ମାନ


### ରତ୍ନାକର ରାଉତ




ତୁମେ ସ୍ୱୀକାର କର ବା ନକର,
କିନ୍ତୁ ତୁମେ ଇତିହାସକୁ ବଦଳେଇ ପାରିବନି ମୁଁ ଜାଣେ ।
ଇତିହାସ ତ' ଅତୀତ ଐତିହ୍ୟର ଦସ୍ତାବିଜ ।
ମୁଁ ମଧ୍ୟ ଜାଣେ, ଏ ପ୍ରାଚୀନ ଭୂଖଣ୍ଡର
କୃତି ସଂପର୍କରେ ତୁମେ ଥରେ ଜାଣିଲେ,
ବିସ୍ମୟରେ ବିସ୍ଫାରିତ ହୋଇଯିବ ତୁମର ଚକ୍ଷୁଯୁଗଳ ।

ତୁମେ ବିଶ୍ୱାସ କରିପାରିବ ନାହିଁ, ଗୋଟେ ଜାତିର କୃତି
ଏତେ ଗରୀୟାନ ଓ ମହାନ ହୋଇପାରେ !!
ମୁଁ ଚାହେଁନି ଜଣେଇ ଦେବାକୁ ଦୁନିଆକୁ
ତୁମେ କେଉଁ ଅଜ୍ଞାନମାନଙ୍କ ଦ୍ୱାରା ପ୍ରଶିକ୍ଷିତ
କିବା ଏ ଜାତିର ଗୌରବମୟ ଗାଥା ସବୁ ତୁମକୁ ଅଜଣା ।
ଇତିହାସ ତ' ନିକଟ ଅତୀତରେ ବିତିଲା ଦିନର କଥା ।
ମାତ୍ର ପ୍ରାଚୀନ କାଳରୁ, ଯେବେର ଇତିହାସ ଉଲ୍ଲିଖିତ ନାହିଁ,
ସେହି ପ୍ରାଗୈତିହାସିକ ସମୟରୁ, ଏ ଭୂଇଁର ଗରିମା
ଉଲ୍ଲେଖ ହୋଇଛି ପୁରାଣ ପୃଷ୍ଠାରେ ।
ତୁମେ ତ ରାମାୟଣ, ମହାଭାରତ, ଗୀତା, ଭାଗବତ
ଓ ଅଷ୍ଟାଦଶ ପୁରାଣର ଧୂରୀଣ ପ୍ରବକ୍ତା ।
କେମିତି ପାସୋରିଗଲ କଳିଙ୍ଗ ସାଗର କୂଳେ କୂଳେ
ବୀର ପ୍ରସବିନୀ ସ୍ୱର୍ଣ୍ଣଭୂମି କଳିଙ୍ଗର କାହାଣୀ ?
କିଏ ପାଦ ନଥୋଇଛି ଏ ଭୂଇଁରେ ?
ରାମ, କୃଷ୍ଣ, ବୁଦ୍ଧ, ମହାବୀର ଜୈନ, ଆଦି ଶଙ୍କରାଚାର୍ଯ୍ୟ, ଚୈତନ୍ୟ,
କିଏ ନୁହେଁ, ତାଲିକା ତ' ବହୁତ ଲମ୍ବା
ମନିଷୀ ଓ ମୁନି ଋଷିମାନଙ୍କର ।

ଆଗଙ୍ଗା ଗୋଦାବରୀ ସାମ୍ରାଜ୍ୟର ଅଧିକାରୀ ଥିଲା ଯେଉଁ ଜାତି,
ଯିଏ ବିଶ୍ୱବ୍ୟାପୀ ପ୍ରଚାର କଲା ଭାରତୀୟ ସଂସ୍କୃତି,
ପରଂପରା ଓ ପ୍ରାଚ୍ୟ ଦର୍ଶନର ବାଣୀ,
ଯେଉଁ ମାଟିର ସାଧବପୁଅ ଅପରିସୀମ ଅଥଳ ସମୁଦ୍ରର
ବକ୍ଷକୁ ପ୍ରତିହତ କରି ପାରିଦେଲା ବିପଣୀର ସାମ୍ରାଜ୍ୟ,
ଯାହାର ସହାୟତାରେ ରାମକଥା, ମହାଭାରତର କାହାଣୀ,
ଗୀତାର ବାଣୀ, ବୌଦ୍ଧ ଓ ଜୈନଧର୍ମ
ଭାରତର ସୀମାଡେଇଁ ବିଦେଶରେ ବିଖ୍ୟାତ ହେଲା,
ଏବଂ ବଦଳେଇ ଦେଲା ତାଙ୍କର କଳା, ସ୍ଥାପତ୍ୟ,
ସାହିତ୍ୟ, ସଂସ୍କୃତି ଓ ଚାଲିଚଳଣ,
ସେହି ଜାତିର ଦାୟାଦ କ'ଣ ସତରେ ଦରିଦ୍ର ଦାଦନ,
ନିଃସ୍ୱ, ଅନଟନ ଓ ଅଭାବରେ ପ୍ରପୀଡ଼ିତ ଭିକାରୀ ?
ମାଟି ଯେଉଁଠି କଥାକହେ, ପଥର ଯେଉଁଠି ଜୀବନ୍ତ,
ଝରଣା ଯେଉଁଠି ସଂଗୀତର ମୂର୍ଚ୍ଛନା ତୋଳେ,
ସମୁଦ୍ର ଯାହାର ପାଦ ଧୋଇଦିଏ ନିତିପ୍ରତି,
ଜଙ୍ଗଲ ଯେଉଁଠି ଦେବତାଙ୍କୁ ଆଶ୍ରୟ ଦିଏ,
ଯେଉଁଠି ରାଜା ନୁହେଁ ମାତୃଭୂମିର ସୁରକ୍ଷା ପାଇଁ
ସମବେତ ପ୍ରଜା ଯୁଦ୍ଧ ଲଢ଼ନ୍ତି ଶତ୍ରୁ ସହିତ,
ଯେଉଁଠି ନେତା ନୁହେଁ, ଜନତା ହିଁ ନେତୃତ୍ୱ ନେବାରେ
ଥାଆନ୍ତି ଆଗରେ, ଯେଉଁଠି ସମ୍ରାଟ ନୁହେଁ,
ସେବକ ହାତରୁ ହାତ ବଢ଼େଇ ଭୋଗ ଖାଆନ୍ତି ବଡ଼ଠାକୁର,
ଭକ୍ତର ସ୍ୱାଭିମାନକୁ ସାଇତିବାକୁ ଯାଇ
ଭଗବାନ ଯୁଦ୍ଧଭୂଇଁରେ ସୈନିକ ସାଜନ୍ତି,
ସେହି ପୁଣ୍ୟଭୂମି କଳିଙ୍ଗର ଛବିରେ
କାଳିମାର ଦାଗ ଲଗେଇ କେହି କେବେ
ରକ୍ଷା ପାଇନି ସମୟ ହାତରୁ ।

ଦିନେ ନା ଦିନେ ସେ ବୁଝିପାରିଛି ଅହଂକାର ନୁହେଁ
ଆତ୍ମ ସମର୍ପଣ ହିଁ ସନ୍ନିକଟରେ ପହଞ୍ଚେଇ ପାରିବ ଈଶ୍ୱରଙ୍କର ।
ଷାଠିଏ ପଉଟି ଭୋଗରେ ଯେଉଁଠି
ଅପୁରା ରହେନି କାହା ପେଟ, ମନେରଖ ଏତିକି,
ସେଠି କ'ଣ ଥାଏ କି' କିଛି ଅଭାବ ?

କଳିଙ୍ଗ ପୁତ୍ରକୁ ତୁମେ କଣ୍ଠ ଫଟେଇ ବାରମ୍ବାର
କହିଲେ ମଧ୍ୟ ସେ ନିଃସ୍ୱ, ଅସହାୟ,
କେବେ ତୁମେ ତାର ଜୟ କରିପାରିବନି ହୃଦୟ,
କିବା ସେ ଅପେକ୍ଷାରେ ନାହିଁ ପାଇବାକୁ ତୁମ ଅନୁଗ୍ରହ
ଅବା ତୁମ ହାତ ଟେକିଦିଆ ଅନୁଦାନ ।
ସେ ଜାଣେ ତାର ଶକ୍ତି ସୀମିତ ନୁହେଁ ବ୍ୟାପକ ।
ସେ ସିଂହ ଶିଶୁ, ସୁପ୍ତ ଅବସ୍ଥାରୁ ଯେବେ ଜାଗ୍ରତ ହୋଇ ଉଠିବ,
ଏସବୁ ହାସ୍ୟାସ୍ପଦ ଆସ୍ଫାଳନକୁ ସେ ଫୁତ୍କାରରେ
ଉଡ଼େଇଦେବ ମାତ୍ର କେତୋଟି ମୁହୂର୍ତ୍ତରେ
ଏବଂ ଆପଣା ଶକ୍ତିର ପରାକାଷ୍ଠା ପ୍ରଦର୍ଶନରେ
ଚକିତ ଓ ସ୍ତବ୍ଧ କରିଦେବ ଦୁନିଆକୁ ଓ ସେ ସଭିଙ୍କୁ
ଯେଉଁମାନେ ତାର ପାରିବା ପଣିଆ ଉପରେ
ଉଠେଇଛନ୍ତି ଶତଶତ ପ୍ରଶ୍ନବାଚୀ ।

ଯାହାର ଠାକୁର ବଡ଼ଠାକୁର, ଯାହାର ଦାଣ୍ଡ ବଡ଼ଦାଣ୍ଡ,
ଯାହାର ଦେବତା ଜଗତର ନାଥ, ଯାହାର ନଦୀ ମହାନଦୀ,
ଯାହାର ସାଗର ମହୋଦଧି ଓ ଆନନ୍ଦବଜାର
ଯେଉଁଠି ସର୍ବଦା ଅସରା ଅନ୍ନର ଭାଣ୍ଡ,
ମାଆ ରୂପରେ ବିରାଜିତ ଯେଉଁଠି ନିଜେ ମାତା ଅନ୍ନପୂର୍ଣ୍ଣା,
କିଏ କହିଲା ବହପକରି ସେଠାରେ ଅନେକ ଅଛନ୍ତି
ଅଭୁକ୍ତ ଓ ଭୋକିଲା ?

ସେମାନେ ମନେ ରଖିବା ହୁଏତ ଶ୍ରେୟସ୍କର,
ସେହି ପୁଣ୍ୟ ମାଟିର ସନ୍ତାନ କଳିଙ୍ଗପୁତ୍ର
ଭୋକିଲା ଓ ଅଭୁକ୍ତ ରହିବା ତ ବହୁତ ଦୂରର କଥା,
କେବେ ଦରିଦ୍ର, ଅସହାୟ କି' ଅର୍ଦ୍ଧଭୁକ୍ତ ହୋଇ ପାରେନା ।
ତେଣିକି ତୁମ ଇଚ୍ଛା, ତୁମେ ଏ ସତ୍ୟକୁ ମାନ କି' ନ ମାନ ।


+ (ମୋ)୯୪୩୭୩୮୨୨୮୧


## ବାଉନ ପତା ତାସ୍


### ମାନିନୀ ମିଶ୍ର




ମୁଁ ଯେତେ ଏ ଶିଳ୍ପୀ ସଂଜୟ ଭଞ୍ଜକୁ ଚିହ୍ନେ
ପ୍ରେମ ତା ପାଇଁ ବାଉନ ପତା ତାସ
ପ୍ରତିଥର ଖେଳିବା ଆଗରୁ ସେ
ନିଜକୁ ନିଜେ ଫେଣ୍ଟେ ସାତ ଥର

ସଂଜୟ ଭଞ୍ଜର ପ୍ରେମିକା ଗଣନାରେ
ସବୁଠି ଷ୍ଟାଟିଷ୍ଟିକାଲ ଏରର

ଏଯାଏ ଔପଚାରିକ ଭାବେ
ପ୍ରକାଶିତ ହୋଇ ପରିଲାନି
ତାର ପ୍ରେମିକାଙ୍କ କାଟାଲଗ

ସଂଜୟ ଭଞ୍ଜ ହି ଜାଣେ
ତା' ପୁଲା ଟିପା ଖାତାରେ
କେତେ ପ୍ରେମିକା ଆତଯାତ

ସଂଜୟ ଭଞ୍ଜର ଦୁର୍ଗୁଣ ହେଲା
ସେ ଛଲକଉଥିବ ତାସ
ବାରି ଆଣୁଥିବ ଲାଲ୍ ପାନ ବିବି
ଛାଡି ବନି କାଳୀ ଠିକରି
ନିଜ ମୁଣ୍ଡରେ ଅଠା ଲଟକେଇ

ଠୋ ଠୋ ହସୁଥିବ ଗୋଲାମ ହୋଇ
ଖେଳ ସରିବା ବେଳକୁ
ଚିଡିଆକୁ ନିଦରୁ ଉଠେଇ
ଡେଣା ହଲେ ଉପହାର ଦେବ
ଛେପ ଲଟକେଇ ଆଣିବ ନ, ଦଶ୍
ପୁଣି ଥରେ ପ୍ୟାକେଟରେ
ଭରିଦେବ ତାସ୍

ଦୂରଦର୍ଶନର ପ୍ରଯୋଜକରୁ ଆରମ୍ଭ ହୋଇ ନୂଆ
ଦିଲ୍ଲୀର ବିଜ୍ଞାପନ ଏଜେନ୍ସିର କ୍ରିଏଟିଭ ହେଡ୍
ସେଠୁ ଭୁବନେଶ୍ୱରର
ଆଇ ଆର ସି ଭିଲେଜର ଫିଲ୍ମ ଅଫିସର
ଠିକଣା ବଦଳୁଥିବ ସଂଜୟ ଭଞ୍ଜର
ହେଲେ ବଦଳିଲାନି ଜମ୍ମାରୁ ସଂଜୟ ଭଞ୍ଜ

କରବୀର ବଗିଚା ଭିତରେ
ସଂଜୟ ଭଞ୍ଜ କିଆଁ କିଆ ଫୁଲ ଧରି ବୁଲୁଛି
ତାକୁ ପଚାରନା
ପଚାରିଲା ମାନେ ବାହାରିବ ପତା
ସବୁଥର ସାତଥର ଫେଣ୍ଟା ଫେଣ୍ଟି
କେବେ ସେ ଗୁଲାମ୍ ତ
ଆଉ କେବେ ବାଦଶାହା
ହେଲେ ,
ସବୁଠି ତାର ପ୍ରେମ ପଚିଶ୍ ମିନିଟିଆ ।

(ସଂଜୟ ଭଞ୍ଜଙ୍କ ୫୨ତମ ଜନ୍ମଦିନ ଉପଲକ୍ଷେ)


+ ମୋ: ୮୨୪୯୩୪୨୩୪୬


## ଫେରବନ୍ଦି ଘର


### ହରିଶ୍ଚନ୍ଦ୍ର ବେହେରା




ଯୌଥ ପରିବାରକୁ ସୁନ୍ଦର ଦିଶେ
ମଝିବାହାର ।

ଦାଣ୍ଡ ଦୁଆରୁ ଆସ କି ବାଡ଼ିଦୁଆରୁ
ସିଧା ପହଞ୍ଚିବ ସେଇଠି ।

ମଝିବାହାର ଅଛି ତ ଜାଣିବ
ଫେରବନ୍ଦି ଘର
ପରସ୍ପର ସୁଖ ଶାନ୍ତି ଥାଏ ନିରନ୍ତର
ବହୁଥାଏ ଆନ୍ତଃଶ୍ରାବୀ ଫଲ୍‌ଗୁ ନଦୀ
ଅମୃତର ଝର ।

ଫେରବନ୍ଦି ଘର ମାନେ ଥିବ ଗୋଟେ
ମୁରବି ମେରିଖୁଣ୍ଟ
ଅବଶିଷ୍ଟାଂଶ ସାରା ଖୁଣ୍ଟ ଚାରିପଟେ
ପକାଉଥାନ୍ତି ବେଙ୍ଗଳା
ଘର ସାମ୍ନାରେ ପିତ୍ତଳ ଗୋବ ଖଚିତ
ଜାଉଁଳି କବାଟ ସୁନ୍ଦର ମାନେ ଘରକୁ ।

ଏବେତ ଘରସବୁ ବେମୁରବିୟା
ଯେ ଯାହାକୁ ଚଉଦ ପା'
ଭାଙ୍ଗିଯାଇଛି ଓହଳ ପରେ
ଓହଳ ପକେଇଥିବା
କେଉଁ କାଳର ବରଗଛ
ମଝିବାହାରେ ପାଚେରି ଉଠି
ହେଇଯାଇଛି ଦି' ଫାଳ
ମେଳାରେ ବସି ସାଥି ହୋଇ ଖାଇବା
ଖୁସି ବାସି ହେବା
ଏବେ ସାତ ସପନ
କାନ୍ଥ ଡେଇଁ ନାଲ ଭାଜିର ବାସ୍ନା ଯାହା
ଏପଟ ସେପଟ ହୁଏ ।

ବରଜୁ ପଧାନ ମାନେ ଏବେ ହୋଇଯାଇଛନ୍ତି
କଳଙ୍କି ଲଗା ଅଚଳ ଇତିହାସ ।

କେହି ମୁଣ୍ଡାଉ ନାହାନ୍ତି
ବୁଢ଼ା ବୁଢ଼ୀଙ୍କ ବୋଝ
ଯାଅ ଯାଅ ଜରାନିବାସକୁ ଯାଅ
ଗୁହ ମୂତ ଯାହା ବି ହେଉଛ ହୁଅ ସେଇଠି ।

ଯେତେ ଘରକୁ ସେତେ ପୂଜା
ଖୁସି ହୁଅନ୍ତେ ଛତିଶ ପାଟକ ରାଜା
ପୂଜା ପରବ କଥା ଛାଡ଼ ହୋ
ଶ୍ରାଦ୍ଧ ଶାନ୍ତି ବି କରୁନାହାନ୍ତି
ପରିବାରର ପୁଅ ଝିଅ
ଖଣ୍ଡେ ଗାମୁଛା କି ମୁଠେ ଚାଉଳ ବି ପାଉନାହାନ୍ତି
ବିଚରା ବ୍ରାହ୍ମଣ ବର୍ଷକରେ ।

ଫେରବନ୍ଦି ଘର ଭିଟା ଉପରେ ଏବେ
ଠିଆ ହୋଇଛି ପାରା ଖୋପ ପରି
ଇନ୍ଦିରା ଆବାସ
ନା ଅଛି ମେଳା ନା ବହୁ କୁଟୁମ୍ବୀ ଝାମେଲା ।

ଫାଳ ଫାଳ ହୋଇଯାଇଛି ଘର
ହୃଦୟ ଈଶ୍ୱର ।

ଆମ ପିଲାଏ ଲୋଡିବେ ନାହିଁ
'ଫେରବନ୍ଦି' କି
'ଜାଉଁଳି କବାଟ' ଶବ୍ଦ ଘରକୁ ନେଇ
ରଚନା ଲେଖିବା ବେଳେ !!


+ କଲ୍ୟାଣ ନଗର,
ଅଙ୍ଗାରଗଡିଆ, ବାଲେଶ୍ୱର


## ଆଉ ଲୋଡ଼ା ନାହିଁ କିଛି


### ଇଂ. ସତ୍ୟବ୍ରତ ରଥ




ଏ ଯେଉଁ ମୁହୂର୍ତ୍ତ କେତୋଟି
ତତେ ଏବେ ଅସାଧାରଣ ଏବଂ
ଅସହ୍ୟ ଲାଗୁଛି ଅନୁଜ ଲକ୍ଷ୍ମଣ,
ଯେହେତୁ ରାଜବଂଶୀୟ ସଂସ୍କାର
ଏହାଠାରୁ ସଂପୂର୍ଣ୍ଣ ଭିନ୍ନ ।

ବିରକ୍ତ ହେବା ପରିବର୍ତ୍ତେ
ଶାନ୍ତ ହୁଅ,
ବିନମ୍ରତାର ସହ
ପରିସ୍ଥିତିକୁ ଅନୁମୋଦନ କର
ତାହା ଶ୍ରେୟସ୍କର ।
ସମୟର ଥାଏ ଏମିତି କିଛି
ନୀତିଶିକ୍ଷା ଦେବାର ଅଭିପ୍ରାୟ
ଯାହାକୁ ବୁଝିବା
ମମତ୍ୱବନ୍ଦୀ ପକ୍ଷରେ
ଆଦୌ ନୁହେଁ ସମ୍ଭବ ।

ମନକୁ ଫେରାଇ ଆଣି
ଆଉଥରେ ଆଖି ଦୁଇଟିକୁ ତା'ର ଲକ୍ଷ୍ୟ କର,
କେତେ ଯୁଗର ସଞ୍ଚିତ ଭାବ ଓ ବିଶ୍ୱାସ
କେତେ ଯୁଗର ଆକାଂକ୍ଷା ଓ ଅଭିମାନ
ଡୋଳା ଭିତରେ କେମିତି ଢେଉ ଭାଙ୍ଗୁଛି ।
ସେ ତ ସମର୍ପି ଦେଇସାରିଛି ସବୁ କିଛି
ବହୁ ପୂର୍ବରୁ ।
ଶିଥିଳ ରକ୍ତଚର୍ମର ଶରୀର,
ଏଇ ଥର ଥର ଦୁଇହାତ, ଦୁଇ ଓଠ
କେମିତି ସୂଚାଇ ଦେଉଛି ଯେ-
ପୂର୍ଣ୍ଣ ହୋଇଛି ତା' ଜନ୍ମଜନ୍ମାନ୍ତରର ମାଗୁଣି,
ଆଉ ଲୋଡ଼ାନାହିଁ କିଛି ।

ତାରାପୂର୍ଣ୍ଣ ଆକାଶରୁ
ନୀଳିମାର ସ୍ୱଚ୍ଛତା ବାରି ହୋଇ ପଡ଼େ,
ମୁଁ ତ ଅନୁଭବ କରି ସାରିଛି
ଭାବପୂର୍ଣ୍ଣ ହୃଦୟର ପବିତ୍ର ସ୍ପନ୍ଦନ
ନୀରବ ଓଠର ଆତ୍ମାତୃପ୍ତ ଶବ୍ଦ ପୁଞ୍ଜ ଭ୍ରାତା
କିପରି ବାରିବି ଉଚ୍ଛିଷ୍ଟ ?
ଏ ଶବରୀ ମାତୃ ପ୍ରତିମ
ଯାହାର ସ୍ନେହ ଫାଶରେ ବନ୍ଧା
ବନବାସୀ ତବ ଜ୍ୟେଷ୍ଠଭ୍ରାତା
ଉଚ୍ଛିଷ୍ଟ ଫଳ ଏ ନୁହେଁ କଦାପି
ସ୍ୱର୍ଗର ଅମୃତଠୁ ଅଧିକ ।


+ କଲେଜ ରୋଡ, ବାଙ୍କୀ,
ପୋ: ବାଙ୍କୀ, ଜି: କଟକ
ପିନ୍-୭୫୪୦୦୮
ମୋ: ୯୯୩୭୩୨୭୬୪୭


## ମୃତ୍ୟୁ ପର କବିତା


ମୂଳ ହିନ୍ଦୀ-ଲଳିତ ମଂଗୋତ୍ରା
ଅନୁବାଦ-
ଡ. ମମତା ପ୍ରିୟଦର୍ଶିନୀ ସାହୁ




ମୋ ନିଜସ୍ୱ ମୃତ୍ୟୁ ପରେ
ଗୋଟେ କବିତା ଲେଖିଲି
ନା ମୋ ପାଖରେ ଥିଲା କାଗଜ
ନା ଥିଲା କଲମ
କଲମ ଧରିବାକୁ ହାତ ବି ନଥିଲା
ଏମିତି କି ଚିନ୍ତା କରିବାକୁ
ବୁଦ୍ଧିର ବି ଅଭାବ ଥିଲା ।

ତଥାପି
ମୁଁ ଏକ କବିତା ଲେଖିଲି
ଏଇ କବିତା ଲେଖିବା ପାଇଁ
ନା ମୋତେ ଜରୁରୀ ଥିଲା କଲମର
ନା ହାତର ,
ନ ଥିଲା ବି ଜରୁରୀ ବୁଦ୍ଧିର ,
ସେମିତି ବି ଏମାନଙ୍କ ସାଥିରେ
କବିତା କ'ଣ ଲେଖି ହୁଏ କି !

ଏଇ କବିତା ଲେଖିବା ପାଇଁ
ମୁଁ ପବନର ହିଲ୍ଲୋଳ ସାଥେ
ସମ୍ମିଳିତ ହେଲି
ଆକାଶର ଯାଦୁକରୀ ନୀଳିମା ସହ ମିଶିଲି
ଗଛଲତାର ସବୁଜତା ହୋଇ ହସିଲି
ମାଟିର ବାସ୍ନାର ସାଥେ ବାସ୍ନାୟିତ ହେଲି
ମୁଁ ସ୍ୱୟଂ ଏକ କବିତା ହୋଇ ଗଲି
ମୋ ମୃତ୍ୟୁର ପଶ୍ଚାତ୍ ।।


+ ଓଡିଆ ଅଧ୍ୟାପିକା,
ସରକାରୀ ଏସ୍ ଏସ୍ ଡି, ଏଚ୍ ଏସ୍ ଏସ୍,
ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ,
ବାଲିଶଙ୍କରା, ସୁନ୍ଦରଗଡ


## ଦୁଇଟି ଅନୁଦିତ କବିତା


ମୂଳ ବାଂଲା—ସୁଶୀଲ ମଣ୍ଡଳ
ଅନୁବାଦ : ଅଜିତ ପାତ୍ର




### ।। କବିମାନେ କବିତା ପଢ଼ନ୍ତି ।।

ଉପରଓଳିର ରୌଦ୍ରରେ ନଦୀ ଚାଲେ
ସାମ୍ନାରେ କେତେ ବାଙ୍କ, ଅଙ୍କାବଙ୍କା
ଆକାଶର ପ୍ରାନ୍ତରେ ନିଳୁଆ ଫୁଲ ହଲୁଛି ।

କବିମାନଙ୍କ ସମ୍ମେଳନ ମହୁଲିର ଗନ୍ଧ ଭାସୁଛି
କବିମାନେ କବିତା ପଢ଼ନ୍ତି ଖୋଲାମେଳା
ଜୀବନତମାମର ଚିତ୍ର ସବୁ, ଧୀରେ
କେତେବେଳେ ବା ସୋଚ୍ଚାର ।

ହସଖୁସି ଉପରଓଳି ହାତ ଠାରେ,
ସଞ୍ଜକୁ ଡାକେ
କବିମାନେ ପଢୁଥାନ୍ତି ନାରୀର ବିଭାଜିତ
ଶରୀରର କବିତା । କେହି ରତି ଆରାଧନାରେ
ଜୁଳଜୁଳିଆର ଆଲୁଅରେ ଖୁବ୍ ବେଶି ଉଜ୍ଜ୍ୱଳ,
କବିମାନେ କବିତା ପଢ଼ନ୍ତି ।

### ।। ଇଚ୍ଛା ହୁଏ ।।

ଘନ ଅନ୍ଧାରରେ
ଇଚ୍ଛା ହୁଏ
ବୁଦ୍ଧଦେବଙ୍କ ପରି ଗୃହତ୍ୟାଗୀ
ବାହାରି ପଡ଼ନ୍ତି
ପଛରେ ପଡ଼ିରହୁ ବୃହତ୍ତର ଆୟୋଜନ ।
ଇଚ୍ଛା ହୁଏ
ଇଟା-କାଠ-ପଥରର ଦୁର୍ଯୋଗକୁ
ପଛରେ ପକେଇ
ଚାଉଳ ଡାଲି ନୁଣର ସଂସାର ଡେଇଁ
ମେଘ ସାଙ୍ଗରେ ଟିକିଏ କଥା କୁହେ ।
ଗୃହବନ୍ଦି ଇଚ୍ଛାଟିକୁ
ଜାହାଜର ମାସ୍ତୁଲରେ ରଖି
ଠେଲି ଦେବାକୁ ଇଚ୍ଛା ହୁଏ
ଗୋଟିଏ ବଡ଼ ବତୀଘର ଆଡ଼କୁ ।


+ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ
ବାରିପଦା, ମୟୂରଭଞ୍ଜ, ଓଡ଼ିଶା


## ଭୁଲ୍...


### କେକି ସିଂ ଭୋଇ




ଏଠି ତ ଜିବ ମାତ୍ରକେ ଭୁଲ୍ କରି ଥାଏ ।
ଜାଣତେ ହଉ ଅବା ଅଜାଣତେ
ତମେ ତ ଥରେ ବି କହିଲନି ମୋ ଭୁଲ୍,
ବାସ୍ ଗୋଟେ କଥା କହିଲ- 'ସେଟା ପ୍ରେମ
ନଥିଲା ଥିଲା,
ଥିଲା ବୟସର ଦୋଷ ।

ଛାଡ ମୋର୍ ଭୁଲ୍ ବି ହେଇ ଥିବ !
କିନ୍ତୁ ଆମ ଦେଶରେ ତ ଫାଶି ପାଇବା ଆଗରୁ
ରାଜକ୍ଷମା ବି ଦିଆଯାଏ,

କିନ୍ତୁ ମୁଁ ତ ଯେତେଥର ନିଶ୍ୱାସ ଚାଲୁଛି
ସେତେ ଥର କ୍ଷମା ମାଗୁଛି,
କିନ୍ତୁ ତମେ ତ ନାରାଜ ।

ତମେ କେବେ ଭାବିଛ ନା ?

ତମେ ଗଲା ପରେ ପରେ କେମିତି ବଞ୍ଚିଛି !
ନିଶ୍ୱାସ ଚାଲୁଛି ସତ,
କିନ୍ତୁ ଗୋଟେ ଶ୍ମଶାନ ଘାଟର ମୁର୍ଦାର ପରି ।

ଥରେ ଖାଲି ଫେରି ଆସ
ମୋ ସକାଳ ର ସୂର୍ଯୋଦୟ ହେଇ,
ହୁଏ ତ କିଛି ଦିନ ଆଉ ବଞ୍ଚି ଯିବି
ତମ ପ୍ରେମ ରୂପକ ଭିଟାମିନ -ଡି ପାଇ ।


+ କଁସିଲ୍,ବଙ୍ଗୋମୁଣ୍ଡା,ବଲାଙ୍ଗୀର
ମୋ -୭୮୯୪୩୩୧୯୦୨


## ମନେପଡେ


### ଲକ୍ଷ୍ମୀପ୍ରିୟା ମାଇତି




ସହରରେ
ଲୋକ,ଗାଡ଼ି ମଟର , ଦୋକାନ
ଯୋଉଠି ଥାଏ ତଳେ ପୃଥିବୀ
ଉପରେ ଆକାଶ
ସେଇଠି ଦେଖା ହୁଏ କେତେ ଥର
ତମ ସାଥେ ମୋର ।

ବୁଲିନି କେବେ ତ
ତମ ସାଥେ ପାର୍କ...
କି ପଶିନି ସିନେମା ହଲ୍ ରେ ।

ଯେତେବେଳେ ଭିଡ଼ ଭିତରେ
ତମେ ମୋତେ ପାଖେ ପାଅ
ଆଉ ମୁଁ ତମକୁ
ନଥାଏ ସେଠି କିଛି
ଛୋଟ କେଇ ପଦ ପ୍ରେମର ଆଳାପ
କିମ୍ବା ବିଳାପ ।

ନା ଯାଚ ତମେ ମୋତେ
ଏକ ପ୍ଲେଟ୍ ଆଲୁଚପ୍ ଦହିବରା
ନା ମୁଁ ତମକୁ ବାଧ୍ୟ କରେ
ପିଇବାକୁ ଗୋଟେ କପ୍ ଚା' ।

ଆମେର ମାନେ...
ଅନ୍ୟ କିଛି ଆଶା ପାଇଁ ନୁହେଁ
ଆମ ଆଲୋଚନା...
ଆମ ସଜଡାରୁ ଅସଜଡା ସଂସାର ଯାଏଁ
ତମେ କେତେ ଜଳ
ମୁଁ କେତେ ମରେ
ଏଇମିତି ପ୍ରାୟ ଆମ ସାକ୍ଷାତ ସୀମିତ ଥାଏ
ଅଧ ଘଣ୍ଟାରୁ ଘଣ୍ଟାଏ
ଇଏ ବି କ'ଣ ... ଶ୍ରେଷ୍ଠ ସମ୍ପର୍କ ଟେ ନୁହେଁ ।


+ ଏରସମା, ଜଗତସିଂହପୁର
ମୋ -୯୪୩୯୫୩୭୫୯୨


## ପ୍ରତାରଣା


### ଦିବାକର ନାୟକ




ତୁମେ ଯେବେ ମୋତେ ମନେ ପକାଇବ
ମୋ' ଭଳି ଖାଲି ନିତି ଝୁରିବ
ତୁମେ ଯେବେ ମୋର ପରଶ ଚାହିଁବ
ମୋ' ଭଳି ଖାଲି ତୁମେ ଜଳିବ (୦)

ଦୁନିଆ ଆଖିରେ ତୁମେ ସିନା ଆଜି
ସାଜିଛ ଆଉ କା ପ୍ରିୟା
ହେଲେ ପାଇଛ କି ଚଉଠି ରାତିରେ
ପ୍ରଥମ ପ୍ରେମର ଛୁଆଁ
ତୁମ ଆଖି ଯେବେ ମୋ ଛବି ଖୋଜିବ
ମୋ' ଭଳି ତୁମେ ନିଦ ଭୁଲିବ (୧)

ଭୁଲି ପାରିଛ କି କୁଆଁରୀ ଜୀବନେ
ଭୁଲ୍ କରିବାର ମଜା
ବୁଝି ପାରିଛ କି ନିଜ ପ୍ରତାରଣା
ନିଜକୁ ବି ଦିଏ ସଜା
ତୁମେ ଯେବେ ମୋର ହୃଦୟ ଦେଖିବ
ମୋ' ଭଳି ତୁମେ ଭାଙ୍ଗି ପଡ଼ିବ (୨)

ତୁମେ ଚାହିଁଥିଲେ ମୁଁ ବି ତୁମକୁ
କରି ପାରିଥାନ୍ତି ବଧୂ
ହେଲେ ତୁମେ ପରା କହିଥିଲ ମୋତେ
ପ୍ରତୀକ୍ଷାରେ ମିଳେ ମଧୁ
ତୁମେ ଯେବେ ମୋର ସ୍ମୃତି ସାଉଁଟିବ
ମୋ' ଭଳି ତୁମେ ନିତି ମରିବ (୩)

ଆଜି ଯାହା ନୂଆ କାଲି କି ପୁରୁଣା
ଇଏ ତ ଦୁନିଆ ରୀତି
ପୁରୁଣାକୁ ଯଦି ଭୁଲିପାର ତୁମେ
କିଏ କୁହ ନୂଆ ନିତି
ତୁମେ ଯେବେ ମୋର ପ୍ରେମକୁ ଖୋଜିବ
ମୋ' ଭଳି ତୁମେ ଧୋକା ପାଇବ (୪)


+ ପାଟପୁର, କନିସି-୭୬୧୦୦୮
ଗୋଳନ୍ଥା, ଗଞ୍ଜାମ
ମୋ-୯୯୩୮୬୧୯୯୮୧

# ବିଜୁଳି ଦର ବୃଦ୍ଧି ପ୍ରତିବାଦରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଭର୍ଚୁଆଲ ବିକ୍ଷୋଭ ପ୍ରଦର୍ଶନ

## ଆଗାମି ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର ଏବଂ ବ୍ୟାପକ କରାଯିବ : ବିଜେପି

ଭୁବନେଶ୍ୱର,୨୧/୬ (ନି.ପ୍ର): ରାଜ୍ୟରେ ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ଭର୍ଚୁଆଲ ମୋଡରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ରାଜ୍ୟ ସରକାର ଏବଂ ବିଦ୍ୟୁତ ବଂଟନ କଂପାନୀର ମଧୁଚନ୍ଦ୍ରିକା କାରଣରୁ ସାଧାରଣ ବିଜୁଳି ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି । ରାଜ୍ୟ ସରକାର ବିଜୁଳି ଉପଭୋକ୍ତାଙ୍କ ସ୍ୱାର୍ଥକୁ ସର୍ବଦା ଅଣଦେଖା କରିବା ସହ ଅହେତୁକ ବାରମ୍ବାର ବିଜୁଳି ଦର ବୃଦ୍ଧି କରି ବୋଝ ଉପରେ ନଳିତା ବିଡା ଲଦି ଦେଇଛନ୍ତି । ହଜାର ହଜାର କୋଟି ଟଙ୍କାର କ୍ଷତି ଦର୍ଶାଇ ବର୍ତମାନ ଶକ୍ତି ବିଭାଗକୁ ଟାଟା କଂପାନୀ ହାତକୁ ଟେକି ଦେଇଛନ୍ତି । ବିଧାନସଭା ଭିତରେ ଆଉ ବାହାରେ ବିଭାଗୀୟ ମନ୍ତ୍ରୀ ମିଛ ବିବୃତି ଦେଇ ବିଭ୍ରାନ୍ତ କରିବାର ପ୍ରଚେଷ୍ଟା କରୁଛନ୍ତି ବୋଲି ଜିଲ୍ଲା ବିଜେପି ତରଫରୁ ଅନୁଷ୍ଠିତ ଭର୍ଚୁଆଲ ବିକ୍ଷୋଭ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ବିଜୁଳି ଉପଭୋକ୍ତା ମହାସଂଘ ସଭାପତି ରମେଶ ଚନ୍ଦ୍ର ଶତପଥୀ ମତ ଦେଇଛନ୍ତି ।

ସେହିପରି ଗତ ୧୦ ବର୍ଷ ମଧ୍ୟରେ ବାରମ୍ବାର ବିଜୁଳି ଦର ବୃଦ୍ଧି କରି ରାଜ୍ୟ ସରକାର ବିଜୁଳି ଉପଭୋକ୍ତାଙ୍କୁ ଆର୍ଥିକ ବୋଝ ଲଦି ଦେଇଛନ୍ତି । ରାଜ୍ୟର ବିଦ୍ୟୁତ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇ ଘରୋଇ କଂପାନୀଗୁଡିକର ସ୍ୱାର୍ଥକୁ ପ୍ରତ୍ୟକ୍ଷ ଭାବେ ପ୍ରୋତ୍ସାହନ ଦେବା ସହ ବିଶେଷ ଭାବେ ଘରୋଇ ବିଜୁଳି ଉପଭୋକ୍ତାଙ୍କୁ ରାଜ୍ୟ ସରକାର ବାରମ୍ବାର ଧୋକା ଦେଇ ଆସୁଛନ୍ତି ବୋଲି ବିଜୁଳି ଶକ୍ତି ଏକ୍ସପର୍ଟ ଆନନ୍ଦ ମହାପାତ୍ର କହିଛନ୍ତି ।

କୋଭିଡ୍ ମହାମାରୀ ସଂକଟ ସମୟରେ ସାଧାରଣ ଜନତାଙ୍କ ଉପରେ ଜୋରଜବରଦସ୍ତ ଭାବେ ଏଭଳି ଆର୍ଥିକ ବୋଝ ଲଦି ଦିଆଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ସମ୍ବେଦନହୀନତାର ପରିଚୟ । ଭାରତୀୟ ଜନତା ପାର୍ଟୀ ଏହାକୁ ବିରୋଧ କରୁଛି । କରୋନା କଟକଣାକୁ ସଂପୂର୍ଣ୍ଣ ଭାବେ ପାଳନ କରି ବିଶେଷଜ୍ଞମାନଙ୍କ ତଥ୍ୟ ଆଧାରରେ ରାଜ୍ୟ ସରକାରଙ୍କ ନିଷ୍ପତିକୁ ବିରୋଧ କରିବାର ପ୍ରୟାସକୁ ଏହି ଭର୍ଚୁଆଲ ବିକ୍ଷୋଭରେ ଯୋଗ ଦେଇ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ପ୍ରଶଂସା କରିଛନ୍ତି । ରାଜଧାନୀରୁ ଆରମ୍ଭ ହୋଇଥିବା ଏହି ବିକ୍ଷୋଭ, ପ୍ରତିବାଦ ସଭା ଏବଂ ଆନ୍ଦୋଳନ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି ।

ରାଜ୍ୟର ଅର୍ଥନୈତିକ ବିକାଶ ପାଇଁ ବିଜୁଳି ଶକ୍ତିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟବାସୀଙ୍କ ସ୍ୱାର୍ଥକୁ ବଳି ଦେଇ ରାଜ୍ୟ ସରକାର ଆଳୁ, ପିଆଜ ଭଳି ଯେଉଁ ଭାବେ ବିଜୁଳି ଦର ବୃଦ୍ଧି କରୁଛନ୍ତି, ଏହି କୁଚକ୍ରାନ୍ତ ବିରୁଦ୍ଧରେ ସାମାଜିକ ଗଣମାଧ୍ୟମ ଜରିଆରେ ରାଜ୍ୟବାସୀଙ୍କୁ ଅବଗତ କରାଯିବ ବୋଲି ଏହି ଭର୍ଚୁଆଲ ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

କରୋନା କଟକଣାଜନିତ ଲକ୍‌ଡାଉନ / ସଟ୍‌ଡାଉନ କାରଣରୁ ବିକ୍ଷୋଭ ପ୍ରଦର୍ଶନ ସର୍ବସାଧାରଣରେ ଅନୁଷ୍ଠିତ ନହୋଇ ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ ହୋଇଥିଲା । ବିଜୁଳି ଉପଭୋକ୍ତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଜେପି ତରଫରୁ ଏହି ନିଷ୍ପତି ବିରୁଦ୍ଧରେ ବାରମ୍ବାର ପ୍ରତିବାଦ ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯିବା ସତ୍ୱେ ରାଜ୍ୟ ସରକାର ଆଦୌ କର୍ଣ୍ଣପାତ କରୁନାହାନ୍ତି । ରାଜ୍ୟ ସରକାର ବିଜୁଳି ବୃଦ୍ଧି ନିଷ୍ପତି ତୁରନ୍ତ ପ୍ରତ୍ୟାହାର ନକଲେ ଆଗାମି ଦିନରେ ଏହି ଆନ୍ଦୋଳନକୁ ଆହୁରୀ ତୀବ୍ର କରାଯାଇ ବ୍ୟାପକ କରାଯିବ ବୋଲି ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି ।

ନିଜ ନିଜ ଅଂଚଳ ଏବଂ ଘରେ ରହି ବିଜେପି କାର୍ଯ୍ୟକର୍ତାମାନେ ଟେକ୍ନୋଲୋଜିକୁ ବ୍ୟବହାର କରି ଭର୍ଚୁଆଲ ମିଟିଂ ଜରିଆରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଜିଲ୍ଲା ସଭାପତିବାବୁ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଭର୍ଚୁଆଲ ବିକ୍ଷୋଭ ପ୍ରଦର୍ଶନରେ ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଓ ହରେକୃଷ୍ଣ ଖୁଂଟିଆ ପ୍ରମୁଖଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ, ମଣ୍ଡଳ ସଭାପତି ଓ ପ୍ରଭାରୀ, ମୋର୍ଚ୍ଚା ସଭାପତି ଓ ପ୍ରଭାରୀ, ପ୍ରକୋଷ୍ଠ ମୁଖ୍ୟ, କାର୍ଯ୍ୟକର୍ତା ଏବଂ ବୁଦ୍ଧିଜୀବିମାନେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ମନୋମୁଖି କାର୍ଯ୍ୟକୁ ଦୃଢ ନିନ୍ଦା କରିବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ ।

# କୋଭିଡ୍‌ରୁ ମୁକ୍ତ ଲୋକଙ୍କ ପାଇଁ ଅନ୍‌ଲାଇନ୍‌ରେ ଯୋଗଶିକ୍ଷା

ଭୁବନେଶ୍ୱର ,୨୧/୬ (ନି.ପ୍ର): କୋଭିଡ୍‌ରୁ ମୁକ୍ତ ହୋଇଥିବା ଲୋକମାନଙ୍କ ଯୋଗ ଓ ପ୍ରାଣାୟମ ଶିକ୍ଷାର ସୁବିଧା ଦେବାକୁ ଯାଉଛି ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ । ଅନ୍‌ଲାଇନ୍ ଜରିଆରେ ଲୋକମାନେ କୋଭିଡ୍‌ରୁ ମୁକ୍ତ ହେବା ପରେ କିଭଳି ନିଜର ଶରୀରକୁ ସୁସ୍ଥ ରଖିପାରିବେ, ତାହାର କୌଶଳ ପାଇ ପାରିବେ । ଆସନ୍ତା ୨୭/୨୮ ତାରିଖ ଆଡ଼କୁ ଏହା ଆରମ୍ଭ ହେବାକୁ ଯାଉଥିବା ସୂଚନା ମିଳିଛି । କରୋନାର ଦ୍ୱିତୀୟ ଲହର ବେଶ୍ ସାଂଘାତିକ ହୋଇଛି । କରୋନାର ଭୂତାଣୁର ପରିବର୍ତ୍ତିତ ରୂପ ବା ମ୍ୟୁଟେସନ୍ ଯୋଗୁଁ ବହୁ ସଂଖ୍ୟାରେ ଲୋକମାନେ ସଂକ୍ରମିତ ହୋଇଛନ୍ତି । କରୋନାରେ ସଂକ୍ରମିତ ହେବା ସମୟରେ କିମ୍ବା ମୁକ୍ତ ହେବା ପରେ ମଧ୍ୟ ଅନେକଙ୍କ ଫୁସ୍‌ଫୁସ୍ କ୍ଷତିଗ୍ରସ୍ତ ହେଉଛି । ତେବେ ଯୋଗ ଓ ପ୍ରାଣାୟମ ସହାୟତାରେ ଲୋକମାନେ କିଭଳି ନିଜର ଶରୀରକୁ ସୁସ୍ଥ ରଖିପାରିବେ, ସେଥିପାଇଁ ଅନଲାଇନ୍ ଜରିଆରେ ଏହି ଶିକ୍ଷା ଦେବା ଲାଗି ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ଅଭିନବ ଉଦ୍ୟମ ଆରମ୍ଭ ହୋଇଛି ।

ସୂଚନା ଅନୁସାରେ, ରାଜ୍ୟରେ ଥିବା ହୋମିଓପ୍ୟାଥିକ/ ଆୟୁର୍ବେଦିକ କଲେଜ ଜରିଆରେ ସଂପୃକ୍ତ ଜିଲ୍ଲା କିମ୍ବା ଏକାଧିକ ଜିଲ୍ଲାକୁ ଏକାଠି ଅନଲାଇନ୍‌ରେ ଏହି ଯୋଗ ଶିକ୍ଷା ଦିଆଯିବ । ଲୋକମାନେ ଏକ ନିର୍ଦ୍ଦିଷ୍ଟ ଲିଙ୍କ୍ ଜରିଆରେ ଏହାର ଲାଇଭ୍ ସୁବିଧା ପାଇ ପାରିବେ । କଲେଜମାନଙ୍କ ପକ୍ଷରୁ ଏଥିପାଇଁ ଯୋଗ ଇନ୍‌ଷ୍ଟ୍ରକ୍ଟରଙ୍କୁ ଚିହ୍ନଟ କରିବା ଲାଗି କୁହାଯିବ । ସପ୍ତାହ ପର୍ଯ୍ୟନ୍ତ ଏହି ଯୋଗା ଶିକ୍ଷା ଦିଆଯିବ । ଜିଲ୍ଲାସ୍ତରରେ ସିଡିଏମ୍‌ଓଙ୍କ ନିକଟରେ କରୋନାରୁ ସୁସ୍ଥ ହୋଇଥିବା ଲୋକମାନଙ୍କ ମଧ୍ୟ ତାଲିକା ରହିଛି । ତେଣୁ ଇଚ୍ଛୁକ ବ୍ୟକ୍ତିମାନେ ଯୋଗଶିକ୍ଷାରେ ଅଂଶଗ୍ରହଣ କରିପାରିବେ ବୋଲି ଆଶା କରାଯାଉଛି । ତେବେ ଲୋକମାନେ କିଭଳି ଏହି ଯୋଗ ଶିକ୍ଷାର ଲିଙ୍କ୍ ପାଇବେ, ସେ ସଂପର୍କରେ କିଛି ସ୍ପଷ୍ଟ ହୋଇନାହିଁ । ରାଜ୍ୟ ଆୟୁଷ ନିର୍ଦ୍ଦେଶକ କହିଛନ୍ତି, ଯୋଗ ଶିକ୍ଷାର ଭିଡିଓ କ୍ଲିପ୍ ସଂଗ୍ରହ କରାଯାଉଛି । ଏହାସହ ଯୋଗଶିକ୍ଷା ଦିଆଯିବା ସମୟରେ ମଧ୍ୟ ଓଡ଼ିଆରେ ସଂପୃକ୍ତ ଭଙ୍ଗୀର ଫାଇଦା କ'ଣ ଓ ଏହାକୁ କିଭଳି କରିବେ, ସେ ସଂପର୍କରେ ମଧ୍ୟ ସୂଚନା ଦେବାକୁ ନିଷ୍ପତ୍ତି ହୋଇଛି । ଅତି କମ୍‌ରେ ୧୫ ମିନିଟ୍ ପର୍ଯ୍ୟନ୍ତ ଏହାକୁ ଲାଇଭ୍ କରାଯିବ । କୋଭିଡ୍ ସମୟରେ ଯୋଗ ଓ ପ୍ରାଣାୟମ ଦ୍ୱାରା ଶରୀର ସୁସ୍ଥ ରଖିବା ନେଇ ବିଶେଷଜ୍ଞମାନେ ମତ ଦେଉଛନ୍ତି ।

# ବ୍ରାଉନସୁଗାର ଏଜେଣ୍ଟ ସାଜିଛନ୍ତି ୨୦୦ରୁ ଅଧିକ ଇଞ୍ଜିନିୟରିଂ ଛାତ୍ର

ଭୁବନେଶ୍ୱର ,୨୧/୬ (ନି.ପ୍ର): ଖୋର୍ଦ୍ଧା ବରୁଣେଇ ପାହାଡ଼ ନିକଟରେ ବ୍ରାଉନସୁଗାର କାରବାର ଚାଲିଥିବା ଖବର ପାଇ ଚଢ଼ଉ କରିଥିଲା ଏସଟିଏଫ୍ । ସେଠାରୁ ବିଜୟ ମହାନ୍ତି ନାମକ ଜଣେ ବ୍ରାଉନସୁଗାର ବେପାରୀକୁ ଗିରଫ କରି କେଜିଏରୁ ଅଧିକ ଓଜନର ଅର୍ଥାତ ପ୍ରାୟ କୋଟିଏ ଟଙ୍କା ମୂଲ୍ୟର ବ୍ରାଉନସୁଗାର ଜବତ କରିଥିଲା । ବିଜୟ ବ୍ରାଉନସୁଗାର ଡେଲିଭରି ଦେଇ ବାଲେଶ୍ୱର ଫେରୁଥିବା ବେଳେ ଏକା କାର୍ ସହ ମୋଟ ୪ ଜଣଙ୍କୁ ଗିରଫ କରାଯାଇଥିଲା । ଜବତ ହୋଇଥିଲା ନଗଦ ୫ ଲକ୍ଷ ୩୦ ହଜାର ଟଙ୍କା । ଏହି ୪ ଜଣଙ୍କ ଭିତରେ ତିନି ଜଣ ଜଗତସିଂହପୁର ଅଞ୍ଚଳର ସୌମ୍ୟଜିତ ପରିଜା, ସାଗର ବେହେରା ଓ ସପନ ଭଟ୍ଟାଚାର୍ଯ୍ୟ ଇଞ୍ଜିନିୟରିଂ ପାସ୍ କରିଥିବା ଛାତ୍ର ଥିଲେ । ସମସ୍ତେ ଟଙ୍କା ପାଇଁ ବାଲେଶ୍ୱରର ବ୍ରାଉନସୁଗାର କିଙ୍ଗପିନ୍‌ର ଏଜେଣ୍ଟ ସାଜିଥିଲେ । ଇଏ କେବଳ ଗୋଟିଏ ଘଟଣା ନୁହେଁ; ଗତ ତିନିବର୍ଷ ଭିତରେ ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାରୁ ୩୦ରୁ ଅଧିକ ଇଞ୍ଜିନିୟରିଂ ପଢୁଥିବା ଓ ପାସ୍ କରି ସାରିଥିବା ଛାତ୍ର ଗିରଫ ହୋଇ ସାରିଛନ୍ତି । ଆଉ ଏବେ ଏହି ନିଶା କାରବାରରେ ଦୁଇ ଶହରୁ ଅଧିକ ଇଞ୍ଜିନିୟରିଂ ପାସ୍‌ଆଉଟ୍ ବା ଛାତ୍ର ସାମିଲ ଥିବା ଜଣାପଡ଼ିଛି । ଅନେକ ପିଲା ଇଞ୍ଜିନିୟରିଂ ପଢ଼ି ସାରି ବେକାର ହୋଇ ବୁଲୁଛନ୍ତି । ଦୀର୍ଘ ଦିନ ଧରି ଗଳିକନ୍ଦିରେ ଚକ୍କର କାଟୁଥିବା ଏହି ବେକାର ଛାତ୍ରମାନେ ଧୀରେ ଧୀରେ ନିଶାଗ୍ରସ୍ତ ହୋଇ ପଡୁଛନ୍ତି । ଆଉ କମ୍ ଦିନ ଭିତରେ ଅଧିକ ରୋଜଗାର କରିବା ନିଶା ସେମାନଙ୍କୁ ଅପରାଧ ଜଗତକୁ ଟାଣି ଆଣୁଛି ।

# ୧୪ ଲକ୍ଷ ୫ ହଜାର ୭୨୬ ମେଟ୍ରିକ୍ ଟନ୍ ରବିଧାନ ସଂଗ୍ରହ

## ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଧାନ ସଂଗ୍ରହ ହୋଇଛି : ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୨୧/୬ (ନି.ପ୍ର): ୨୦୨୦-୨୧ ଖରିଫ୍ ବିପଣନ ଋତୁରେ ଅଦ୍ୟାବଧି ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଧାନ ସଂଗ୍ରହ ହୋଇଛି । ଚଳିତ ରବି ଋତୁରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରବିଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ଆଜି ସୁଦ୍ଧା ୧୪ ଲକ୍ଷ ୫ ହଜାର ୭୨୬ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି । ସେହିପରି ୨୦୨୦-୨୧ରେ ୬୨ ଲକ୍ଷ ୯୩ ହଜାର ମେଟ୍ରିକ୍ ଟନ୍ ଖରିଫ୍ ଧାନ ସଂଗ୍ରହ କରାଯାଇଛି । ଚଳିତ ଖରିଫ୍ ବିପଣନ ଋତୁରେ ରାଜ୍ୟ ସରକାର ମୋଟ ୭୧ ଲକ୍ଷ ମେଟ୍ରିକ୍ ଟନ୍ ଖରିଫ ଓ ରବିଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ୨୦୧୯-୨୦ ଖରିଫ ବିପଣନ ଋତୁରେ ରାଜ୍ୟ ସରକାର ସମୁଦାୟ ୭୦ ଲକ୍ଷ ୫୬ ହଜାର ମେଟ୍ରିକ୍ ଟନ୍ ଖରିଫ ଓ ରବିଧାନ ସଂଗ୍ରହ କରିଥିଲେ । ଏହି କ୍ରମରେ ରାଜ୍ୟରେ୨୦୨୦-୨୧ ବିପଣନ ଋତୁରେ ଅଦ୍ୟାବଧି ୭୬ ଲକ୍ଷ ୯୮ ହଜାର ମେଟ୍ରିକ୍ ଟନ୍ ଖରିଫ୍ ଓ ରବିଧାନ ସଂଗ୍ରହ କରାଯାଇଛି, ଯାହାକି ୨୦୧୯-୨୦ ଖରିଫ୍ ବିପଣନ ବର୍ଷ ଏବଂ ଚଳିତ ଖରିଫ୍ ବିପଣନ ବର୍ଷର ଧାର୍ଯ୍ୟ ଲକ୍ଷ୍ୟଠାରୁ ୬ ଲକ୍ଷ ମେଟ୍ରିକ୍ ଟନ୍ ଅଧିକ ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି । କୋଭିଡ୍ ଦ୍ୱିତୀୟ ଲହର ପରିପ୍ରେକ୍ଷୀରେ ଚାଷୀମାନେ ଯେପରି ସହଜରେ ଓ ସୁବିଧାରେ ମଣ୍ଡିରେ ଧାନ ବିକ୍ରି କରିପାରିବେ ସେଥି ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଚଳିତ ରବିଧାନ ବିକ୍ରି କରିବା ପାଇଁ ମୋଟ ୨ ଲକ୍ଷ ୩୨ ହଜାର ୬୦୧ ଚାଷୀ ଅନ୍‌ଲାଇନ୍‌ରେ ସେମାନଙ୍କ ନାମ ପଂଜୀକୃତ କରିଥିବାବେଳେ ୨,୨୩,୫୮୯ ଜଣ ଚାଷୀଙ୍କ ଜମିଜମା ରେକର୍ଡ, ବ୍ୟାଙ୍କ ଆକାଉଂଟ ଆଦି ଯାଂଚ କରାଯାଇଛି । ଯାଂଚ ହୋଇଥିବା ଚାଷୀଙ୍କ ମଧ୍ୟରୁ ୮୮ ପ୍ରତିଶତ ଚାଷୀ ଆଗୁଆ ଟୋକେନ୍ ମାଧ୍ୟମରେ ଧାନ ବିକ୍ରି କରିସାରିଛନ୍ତି । ଅଦ୍ୟାବଧି ରାଜ୍ୟର ୧୭ଟି ଜିଲ୍ଲାର ୧ ଲକ୍ଷ ୯୮ ହଜାର ୧୭୭ ଜଣ ଯାଂଚ କରାଯାଇଥିବା ପଂଜୀକୃତ ଚାଷୀ ଧାନ ବିକ୍ରି କରିଛନ୍ତି । ୧୦୨୫ ଟି ଧାନ ସଂଗ୍ରହ କେନ୍ଦ୍ରରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ୨ ହଜାର ୬୨୫ କୋଟି ୯୦ ଲକ୍ଷ ଟଙ୍କା ମୂଲ୍ୟର ରବିଧାନ ସଂଗ୍ରହ କରାଯାଇଛି । ଅଧିକ ରବିଧାନ ସଂଗ୍ରହ ହୋଇଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ ବରଗଡ଼ରେ ୫ ଲକ୍ଷ ୧୦ ହଜାର ୨୮ ମେଟ୍ରିକ୍ ଟନ୍, କଳାହାଣ୍ଡିରେ ୨ ଲକ୍ଷ ୨୩ ହଜାର ୩୧୩ ମେଟ୍ରିକ୍ ଟନ୍, ସୁବର୍ଣ୍ଣପୁର ଜିଲ୍ଲାରେ ୨ ଲକ୍ଷ ୨୯ ହଜାର ୨ ମେଟ୍ରିକ୍ ଟନ୍, ସମ୍ବଲପୁର ଜିଲ୍ଲାରେ ୧ ଲକ୍ଷ ୨୮ ହଜାର ୬୭୫ ମେଟ୍ରିକ୍ ଟନ୍, କୋରାପୁଟରୁ ୧ ଲକ୍ଷ ୨୨ ହଜାର ୨୫୭ ମେଟ୍ରିକ୍ ଟନ୍, ବାଲେଶ୍ୱର ଜିଲ୍ଲାରୁ ୫୧ ହଜାର ୭୪ ମେଟ୍ରିକ୍ ଟନ୍ ରବିଧାନ ସଂଗ୍ରହ କରାଯାଇଛି । ଚଳିତ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ରବିଧାନ ସଂଗ୍ରହ କରାଯିବ ।

# ଡାକ୍ତର ପ୍ରେମାନନ୍ଦଙ୍କୁ ଗୋଲଡେନ୍ ଏମ୍‌ସ୍ ସମ୍ମାନ

ଭୁବନେଶ୍ୱର ,୨୧/୬ (ନି.ପ୍ର): ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ପେଟ ରୋଗ ଏବଂ ଲାପରୋସ୍କୋପି ସର୍ଜନ ଡାକ୍ତର ପ୍ରେମାନନ୍ଦ ପଟ୍ଟନାୟକଙ୍କୁ ଅର୍ନ୍ତଜାତୀୟ ସଂସ୍ଥା 'ବିଜନେସ୍ ସଲ୍ୟୁସନ୍' ପକ୍ଷରୁ ଗୋଲଡେନ୍ ଏମ୍‌ସ୍ ଆୱାର୍ଡରେ ସମ୍ମାନିତ କରାଯାଇଛି । ଅନ୍‌ଲାଇନ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଜି ଡାକ୍ତର ପଟ୍ଟନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା ।

# ନୟାଗଡ ନୂଆଗାଁର ଶିଶୁକନ୍ୟା ହତ୍ୟାକାଣ୍ଡ ମାମଲା

## ମନ୍ତ୍ରୀ ଅରୁଣ ସାହୁଙ୍କ ନିଜ ଜିଲ୍ଲାରେ ବାରମ୍ବାର ଶିଶୁ ହତ୍ୟାକାଣ୍ଡ ଘଟଣା ହେବା ନିନ୍ଦନୀୟ : ସ୍ମୃତି ପଟ୍ଟନାୟକ

ଭୁବନେଶ୍ୱର,୨୧/୬ (ନି.ପ୍ର): ବହୁଚର୍ଚ୍ଚିତ ନୟାଗଡ ଜିଲ୍ଲା ପରୀ ହତ୍ୟାକାଣ୍ଡ ସମଗ୍ର ଦେଶରେ ଚାଂଚଲ୍ୟ ସୃଷ୍ଟି କରିଥିଲା । ଶାସକ ବିଜେଡିର ପ୍ରଭାବଶାଳୀ ମନ୍ତ୍ରୀ ତଥା ନୟାଗଡ ବିଧାୟକ ଅରୁଣ ସାହୁଙ୍କ ନିଜ ନିର୍ବାଚନମଣ୍ଡଳୀରେ ଶିଶୁ ହତ୍ୟାକାଣ୍ଡ କ୍ରମାଗତ ବୃଦ୍ଧି ପାଇଚାଲିଥିବାବେଳେ ମନ୍ତ୍ରୀଙ୍କର କୌଣସି ପ୍ରତିକ୍ରିୟା ନଥିବାରୁ ଅପାରାଧୀଙ୍କ ମନରେ ପ୍ରଶାସନ ଏବଂ ଆଇନ ପ୍ରତି କୌଣସି ଭୟ ନାହିଁ । ଏହି କାରଣରୁ ଅପରାଧୀମାନେ ନିର୍ଭିଘ୍ନ ଭାବେ ଏଭଳି ଜଘନ୍ୟ ଅପରାଧ ଭିଆଉଛନ୍ତି ବୋଲି ବଜେପି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ ଅଭିଯୋଗ କରିଛନ୍ତି । ବହୁ ଚର୍ଚ୍ଚିତ ପରୀ ହତ୍ୟାକାଣ୍ଡ ପରେ ପୁଣି ଏକ ହୃଦୟ ବିଦାରକ ଶିଶୁ ହତ୍ୟା ଘଟଣା ସାମ୍ନାକୁ ଆସିଛି । ନୟାଗଡ ଜିଲ୍ଲା ବାଣିଗୋଛା ଥାନା ଅନ୍ତର୍ଗତ ନୂଆଗାଁର କୁନି ଝିଅ ବେବୀ ଗାଁ ଦାଣ୍ଡରେ ଖେଳୁଥିବାବେଳେ ହଠାତ୍ ନିଖୋଜ ହୋଇଯିବା ଏବଂ ଏହାର ୫ଦିନ ପରେ ଏକ ନିଛାଟିଆ ଜଙ୍ଗଲରେ ତାର ମୃତ ଦେହ ଗଳିତ ଅବସ୍ଥାରେ ଠାବ ହେବା ପୁଣି ଥରେ ପରୀ ହତ୍ୟାକାଣ୍ଡକୁ ମନେ ପକାଇ ଦେଇଛି । ବିଳମ୍ବରେ ହେଉ ପଛେ ପୋଲିସ ଅପରାଧୀକୁ ଧରିଥିବାର କହିଛି । କିନ୍ତୁ ଏଭଳି ଘଟଣା ବାରମ୍ବାର ହେବା ଅତ୍ୟନ୍ତ ନିନ୍ଦନୀୟ ଏବଂ ପ୍ରଶାସନର ବିଫଳତାକୁ ପଦାରେ ପକାଇଛି ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି । ଅତୀତରେ କନ୍ୟା ଭୃଣ ହତ୍ୟାକୁ ନେଇ ସମଗ୍ର ଦେଶରେ ନୟାଗଡ ଚର୍ଚ୍ଚାର ବିଷୟ ହୋଇଥିଲା । ଏହା ସତ୍ୱେ ଜିଲ୍ଲାରେ ବାରମ୍ବାରା ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ଏବଂ ତାଙ୍କ ଉପରେ ଅତ୍ୟାଚାର ହ୍ରାସ ପାଉନାହିଁ । ଏହା ଜିଲ୍ଲାର ଶିଶୁକନ୍ୟାଙ୍କ ସୁରକ୍ଷା ପାଇଁ ଏକ ବଡ ଚିନ୍ତାର ବିଷୟ ପାଲଟିଛି ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି । ପୋଲିସ ବିଭାଗର "ଡଗ୍ ସ୍କାଡ୍" କୁ ସଠିକ୍ ଭାବେ ପ୍ରଶିକ୍ଷଣ ଦିଆଯାଉନଥିବା କାରଣରୁ ଏଭଳି ଜଘନ୍ୟ ଘଟଣାରେ ପୋଲିସ ଅଭିଯୁକ୍ତକୁ ଧରିବାରେ ବିଫଳ ହେଉଛି ବୋଲି ଶ୍ରୀମତୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି । ଶ୍ରୀମତୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ନୟାଗଡ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ଅର୍ଚ୍ଚନା ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ମୃତା ବେବୀର ପରିବାରକୁ ଭେଟି ସାନ୍ତ୍ୱନା ଦେବା ସହ ଘଟଣା ସଂପର୍କରେ ଅବଗତ ହୋଇଥିଲେ । ଅଭିଯୁକ୍ତ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ତୁରନ୍ତ ବିହୀତ ପଦକ୍ଷେପ ନେବା ପାଇଁ ପୋଲିସ ଓ ପ୍ରଶାସନ ନିକଟରେ ଦାବୀ ଜଣାଇଛନ୍ତି । ଏଥି ସହ ମୃତ ଶିଶୁକନ୍ୟାର ପରିବାରକୁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିବା ପାଇଁ ମଧ୍ୟ ଦାବୀ ଜଣାଇଛନ୍ତି । ଏହି ପ୍ରତିନିଧି ଦଳରେ ସସ୍ମିତା ମିଶ୍ର, ରୁବି ମିଶ୍ରଙ୍କ ସମେତ ବହୁ ସ୍ଥାନୀୟ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ୭ମ ଅନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ

ଭୁବନେଶ୍ୱର,୨୧/୬ (ନି.ପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ ନାରାୟଣ ସେବା ଫାଉଣ୍ଡେସନ ପକ୍ଷରୁ ୟୁନିଟ୍ ୯ସ୍ଥିତ କାର୍ଯ୍ୟାଳୟଠାରେ ୭ମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଉକ୍ତ ଯୋଗ ଶିବିରରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମାଜସେବୀ ସୀତାଂଶୁ ଶେଖର ମହାରଣା ନିଜେ ଯୋଗ କରିବା ସହିତ ଯୋଗର ମହତ୍ୱ ତଥା ବର୍ତମାନ ପରିପ୍ରେକ୍ଷୀରେ ସମସ୍ତେ ଯୋଗ କରିବା ସହିତ ଏହାକୁ ବ୍ୟାପକ ଭାବେ ପ୍ରଚାର ପ୍ରସାର କରିପାରିଲେ ନିଜ ଶରୀର ତଥା ଏକ ସୁସ୍ଥ ପୃଥିବୀ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ସଂପାଦିକା ସମିତା ମହାରଣାଙ୍କ ସହିତ କୋଷାଧ୍ୟକ୍ଷ ତଥା ଯୁବ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ସୁସ୍ଥ ପାଇଁ ଯୋଗ ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଏହି ଯୋଗ ଶିବିରରେ ଅନୁଷ୍ଠାନର ସଭ୍ୟ ସତ୍ୟବ୍ରତ ଜେନା, ଓମ୍, ସ୍ୱସ୍ତିକ ମହାରଣା ପ୍ରମୁଖ ଯୋଗାଭ୍ୟାସ କରିଥିଲେ ।

# କରୋନା କଟକଣା : ଷ୍ଟେସନରେ ସ୍ୱତନ୍ତ୍ର ବ୍ୟବସ୍ଥା

ଭୁବନେଶ୍ୱର,୨୧/୬ (ନି.ପ୍ର): ପ୍ରବାସୀ ଶ୍ରମିକଙ୍କ ଘର ବାହୁଡ଼ା ହେଉ ଅବା ପୁଣି କର୍ମ କ୍ଷେତ୍ରକୁ ଫେରିବା ଭୁବନେଶ୍ୱର ରେଳ ଷ୍ଟେସନରେ ଏବେ ଯାତ୍ରୀଙ୍କ ଯାଆସ ବଢୁଛି । ତେବେ ଏହାକୁ ନେଇ ରେଳ ବିଭାଗ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଷ୍ଟେସନରେ ସିଙ୍ଗିଲ୍ ଏଣ୍ଟ୍ରି ସିଙ୍ଗିଲ୍ ଏଗଜିଟ୍ ବ୍ୟବସ୍ଥା ହୋଇଛି । କରୋନା କଟକଣାକୁ କଡାକଡି ଭାବେ ପାଳନ ବାଧ୍ୟତାମୂଳକ କରାଯାଇଛି ।

ଷ୍ଟେସନ ପରିସରରେ ବିଏମସି କାଉଣ୍ଟର ହୋଇଛି । ୭୨ ଘଣ୍ଟା ଭିତରେ କରୋନା ନେଗେଟିଭ ରିପୋର୍ଟ କିମ୍ବା ଡବଲ ଡୋଜ ଟୀକା, କିମ୍ବା ଫେରିବା ପରେ ୧୪ ଦିନ କ୍ୱାରେଣ୍ଟାଇନ ବାଧ୍ୟତାମୂଳକ ହୋଇଛି । କୌଣସି ଯାତ୍ରୀ ୱେଟିଂ ଲିଷ୍ଟରେ ଯାତ୍ରା କରିବାର ବ୍ୟବସ୍ଥା ନାହିଁ ବୋଲି କହିଛନ୍ତି ଭୁନେଶ୍ୱର ରେଳ ଷ୍ଟେସନ ନିର୍ଦ୍ଦେଶକ ଚିତ୍ତ ରଞ୍ଜନ ନାୟକ । ପ୍ରଥମ ଲହରରୁ ସମସ୍ତେ ଶିଖିଛନ୍ତି, ତେଣୁ ସମସ୍ତେ ସତର୍କ ଅଛନ୍ତି ପ୍ରବସୀ ଶ୍ରମିକ ଚିହ୍ନଟ ସହଜ ନୁହେଁ । ତେଣୁ ସମସ୍ତ ଯାତ୍ରୀଙ୍କ ପାଇଁ ସମାନ ନିୟମ ରହିଛି । ଇଣ୍ଟରସିଟି ଟ୍ରେନ ବନ୍ଦ ଅଛି । ପ୍ରଶାନ୍ତି, ବିଶାଖା ପରି ରେଳ ଯାତାୟତ କରୁଥିବା ସେ ସୂଚନା ଦେଇଛନ୍ତି ।

# ତିର୍ତ୍ତୋଲର ପୂର୍ବତନ କଂଗ୍ରେସ ପ୍ରାର୍ଥୀ ଦେବୀ ମଲ୍ଲିକଙ୍କ କରୋନରେ ବିୟୋଗ

ଭୁବନେଶ୍ୱର,୨୧/୬ (ନି.ପ୍ର): ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ଏକମାତ୍ର ପୁତ୍ର ତଥା ୨୦୧୯ରେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଥିବା ଦେବୀ ପ୍ରସାଦ ମଲ୍ଲିକ ଆଜି ଅପରାହ୍ନ ୨.୨୬ ମିନିଟ୍ ସମୟରେ ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାରେ ୫୭ବର୍ଷ ବୟସରେ କୋଭିଡ଼ରେ ବିୟୋଗ ଘଟିଛି । ଓଡ଼ିଶା ଜଳ ବିଦ୍ୟୁତ୍ ନିଗମରେ ଲୋକ ସମ୍ପର୍କ ନିର୍ଦ୍ଦେଶକ ଥିବା ସ୍ୱର୍ଗତ ମଲ୍ଲିକ ୨୦୧୮ ମସିହାରେ କାର୍ଯ୍ୟରୁ ଇସ୍ତଫା ଦେଇ କଂଗ୍ରେସ ଦଳରେ ଯୋଗ ଦେଇଥିଲେ । ଅତ୍ୟନ୍ତ ଭଦ୍ର, ନମ୍ର ଓ ବନ୍ଧୁବତ୍ସଳ ଭାବରେ ସମସ୍ତ ନିର୍ବାଚନ ମଣ୍ଡଳୀରେ ସେ ଆଦୃତ ହୋଇପାରିଥିଲେ । ସ୍ୱର୍ଗତ ମଲ୍ଲିକଙ୍କର ଦୁଇପୁତ୍ର, ସ୍ତ୍ରୀ ଓ ମାଆ ଅଛନ୍ତି । ଏଭଳି ଶୋକାକୁଳ ପରିସ୍ଥିତିରେ ସେମାନେ ଭାଙ୍ଗି ପଡ଼ିଛନ୍ତି । ସମସ୍ତ ପରିବାର କୋଭିଡ଼ ଦ୍ୱାରା ଆକ୍ରାନ୍ତ । ସତ୍ୟନଗର ଶ୍ମଶାନରେ ଆଜି ଅନ୍ତ୍ୟେଷ୍ଟି ସଂସ୍କାର କୋଭିଡ଼ ନିୟମ ମତେ ହେବ । ସ୍ୱର୍ଗତ ମଲ୍ଲିକଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ସାଂସଦ ଡଃ ଅଚ୍ୟୁତ ସାମନ୍ତ, ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ରବି ବେହେରା, ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀ, ଲକ୍ଷ୍ମଣ ମଲ୍ଲିକ ସ୍ମାରକୀ ଟ୍ରଷ୍ଟର ସଭାପତି ତଥା କଂଗ୍ରେସ ନେତା ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ସ୍ୱର୍ଗତ ମଲ୍ଲିକଙ୍କ ଭଉଣୀ କଂଗ୍ରେସ ଲୋକସଭା ପ୍ରାର୍ଥୀ ଶ୍ରୀମତୀ ପ୍ରତିମା ମଲ୍ଲିକ, ଭିଶୋଇ ଅରବିନ୍ଦ ଅଗ୍ରୱାଲ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, ଯୁବ କଂଗ୍ରେସ ନେତା ପ୍ରିୟବ୍ରତ ମିଶ୍ର, କଂଗ୍ରେସ ନେତା ନଟବର ବାରିକ, ବିଷ୍ଣୁ ଚରଣ ମହାନ୍ତି, ବିଜେଡ଼ି ନେତା ବିଧାନ ଚନ୍ଦ୍ର ଜେନା, ଡଃ ବିଭୂତି ଭୂଷଣ ଜେନା, ଦିବ୍ୟଜୀବନ ସଂଘର ସନ୍ଥ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ, ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ, ବୁଦ୍ଧ ମନ୍ଦିର ସମ୍ପାଦକ ଡ଼ଃ ସୌରେନ୍ଦ୍ର ମହାପାତ୍ର, ପୂର୍ବତନ ଜିଲ୍ଲା ଜଜ ରତିକାନ୍ତ ମହାପାତ୍ର, ପ୍ରଫେସର ବୁଦ୍ଧଦେବ ମିଶ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରି ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମାର ଶାନ୍ତି କାମନା କରିଛନ୍ତି ।

# ଦେଶର ସର୍ବବୃହତ୍ ଡାକ ମୋହର ଉନ୍ମୋଚନ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୨୧/୬ (ନି.ପ୍ର): ଜୁନ ୨୧ତାରିଖ ଦିନ ସପ୍ତମ ଯୋଗଦିବସ ପାଳନ ଅବସରରେ ଭାରତୀୟ ଡାକବିଭାଗ (ଇଣ୍ଡିଆ ପୋଷ୍ଟ)ପକ୍ଷରୁ ଏ ସ୍ୱତନ୍ତ୍ର ସ୍ମାରକୀ ମୋହର ଉନ୍ମୋଚନ କାର୍ଯ୍ୟକ୍ରମ ଆୟୋଜନ ହେଉଛି । ସମଗ୍ର ଦେଶରେ ୮୧୦ଟି ମୁଖ୍ୟ ଡାକଘରେ ଏହି ମୋହରଗୁଡିକ ଏକସଙ୍ଗେ ଉନ୍ମୋଚନ ହେବ । ସ୍ମାରକୀ ଡାକଟିକଟ ଏବଂ ମୋହର ଉନ୍ମୋଚନ କ୍ଷେତ୍ରରେ ଏହା ହେଉଛି ଦେଶର ସର୍ବବୃହତ୍ ଆୟୋଜନ । ଡେଲିଭେରି ଏବଂ ଅଣଡେଲିଭରି ନିର୍ବିଶେଷରେ ଦେଶର ସମସ୍ତ ମୁଖ୍ୟ ଡାକଘରଗୁଡିକରେ ଜୁନ୨୧ତାରିଖ ଦିନ ଏହି ଉନ୍ମୋଚନ ଉତ୍ସବ ପାଳନ କରାଯିବ । ଏହିଦିନ ଚିଠିଗୁଡିକ ଉପରେ ଉଭୟ ହିନ୍ଦୀ ଏବଂ ଇଂରାଜୀ ଭାଷାରେ ଟିକଟଗୁଡିକର ପୁନଃ ବ୍ୟବହାର ନ ହେବା ପାଇଁ ସ୍ୱତନ୍ତ୍ର ମୋହର ମରାଯିବ । ଡାକ ଟିକଟ ସମ୍ପର୍କୀତ ଅଧ୍ୟୟନ ନିମନ୍ତେ ଏହି ମୋହରର ଯଥେଷ୍ଟ ମୂଲ୍ୟ ରହିଛି ଏବଂ ଏ କ୍ଷେତ୍ରରେ ଏହା ବେଶ୍ ଉପଯୋଗୀ ମଧ୍ୟ ହେବ । କିଛିବର୍ଷ ହେଲା ଡାକଟିକଟ ସଂଗ୍ରହ ଇଚ୍ଛା ଲୋକମାନଙ୍କଠାରେ କମିଯାଉଥିବା ଲକ୍ଷ୍ୟ କରାଯାଉଛି । ପୁନର୍ବାର ଏହି ଇଚ୍ଛାର ସୃଷ୍ଟି ପାଇଁ ଡାକ ବିଭାଗ ପକ୍ଷରୁ ଏକ ଯୋଜନା ଆରମ୍ଭ ହୋଇଛି । ଡାକଟିକଟ ସଂଗ୍ରହକାରୀମାନଙ୍କ ପାଇଁ ହୋଇଥିବା ଏହି ଯୋଜନାରେ କେତେକ ନିର୍ଦ୍ଦିଷ୍ଟ ଡାକଘରମାନଙ୍କରେ ଡାକଟିକଟ ମିଳିପାରିବ । ଏଥିପାଇଁ ଯେକୌଣସି ମୁଖ୍ୟ ଡାକଘରେ ୨ଶହ ଟଙ୍କା ଜମା କରି ଏକ ଫିଲାଟେଲିକ୍ ଆକାଉଂଟ ଖୋଲିଲେ ସ୍ୱତନ୍ତ୍ର ଲଫାପା ଏବଂ ଡାକଟିକଟ ମିଳିପାରିବ । ସ୍ମାରକୀ ଡାକଟିକଟ ଗୁଡିକ ସୀମିତ ପରିମାଣରେ ଛପା ଯାଉଥିବାରୁ ଏସବୁ ଏହି ଯୋଜନାରେ ଫିଲାଟେଲିକ ବ୍ୟୁରୋ ଏବଂ କାଉଂଟରମାନଙ୍କରୁ ମିଳିପାରିବ । ଗତବର୍ଷମାନଙ୍କରେ ଡାକଟିକଟ ସଂଗ୍ରହକାରୀମାନଙ୍କ ମଧ୍ୟରେ ଆନ୍ତର୍ଜାତିକ ଯୋଗଦିବସ ସମ୍ପର୍କରେ ଡାକ ଟିକଟ ସଂଗ୍ରହ ବେଶ୍ ଲୋକପ୍ରିୟ ହୋଇଛି । ୨୦୧୫ ମସିହାରେ ଡାକବିଭାଗ ଦୁଇଟି ଟିକଟର ଏକ ସେଟ୍ ଏବଂ ସମ୍ପର୍କୀତ ଏକ ବିବରଣୀ ଆର୍ନ୍ତଜାତିକ ଯୋଗଦିବସ ଅବସରରେ ଜାରି କରିଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୂର୍ଯ୍ୟ ନମସ୍କାର ସମ୍ବଳିତ ଡାକଟିକଟ ୨୦୧୬ ମସିହାରେ ?ଆର୍ନ୍ତଜାତିକ ଯୋଗଦିବସ ଅବସରରେ ଉନ୍ମୋଚନ କରିଥିଲେ । ମିଳିତ ଜାତିସଂଘର ଡାକ ପ୍ରଶାସନ ପକ୍ଷରୁ ୨୦୧୭ ମସିହାରେ ନ୍ୟୁୟର୍କଠାରେ ୧୦ଟି ଯୋଗାସନ ସମ୍ବଳିତ ଟିକଟର ଏକ ସେଟ୍ ଉନ୍ମୋଚନ କରାଯାଇଥିଲା । ଗତ ୬ବର୍ଷ ହେଲା ସମଗ୍ର ବିଶ୍ୱରେ ବିଭିନ୍ନ ଶୈଳୀରେ ଆର୍ନ୍ତଜାତିକ ଯୋଗ ଦିବସ ପାଳନ କରାଯାଉଛି । ଆମ ଦେଶରେ ଅତୀତର ବିଭିନ୍ନ ଶୈଳୀକୁ ନେଇ ଆର୍ନ୍ତଜାତିକ ଯୋଗଦିବସ ପାଳନ କରାଯାଇଛି । ହିମାଳୟର ବରଫାବୃତ ଅଂଚଳରେ ସ୍ଥଳସେନା ଯବାନମାନଙ୍କ ଯୋଗାଭ୍ୟାସ, ସେବା ନିବୃତ ଆଇ.ଏନ.ଏସ. ବିରାଟ ଉପରେ ନୌସେନା ଯବାନମାନଙ୍କ ଯୋଗାଭ୍ୟାସ, ଏ ସମ୍ପର୍କୀତ ବାଲୁକାକଳା ଏବଂ ବାର୍ତା, ଆଇ.ଏନ.ଏସ ସିନ୍ଧୁରକ୍ ବୁଡାଜାହାଜ ଉପରେ ନୌସେନା ଯବାନମାନଙ୍କର ଯୋଗାଭ୍ୟାସ ଆଦିର ଚିତ୍ରକୁ ଚଳିତବର୍ଷ ଆର୍ନ୍ତଜାତିକ ଯୋଗଦିବସ ଅବସରରେ ଡାକବିଭାଗ ପକ୍ଷରୁ ଉନ୍ମୋଚନ କରାଯିବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୪ମସିହା ଡିସେମ୍ବର ୧୧ତାରିଖ ଦିନ ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ ଜୁନ ୨୧ତାରିଖରୁ ଆର୍ନ୍ତଜାତିକ ଯୋଗଦିବସ ଭାବରେ ବିଶ୍ୱବ୍ୟାପୀ ପାଳନ କରାଯିବା ନିମନ୍ତେ ଘୋଷଣା କରାଯାଇଥିଲା । ସମଗ୍ର ବିଶ୍ୱରେ ଏହି ଦିବସଟିକୁ ୨୦୧୫ମସିହାଠାରୁ ଆର୍ନ୍ତଜାତିକ ଯୋଗଦିବସ ଭାବରେ ପାଳନ କରାଯାଉଛି । ଚଳିତବର୍ଷ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି 'ଘରେ ରୁହ, ଯୋଗ ଅଭ୍ୟାସ କର' ନୀତିକୁ ଉତ୍ସାହିତ କରିବା ପାଇଁ ଭର୍ଚୁଆଲ ମାଧ୍ୟମରେ ଆର୍ନ୍ତଜାତିକ ଯୋଗଦିବସ ପାଳନ କରାଯିବ । ସମଗ୍ର ଦେଶ ବର୍ତମାନ ଲକ୍‌ଡାଉନ ପରିସ୍ଥିତିର ସମ୍ମୁଖୀନ ହୋଇଥିବାରୁ ଦେଶର ୮୧୦ଟି ଡାକଘରେ ଭର୍ଚୁଆଲ ମାଧ୍ୟମରେ ଡାକଟିକଟ ସଂଗ୍ରହ କ୍ଷେତ୍ରରେ ଏହି ଦିନ ନୂଆ ମୋହର ଉନ୍ମୋଚନ ସହ ନୂଆ ସୁଯୋଗ ସୃଷ୍ଟିର ଉଦ୍ୟମ ହେଉଛି ।

# ଶ୍ରୀଜଗନ୍ନାଥଙ୍କ ପଟିଦିଅଁ ଅଙ୍କନ ଉତ୍ସବ ଶୁଭାରମ୍ଭ : ତିନି ପଟିରେ ଲାଗିଲା ରଂଗ




ବାଲେଶ୍ୱର,୨୧/୦୬ (ନି.ପ୍ର): ବାଲେଶ୍ୱରୀ କଳା କେନ୍ଦ୍ର ଓ ବିଶ୍ୱ ଓଡ଼ିଶା କଳା ପରିଷଦର ମିଳିତ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ପଟିଦିଅଁ ଅଙ୍କନ ଉତ୍ସବ ଆଜି ନିର୍ଜ୍ଜଳା ଏକାଦଶୀ ତିଥି ଅବସରରେ ରେମୁଣା ଗୋଲେଇ ନିକଟସ୍ଥ ମଙ୍ଗଳପୁର ଜଗନ୍ନାଥ ମନ୍ଦିରରେ ପୂର୍ବାହ୍ନ ୧୧ ଘଟିକାରେ ଶୁଭାରମ୍ଭ ହୋଇଯାଇଛି । ଏହି ଉତ୍ସବକୁ ମୁଖ୍ୟ ଅତିଥି ଭାବରେ ଜଗନ୍ନାଥ ପ୍ରେମୀ ଡା. କୁମାର ଗୋପାଳ ଯୋଗଦେଇ ଜଗନ୍ନାଥଙ୍କୁ ପ୍ରଦୀପ ପ୍ରଦାନ କରି ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିବା ବେଳେ ମଙ୍ଗଳପୁର ଜଗନ୍ନାଥ ମନ୍ଦିର ପରିଚାଳକ ମନୋରଞ୍ଜନ ସାହୁ ଓ ପୂଜକ ଲକ୍ଷ୍ମୀନାରାୟଣ ପତି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଏଥିରେ ଚଳିତ ବର୍ଷ ଜଗନ୍ନାଥଙ୍କ (ଅନନ୍ତ ନାରାୟଣ) ସ୍ୱୀକୃତି ପ୍ରାପ୍ତ ଚିତ୍ରକର ଶିଳ୍ପୀ କେଶୁଦାସ, ବଳଭଦ୍ରଙ୍କ (ଅନନ୍ତ ବାସୁଦେବ) ସ୍ୱୀକୃତି ପ୍ରାପ୍ତ ଚିତ୍ରକର ଅରୁଣ କୁମାର ବାରିକ ଓ ସୁଭଦ୍ରାଙ୍କ (ଭୂବନେଶ୍ୱରୀ) ସ୍ୱୀକୃତି ପ୍ରାପ୍ତ ଚିତ୍ରକର ପ୍ରୀତମ ନାୟକ ସହ ଧନଞ୍ଜୟ ଧଳ, ରୂପକ ଦାସ, ପ୍ରବୀର ପାତ୍ର, ଅଙ୍କିତ ଦାସ, ଦେବାଶିଷ ପତି, ହିମାଂଶୁ ବଇଠା, ମନୀଷ ମହାପାତ୍ର, ଗୌତମ ସିଂ ପ୍ରମୁଖ ଚିତ୍ରକର ଯୋଗ ଦେଇଥିଲେ । ଚଳିତ ବର୍ଷ କୋଭିଡ ନିୟମକୁ ପାଳନ କରାଯାଇ ବାଲେଶ୍ୱରର ନୀଳଗିରି ଜଗନ୍ନାଥ ମନ୍ଦିର, ଶାସଙ୍ଗର ଜଗନ୍ନାଥ ମନ୍ଦିର, ମୋତିଗଞ୍ଜ ବାର୍ଣ୍ଣିଆ ଜଗନ୍ନାଥ ମନ୍ଦିର, ଜଳେଶ୍ୱର ଇସ୍କନ୍ ଶ୍ରୀଜଗନ୍ନାଥ ମନ୍ଦିର, ଜୟଦେବ କସବାର ଜଗନ୍ନାଥ ମନ୍ଦିର, ମଙ୍ଗଳପୁର ଜଗନ୍ନାଥ ମନ୍ଦିର, ଦୁବଲାଗଡିର ପତିତପାବନ ଶ୍ରୀ ଜଗନ୍ନାଥ ଓ ଗଣେଶ୍ୱରପୁରର କାଳିଆଛୁଆ ଶ୍ରୀଜଗନ୍ନାଥଙ୍କର ଯଥାବିଧି ପଟିଦିଅଁ ଉପସ୍ଥିତ ରହି ପଟିରେ ରଂଗ ଲଗାଇଥିଲେ । ଗତ କାଲି ଦଶମୀ ତିଥି ଅବସରରେ ଅଧିବାସ ଦିବସରେ ଚିତ୍ରକରମାନେ ପଟି ଓ ରଙ୍ଗ ପ୍ରସ୍ତୁତ କରିଥିଲେ । ଆସନ୍ତା ଜୁନ୍ ମାସ ୨୪ ରିଖ ଦେବସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦିବସ ବ୍ୟାପି ମନ୍ଦିର ପରିସରରେ ପାରମ୍ପାରିକ ରୀତିରେ ଏକ କଳାତ୍ମକ ତଥା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପଟିଦିଅଁ ଅଙ୍କନ କାର୍ଯ୍ୟକ୍ରମ ଚାଲୁ ରହିବ । ଦେବ ସ୍ନାନ ପୂର୍ଣ୍ଣିମା ଦିନ ଅପରାହ୍ନରେ ସମସ୍ତ ଜଗନ୍ନାଥ ମନ୍ଦିରରୁ ବଡପଣ୍ଡାମାନେ ଆଜ୍ଞାମାଳ ସହ ତୂରୀଭେରୀ, ଖୋଳ କରତାଳ ଧରି ଆସି ପଟିଦିଅଁଙ୍କୁ ବିଜେ କରି ନେଇଯିବେ । ପ୍ରକାଶ ଥାଉ କି ଶ୍ରୀଜଗନ୍ନାଥ ସଂସ୍କୃତିର ଏକ ଅନନ୍ୟ ପରମ୍ପରା ତଥା ଉତ୍କଳିୟ ଚିତ୍ରକଳା ଓ ଚିତ୍ରକରଙ୍କର ନିଆରା ପର୍ବକୁ ଲୋକାଭିମୁଖି କରିବା ଲକ୍ଷ୍ୟରେ ବାଲେଶ୍ୱରରେ ବାଲେଶ୍ୱରୀ କଳା କେନ୍ଦ୍ର ଓ ନୋସି କଲଚ୍ୟୁରାଲ ଏକାଡେମିର ମିଳିତ ସହଯୋଗରେ ବାଲେଶ୍ୱରରେ ପ୍ରଥମଥର କରି ଗତ ୨୦୧୫ ଶ୍ରୀଜଗନ୍ନାଥଙ୍କ ନବକଳେବର ବର୍ଷ ବାମପଦାସ୍ଥ ନୋସି ବିଜନେସ୍ ପାର୍କ ସ୍ଥିତ ଉତ୍କଳା ଶିଳ୍ପଗ୍ରାମରେ ଆରମ୍ଭ ହୋଇଥିଲା ପଟଦିଅଁ ଅଙ୍କନ ଉତ୍ସବ । ଏଠାରେ ପୁରୀ ଶ୍ରୀମନ୍ଦିରର ରୀତିନୀତି, ବିଧି ଓ ପରମ୍ପରାକୁ ଅନୁସରଣ କରି କାର୍ଯ୍ୟ ସମାପନ ପାଇଁ ପ୍ରୟାସ କରାଯାଉଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଦିଲ୍ଲୀ ସ୍ଥିତ ସିଜିଏଚ୍ଏସ୍ ....

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

କରିବା ସହ ଶୃଙ୍ଖଳାର ସହ କୋଭିଡ୍ ନିୟମ ମାନି ଟିକା ନେବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ସେହିପରି ଦେଶର ପ୍ରତ୍ୟେକ ନାଗରିକଙ୍କୁ ଟିକା ନେବା ପାଇଁ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଭାରତ ସ୍ୱଦେଶୀ ଟିକା ପ୍ରସ୍ତୁତ କରିବା ନେଇ ନାଗରିକମାନେ ଗର୍ବ କରୁଛନ୍ତି । ସେମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଆତ୍ମବିଶ୍ୱାସ ରଖିଛନ୍ତି । ଏହାସହ ସମସ୍ତ ଅଭିଯାନରେ ମୋଦି ସରକାରଙ୍କ ମାଗଣାରେ ଟିକା ନେବାର ପରିଚାଳନା ନେଇ ଖୁସିବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ ଆଜି ଠାରୁ କୋ-ୱିନ୍ ପ୍ଲାଟଫର୍ମରେ ମଧ୍ୟ ବିନା ପଞ୍ଜିକରଣରରେ ଲୋକମାନେ ଟିକା ନେଇପାରିବେ । ନାଗରିକଙ୍କୁ ଟିକା ନେବା ପାଇଁ ୱେବସାଇଟରେ ପଞ୍ଜିକରଣ ସହ ୱାକ୍-ଇନର ବ୍ୟବସ୍ଥା ମଧ୍ୟ ଉପଲବ୍ଧ ରହିଛି । ଏହି ପଦକ୍ଷେପ ସମାଜର ପ୍ରତ୍ୟେକ ବର୍ଗ ବିଶେଷ ଭାବରେ ସମାଜର ଗରିବ ଏବଂ ଅସହାୟଙ୍କ ପାଖରେ ଟିକା ପହଁଚାଇବାରେ ଅଧିକ ସହାୟକ ହେବ । ଆମକୁ ଟିକାକରଣକୁ ଜନଆନ୍ଦୋଳନ ଭାବରେ ପରିଣତ କରିବାକୁ ପଡ଼ିବ । ସମସ୍ତଙ୍କୁ ଟିକାକରଣ କରିବା, ଗୁଜବକୁ ପ୍ରତିହତ କରି ଟୀକା ଦ୍ୱନ୍ଦ୍ୱ ଦୂର କରିବାରେ ସାହାଯ୍ୟ କରିବା ଏବଂ ମାଗଣାରେ ଟୀକାକରଣ କରିବାକୁ ଅନ୍ୟ ଲୋକଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଅନୁରୋଧ କରିଛନ୍ତି । ଏକାଠି ସମସ୍ତେ କୋଭିଡକୁ ପରାସ୍ତ କରିପାରିବା ବୋଲି ସେ କହିଛନ୍ତି ।

# ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୪୩ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୧/୦୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୪୦ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୩୬୩୩ ହୋଇ ଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୭ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କଟକ ଓ ବରଗଡ଼ ଜିଲ୍ଲାରେ ୫ ଜଣ ଲେଖାଏଁ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେହିପରି ଝାରସୁଗୁଡା ଓ ପୁରୀରେ ୪ ଜଣ ଲେଖାଏଁ ପ୍ରାଣ ହରାଇଛନ୍ତି । ଅନ୍ୟପକ୍ଷରେ ଗଂଜାମ ଓ କୋରାପୁଟ ଜିଲ୍ଲାରେ ୩ ଜଣ ଲେଖାଏଁ ମୃତ୍ୟୁବରଣ କରିଛନ୍ତି । ବଲାଙ୍ଗୀର, ବୌଦ୍ଧ, ସଂବଲପୁର ଓ ସୁନ୍ଦରଗଡ଼ରୁ ୨ ଜଣ ଲେଖାଏଁ ପ୍ରାଣ ହରାଇ ଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, ରାୟଗଡା ଜିଲ୍ଲାରେ ଜଣେ ଲେଖାଏ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

# ହାତୀପଲ ଭାଙ୍ଗିଲେ ବାଇକ ଓ ଟାଟାଏସି



ବାରିପଦା,୨୧/୦୬ (ନି.ପ୍ର): ଶିମିଳିପାଳ ହାତୀଙ୍କ ଉପଦ୍ରବ ପାଇଁ ବହୁ ଲୋକ ସମସ୍ୟାରେ ତଥା ଭୟଭୀତ ହୋଇ ରହୁଥିବାର ଦେଖାଯାଉଛି । ସୂଚନା ମୁତାବକ ରାସଗୋବିନ୍ଦପୁର ବ୍ଲକ କେତକୀଷୋଳ ଗାଁରେ ହାତିପଲ ପଶି ଭାଙ୍ଗିଲେ ବାଇକ ଓ ଟାଟା ଏସି ଗାଡି । ହାତି ଉପଦ୍ରବକୁ ନେଇ ସ୍ଥାନୀୟ ଅଂଚଳରେ ଲୋକେ ଭୟଭୀତ ଅବସ୍ଥାରେ ରାତ୍ରି କାଟୁଛନ୍ତି । ଦୀର୍ଘଦିନ ହେବ ରାସଗୋବିନ୍ଦପୁର ବ୍ଲକରେ ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ହାତୀ ଜାରି ରଖିଛନ୍ତି ସେମାନଙ୍କର ଉତ୍ପାତ । ଅନେକ ସମୟରେ ଲୋକଙ୍କର ଘର, ଗଛ ଆଦି ଭାଙ୍ଗି ନଷ୍ଟ କରିବା ସହିତ ଧାନ ଚାଉଳ ଖାଇ ଯାଉଛନ୍ତି । ହାତି ଆକ୍ରମଣରେ ଅନେକ ଲୋକଙ୍କ ଜୀବନ ମଧ୍ୟ ଯାଉଛି । ଗତକାଲି ବିଳମ୍ବିତ ରାତିରେ ରାସଗୋବିନ୍ଦପୁର ବ୍ଲକ ତଥା ବେତନଟୀ ରେଞ୍ଜ ଅନ୍ତର୍ଗତ କେତକୀଷୋଳ ଗ୍ରାମରେ ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ୯ ଟିକିଆ ହାତୀପଲ ପଶି ଆତଙ୍କ ଖେଳାଇବା ସହ ସେହି ଗ୍ରାମର ରଣଜିତ ମହାନ୍ତଙ୍କ ବାଇକ ଭାଙ୍ଗିବା ସହ ବିଶ୍ୱଜିତ ମହାନ୍ତର ଚାରିଚକିଆ ଟାଟା ଏସି ଗାଡିର କାଚ ଭାଙ୍ଗିଥିବା ବଡାମପୁର ଫରେଷ୍ଟର ପଦ୍ମାବତୀ ବେହେରାଙ୍କ ନିକଟରୁ ସୂଚନା ମିଳିଛି । ହାତୀ ପଲକୁ ଦେଖି ଗ୍ରାମବାସୀ ମାନେ ଭୟଭୀତ ହୋଇଥିବା ବେଳେ ହାତୀ ପୋଲକୁ ଘଉଡ଼ାଇବା ପାଇଁ ବନ ବିଭାଗ ପ୍ରଚେଷ୍ଟା ଜାରି ରଖିଛି ।

# ଦାନ୍ତୁଣିଦା ଗ୍ରାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବାଲିଆପାଳ,୨୧/୦୬ (ନି.ପ୍ର): ଘଂଟୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସ୍ଥାନୀୟ ଗ୍ରାମବାସୀଙ୍କ ମିଳିତ ସହ ଯୋଗରେ ଦାନ୍ତୁଣିଦା ଗ୍ରାମରେ ଆଜି ବୃକ୍ଷରୋପଣ ହୋଇଛି । ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆଗକୁ ଚାଲୁ ରହିବ ବୋଲି ଆୟୋଜକ ମାନେ କହିଛନ୍ତି । ସରକାରୀ ଗୋଚର ପତିତ ଜାଗାରେ ଗଛ ଗୁଡିକ ଲଗାଯିବା ସହିତ ସେ ଗୁଡିକ ସୁରକ୍ଷିତ ରଖାଯିବ ବୋଲି ସେମାନେ କହିଛନ୍ତି । ଆମ୍ବ, ଆକାଶିଆ, ବଉଳ, କୃଷ୍ଣଚୁଡା, ଜାମୁ, ଶାଗୁଆନ ଆଦି ଚାରା ଗଛକୁ ରୋପଣ କରାଯାଇଛି । ଘଂଟୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ରତୀନ୍ଦ୍ର କୁମାର ପରିଡାଙ୍କ ପରିଚାଳନାରେ ଓ ସହଯୋଗରେ ଗ୍ରାମବାସୀମାନେ ଏହି କାର୍ଯ୍ୟକ୍ରମ ସମ୍ପାଦନ କରିଛନ୍ତି ।

# କଣ୍ଟ୍ରୋଲ ଡିଲରଙ୍କ ଠାରୁ କାର୍ଡ ପ୍ରତ୍ୟାହାର ଦାବିରେ ଜିଲ୍ଲାପାଳଙ୍କୁ ଅଭିଯୋଗ




ଭଦ୍ରକ,୨୧/୦୬ (ନି.ପ୍ର): ଧାମନଗର ବ୍ଲକ ଭଗବାନପୁର ଗ୍ରାମ ପଞ୍ଚାୟତର ନିଲମ୍ବିତ କଣ୍ଟ୍ରୋଲ ଡିଲର ଶ୍ରୀଧର ସାହୁଙ୍କୁ ପୁନଃ ନିଯୁକ୍ତି ପୂର୍ବକ ରାସନ ସାମଗ୍ରୀ ବଣ୍ଟନ ଦାୟିତ୍ୱ ପ୍ରଦାନକୁ ପଞ୍ଚାୟତର ବହୁ ହିତାଧିକାରୀ ବିରୋଧ କରିଛନ୍ତି । ଏ ନେଇ ଆଜି ଜିଲ୍ଲାପାଳଙ୍କୁ ଅଭିଯୋଗ କରିବାକୁ ଆସି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ମଧୁସୂଦନ ଦାସ ଏହାର ତଦନ୍ତ ଦାୟିତ୍ୱ ଉପଜିଲ୍ଲାପାଳଙ୍କୁ ଦେଇଥିବା ଜଣା ଯାଇଛି । ମିଳିଥିବା ଅଭିଯୋଗ ଅନୁଯାୟୀ ପୂର୍ବରୁ ଡିଲର ଶ୍ରୀ ସାହୁ ରାସନ ସାମଗ୍ରୀ ହେରଫେର କରିବା, ଖାଉଟିଙ୍କୁ ସଠିକ୍ ଓଜନର ସମାଗ୍ରୀ ନ ଦେବା, ହିତାଧିକାରୀଙ୍କ ସାମଗ୍ରୀ ହଡ଼ପ କରିବା ଆଦି ବିଭିନ୍ନ ଅଭିଯୋଗରେ ତାଙ୍କ ଡିଲରଶିପ୍ ରଦ୍ଦ ହୋଇଥିଲା । ସେବେଠାରୁ ପଞ୍ଚାୟତବାସୀ ବଜରଙ୍ଗି ସ୍ୱୟଂ ସାହୟିକା ଗୋଷ୍ଠୀଙ୍କ ଜରିଆରେ ରାସନ ସମାଗ୍ରୀ ସୁଚାରୁ ରୂପେ ପାଇ ଆସୁଛନ୍ତି । ମାତ୍ର ଏବେ ପୁଣି ଶ୍ରୀ ସାହୁଙ୍କୁ ଡିଲର ଭାବେ ପୁନଃ ଅବସ୍ଥାପିତ କରାଯାଇଥିବାରୁ କେତେକ ଖାଉଟି ସେମାନଙ୍କ ରାସନ ପାଇବା ନେଇ ସନ୍ଦେହ ପ୍ରକଟ କରିଛନ୍ତି । ତେଣୁ କେତେକ ଖାଉଟି ତାଙ୍କ ରାସନ କାର୍ଡ ଶ୍ରୀ ସାହୁଙ୍କଠାରୁ ବାହାର କରିଆଣି ବଜରଙ୍ଗି ସ୍ୱୟଂ ସହାୟିକା ଗୋଷ୍ଠୀ ଅଧୀନରେ ରଖିବାକୁ ଶାନ୍ତିଲତା ରାଉତ, ଚୈତନ ଜେନା, ସୀତା ରାଉତ, ପାର୍ବତୀ ସେଠୀ, ପଞ୍ଚାନନ ଦାସ, ଶଶଧର ପ୍ରଧାନ, ଦିବାକର ପ୍ରଧାନ, ବାଇଧର ପ୍ରଧାନ, ରତ୍ନାକର ଖଟୁଆ, ରଞ୍ଜିତା ଖଟୁଆ, କୁନିରାଣି ବହେରା, ଲମ୍ବୋଦର ଖଟୁଆ, ନାରାୟଣ ସେଠୀ ପ୍ରମୁଖ ଖାଉଟୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି ।

# ବିଏସଏନଏଲ ଓଡ଼ିଶା ଶାଖା ପକ୍ଷରୁ ଯୋଗ ଦିବସ ପାଳିତ




ଭୁବନେଶ୍ୱର,୨୧/୦୬(ନି.ପ୍ର): ବିଏସଏନଏଲ ଓଡ଼ିଶା ଶାଖା ପକ୍ଷରୁ ସପ୍ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆଜି ସକାଳ ଆଠଟାରେ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କ ପାଇଁ ଅନଲାଇନ ଯୋଗ ଶିବିର ଆୟୋଜନ କରାଯାଇଥିଲା । ଏହି ଅବସରରେ ବିଏସଏନଏଲ ଓଡ଼ିଶା ଶାଖାର ମୁଖ୍ୟ ମହାପ୍ରବନ୍ଧକ ଡ. ଉଦୟ ଶଙ୍କର ପଣ୍ଡା ଉଦବୋଧନ ଦେଇ ଯୋଗର ଉପାଦେୟତା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ, ଯୋଗ ଆମକୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ସମସ୍ତଙ୍କୁ ଦୈନିକ ଯୋଗ ଅଭ୍ୟାସ କରିବା ନିମନ୍ତେ ସେ ପରାମର୍ଶ ଦେଇଥିଲେ । ଶ୍ରୀ ପଣ୍ଡା ନିୟମିତ ଯୋଗାଭ୍ୟାସ ଉପରେ ଜୋର ଦେବା ସହିତ ଏହା ମଣିଷର ରୋଗ ପ୍ରତିଷେଧକ ଶକ୍ତି ବଢ଼ାଇବା ଏବଂ ରୋଗରୁ ସୁରକ୍ଷା ଦେବାରେ ସହାୟକ ହୋଇଥାଏ ବୋଲି କହିଥିଲେ । ଏହାପରେ ଅଂଶଗ୍ରହଣକାରୀମାନେ ଯୋଗ ପ୍ରଶିକ୍ଷକ ରାଜେଶ ଶ୍ରୀବାସ୍ତବଙ୍କ ମାର୍ଗଦର୍ଶନରେ ଯୋଗ ଅଭ୍ୟାସ କରିଥିଲେ ।

# ଭଦ୍ରକ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ଟିମ୍ ଘୋଷିତ

ଭଦ୍ରକ,୨୧/୦୬ (ନି.ପ୍ର): ଭଦ୍ରକ ଜିଲ୍ଲା ବିଜେପି ସଭାପତି ହେମନ୍ତ କୁମାର ପାଢ଼ୀ ଏବଂ ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଭଦ୍ରକ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ହରପ୍ରିୟା ସାହୁ ତାଙ୍କ ଜିଲ୍ଲା ଟିମ୍ ଘୋଷଣା କରିଛନ୍ତି । ଜିଲ୍ଲା ଉପସଭାନେତ୍ରୀ ଭାବେ ଭାରତୀ ବିଶ୍ୱାଳ, ଉଷା ପାଢ଼ୀ, ଉମାମଣି ସାହୁ, ଶକୁନ୍ତଳା ସାମଲ, ସାଧାରଣ ସମ୍ପାଦିକା ଭାବରେ ନିବେଦିତା ନାୟକ ଏବଂ ଲିପିକା ବାରିକ, ସମ୍ପାଦିକା ଭାବରେ ଝରଣା ଜେନା, ବିଷ୍ଣୁପ୍ରିୟା ଲେଙ୍କା, ନବନୀତା ନାୟକ, ଚୈତାଳି ଖିଲାର ଏବଂ ସ୍ୱାଗତିକା ସାହୁ, କାର୍ଯ୍ୟାଳୟ ସମ୍ପାଦକ ଭାବେ ସ୍ମୃତିରେଖା ରାଉତ, କୋଷାଧ୍ୟକ୍ଷ ଭାବେ ବିଷ୍ଣୁପ୍ରିୟା ଜେନା ଏବଂ ଆଇଟି ସେଲ୍ ପ୍ରମୁଖ ଭାବରେ ସ୍ୱର୍ଣ୍ଣଲତା ମିଶ୍ର ଦାୟିତ୍ୱ ପାଇଛନ୍ତି । ଏହା ସହ ୨୧ ଜଣ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ଏବଂ ୩୨ଟି ମଣ୍ଡଳ ସଭାନେତ୍ରୀଙ୍କ ନାମ ଘୋଷଣା କରାଯାଇଛି । ଜିଲ୍ଲା ସଭାନେତ୍ରୀ ହରପ୍ରିୟା ସାହୁ ନବ ନିର୍ବାଚିତ ସମସ୍ତ ପଦାଧିକାରୀ ଏବଂ କାର୍ଯ୍ୟକାରିଣୀ ସଦସ୍ୟା ମାନଙ୍କୁ ଶୁଭେଚ୍ଛା, ଶୁଭକାମନା ଜଣାଇଛନ୍ତି ।

# ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ



ବାରିପଦା,୨୧/୦୬ (ନି.ପ୍ର): ଶାମାଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ଶିରିଷବଣି ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମରେ ଆଜି ବିଦ୍ୟାଳୟର ଅଧକ୍ଷା ବୀଣାପାଣି ଦାଶଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସପ୍ତମ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି । ପ୍ରତିବର୍ଷ ବିଦ୍ୟାଳୟରେ ପିଲାମାନଙ୍କ ସହିତ ଏହି ଯୋଗ ଦ୍ୱିସ ପାଳନ କରାଯାଇଥାଏ । ମାତ୍ର କରୋନା କଟକଣା ଯୋଗୁଁ ଚଳିତ ବର୍ଷ ବିଦ୍ୟାଳୟରେ ପିଲାମାନେ ନଥିଲେ ମଧ୍ୟ ଯୋଗର ମହତ୍ୱକୁ ପ୍ରତିପାଦନ କରି ବିଦ୍ୟାଳୟର ଅଧକ୍ଷା ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି ଯୋଗ ଦିବସକୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଛନ୍ତି । ବିଦ୍ୟାଳୟର ପ୍ରତିଷ୍ଠାତା ଅଜୟ କୁମାର ମିଶ୍ର, ଅଧକ୍ଷା ଶ୍ରୀମତୀ ବୀଣାପାଣି ଦାଶ ଓ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ବଡିଭୋରରୁ ଉଠି ଯୋଗାଭ୍ୟାସ କରିଥିଲେ । ଯୋଗ କେବଳ ଆସନ ବା ବ୍ୟାୟାମ ନୁହେଁ, ଏହା ମନୁଷ୍ୟର ଇନ୍ଦ୍ରିୟକୁ ନିୟନ୍ତ୍ରଣ କରି ଈଶ୍ୱରଙ୍କ ସହିତ ଯୋଡିବାର ଏକ ପ୍ରୟାସ । ଏହା ଏକ ଶାରିରୀକ, ମାନସିକ ଓ ଆଧ୍ୟାତ୍ମିକ ଅଭ୍ୟାସ । ଉକ୍ତ ଦିବସରେ ଅଧକ୍ଷା ଯୋଗର ଗୁରୁତ୍ୱ ବୁଝାଇବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଯୋଗଗୁରୁ ରାମଦେବ ବାବାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଯୋଗ ଦିବସ ପାଳନ ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ସେବା ସମବାୟ ସମିତିରେ କାମ କରୁଥିବା ବେଳେ ଯୁବକର ମୃତ୍ୟୁ

ଜଳେଶ୍ୱର ୨୧/୬ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ରାଇବଣିଆ ଥାନା ଅଧିନ କଳମା ସେବା ସମବାୟ ସମିତିରେ ଟ୍ରକ୍‌ରେ ଧାନ ବୋଝେଇ କରୁଥିବା ବେଳେ ଟ୍ରକ୍‌ରୁ ଖସିପଡି ଜଣେ କୃଷକର ମୃତ୍ୟୁ ଘଟିଛି । ଆଜି ଦ୍ୱି ପ୍ରହରରେ ମଣ୍ଡିରେ ଧାନ ଲୋଡିଂ କରୁଥିବା ବେଳେ ତାର ମୁଣ୍ଡ ବୁଲାଇ ଦେବାରୁ ସେ ତଳେ ପଡିଯାଇଥିଲା ଓ ଧାନବସ୍ତା ଗୁଡିକ ତା ଉପରେ ଚାପି ହୋଇଯାଇଥିଲା । ତୁରନ୍ତ ସେଠାରୁ ଉଦ୍ଧାର କରି ହାତୀଗଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ କୃଷକ କଳମା ଗ୍ରାମର ଲକ୍ଷ୍ମଣ ବେହେରାଙ୍କ ପୁଅ ଖକନ ବେହେରା(୩୨) ବୋଲି ଜଣାଯାଇଛି । ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସ୍ଥାନୀୟ ନେତାମାନେ ଦାବି କରିଛନ୍ତି ।

# ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ ରାଣୀପାଟଣାଠାରେ ଆନ୍ତର୍ଜାତିକ ଯୋଗଦିବସ ପାଳିତ

## ଅକ୍ସିମିଟରର ଉପଯୋଗିତା ଓ ବ୍ୟବହାର ସମ୍ପର୍କରେ ଆଲୋଚନାଚକ୍ର




ବାଲେଶ୍ୱର,୨୧/୦୬ (ନି.ପ୍ର): ରାଣୀପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଅଧକ୍ଷ ଦିବାକର ସଙ୍ଗ ସଭାପତିତ୍ୱରେ ବିଶ୍ୱ ଯୋଗଦିବସ ପାଳିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ବିଦ୍ୟାଳୟର ଉପଦେଷ୍ଟା ତଥା ରୋଟାରିୟାନ ସୁବ୍ରତ କର, ରୂପାୟନର ସମ୍ପାଦିକା ଶ୍ରଦ୍ଧାଞ୍ଜଳି ରାୟ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ଉତ୍ସବରେ ଡ. ନିତିନ୍ ଯୋଗୀ ଏବଂ ତାଙ୍କ ମହଧର୍ମିଣୀ ଚାନ୍ଦିନୀ ଦେବୀଙ୍କ ଦ୍ୱାରା ବିଦ୍ୟାଳୟକୁ ଦୁଇଗୋଟି ଅକ୍ସିମିଟର ପ୍ରଦାନ କରାଯାଇଥିଲା । ପ୍ରଥମେ ସୁବ୍ରତ କର ଯୋଗ କିପରି ଆମକୁ ନିରୋଗ କରେ ଏବଂ ମହାମାରୀ ସମୟରେ ଅକ୍ସିମିଟରର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ପରେ ଶ୍ରଦ୍ଧାଞ୍ଜଳି ରାୟ ମଧ୍ୟ ସମାନ ଭାବରେ ତାଙ୍କର ଅଭିମତ ପ୍ରଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମହାପାତ୍ର ତାଙ୍କ ଅଭିମତରେ ମହାମାରୀ ପରିସ୍ଥିତିରେ ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାକୁ ହେଲେ ଯୋଗପରି ମହାମନ୍ତ୍ରକୁ ଆପଣାଇବା ଉଚିତ୍ ତତ୍ ସହିତ ଅକ୍ସିମିଟର ବର୍ତ୍ତମାନ ପରିସ୍ଥିତିରେ ଆମର ଆବଶ୍ୟକ ଓ ଦିନରେ ଦୁଇଥର ବ୍ୟବହାର କରି ଆମର ଅକ୍ସିଜେନ ସ୍ତରକୁ ପରଖିବା ଉଚିତ୍ ବୋଲି କହିଥିଲେ । ଶେଷରେ ଦିବାକର ସ ଏହାର ବ୍ୟବହାର କେବଳ ଆମ ବିଦ୍ୟାଳୟରେ ସୀମିତ ରହିବ ନାହିଁ ବରଂ ଆମ ବିଦ୍ୟାଳୟର ଶିକ୍ଷକମାନେ ଦ୍ୱାର ଦ୍ୱାର ବୁଲି ଲୋକମାନଙ୍କର ଅକ୍ସିଜେନ ସ୍ତର ମାପି ନୋଟ୍ କରିବା ସହ କାହାର ଅକ୍ସିଜେନ୍ ସ୍ତର କମ୍ ଥାଏ ତେବେ ତାକୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ କରିବାକୁ ଅନୁରୋଧ କରିବୁ ବୋଲି ଉକ୍ତ ସଭାରେ କହିବା ସହ ସଭାକାର୍ଯ୍ୟ ଶେଷ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥଲେ ।

# ଚିହ୍ନଟ ହେଲେ ୧୩୫ କରୋନା ଆକ୍ରାନ୍ତ

ଭଦ୍ରକ,୨୧/୦୬ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଚିହ୍ନଟ ହୋଇଛନ୍ତି ୧୩୫ କରୋନା ଆକ୍ରାନ୍ତ । ଯାହା ଫଳରେ ଏଯାବତ୍ ଜିଲ୍ଲାରୁ ମୋଟ ୨୧ ହଜାର ୦୭୩ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସୁସ୍ଥ ହୋଇ ସାରିଛନ୍ତି ୧୯ ହଜାର ୨୩୩ । ଏବେ ସକ୍ରିୟ ଆକ୍ରାନ୍ତ ଅଛନ୍ତି ୧୭୯୯ଜଣ । ଚିହ୍ନଟଙ୍କ ମଧ୍ୟରେ ବାସୁଦେବପୁର ପୌରପାଳିକାର ୯ ନଂ ୱାର୍ଡରୁ ଜଣେ, ବାସୁଦେବପୁର ବ୍ଲକର ଆନ୍ଦୋଳା, ଚୁଡାମଣି, ଇରମ, ସୁଗୋ ଗ୍ରାମରୁ ୫ଜଣ, ଭଦ୍ରକ ବ୍ଲକର ଆମ୍ବରୋଳି, ଅଣ୍ଡେଇପଲୀ, ଅର୍ଦ୍ଧପାଳ, ବେଲମଳା, ଏରେଇଁ, ଆରଡିଛକ, ଗେଲଟୁଆ, ଲାଙ୍ଗୁଡ଼ି, କରେଇପୁର, ଓଲଙ୍ଗ, ରାନ୍ଧିଆ ଓ ସାହାଡା ଗ୍ରାମରୁ ମୋଟ ୩୦ଜଣ, ତିହିଡ଼ି ବ୍ଲକର ସୟା, ଅଚକ, ପାଳିଆବିନ୍ଧା ଗ୍ରାମରୁ ମୋଟ ୫ଜଣ, ଧାମନଗର ବ୍ଲକର ବୟାଙ୍ଗଡିହି, ଦଳାଙ୍ଗ, ବାହାରବିଲ, ଫତେପୁର, ଗଡିଆଳି, କଲ୍ୟାଣୀ, କେଶପୁର, ପାତ୍ରପଡା ଆଦି ଗ୍ରାମରୁ ୧୮ଜଣ, ଭଣ୍ଡାରିପୋଖରୀ ବ୍ଲକର ଜଳମଣ୍ଡୁଆ, ଝୁଟଣା, ନାଆମୀ, ନପଙ୍ଗ, ନେରଡା, ଅରେଇକଣା, ରାଜେନ୍ଦ୍ରପୁର, ରଞ୍ଜିତ ଗ୍ରାମରୁ ମୋଟ ୧୧ଜଣ, ଧାମନଗର ଏନ୍ଏସିରୁ ୨ଜଣ, ଭଦ୍ରକ ପୌରପାଳିକାର ଉତ୍ତର ବାହିନୀ, ଗରଦପୁର, ବାଇପାସ୍, ଗବସାହିରୁ ୬ଜଣ, ବନ୍ତ ବ୍ଲକ ଆଡିଆ, ବଡମହିଷିଗୋଠ, ବିଟିପୁର, ପଳସା, ଓଡଙ୍ଗ, ପଧାନପଡା, ବାରିକପୁର ଗ୍ରାମରୁ ୧୧ଜଣ, ଚାନ୍ଦବାଲି ବ୍ଲକର ଓସ୍ତିଆ, ସରଦିଆ, ଭାଟପଡା, ବିଜୟନଗର, ଚରଦିଆ, ବଳଭଦ୍ରକପ୍ରସାଦ, ମହୁଲିଆ, ନଳଗୋହିରା, ମାଣିପୁର ଗ୍ରାମରୁ ମୋଟ ୧୬ଜଣ, ଚାନ୍ଦବାଲି ଏନ୍ଏସିରୁ ୧୩ଜଣଙ୍କ ସହିତ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଓ କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକରୁ ୨ଜଣ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ବ୍ୟତୀତ ଭଦ୍ରକ ଜିଲ୍ଲାର ୧୫ ଜଣ ବାହାର ଜିଲ୍ଲାରେ ଚିହ୍ନଟ ହୋଇଛନ୍ତି ।

ବାଲେଶ୍ୱର ମଙ୍ଗଳବାର, ୨୨ ଜୁନ୍, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ରାଜ୍ୟବ୍ୟାପୀ ୭ମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଭୁବନେଶ୍ୱର,୨୧/୦୬ (ନି.ପ୍ର): ୭ମ ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଭୁବନେଶ୍ୱରସ୍ଥିତ ମୂଳା ପଡିଆଠାରେ ଯୋଗ କରିବା ସହ ସମଗ୍ର ଓଡିଶାବାସୀଙ୍କୁ ଯୋଗ ମାଧ୍ୟମରେ ନିରୋଗ ରହିବା ପାଇଁ ବାର୍ତ୍ତା ଦେଇଛନ୍ତି। ସୁସ୍ଥ ରହିବା ପାଇଁ ସହଜ ଓ ସରଳ ଉପାୟ ହେଉଛି ଯୋଗ। କେବଳ ଯୋଗ ଦିବସରେ ନୁହେଁ ନିୟମିତ ଯୋଗ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ, ଯୋଗ ଏକ ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ଅଭ୍ୟାସ । ୬୦୦୦ ବର୍ଷ ପୂର୍ବେ ଭାରତରେ ଯୋଗର ଉତ୍ପତି ହୋଇଥିଲା । ବୈଦିକ ଯୁଗର ପରମ୍ପରା ଅନୁସାରେ ଯୋଗ ହିଁ ସମସ୍ତ ରୋଗର ନିବାରକ ହୋଇପାରିବ ବୋଲି ବେଦ ଓ ଉପନିଷେଦରେ ବର୍ଣ୍ଣିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରୟାସକ୍ରମେ ଆନ୍ତର୍ଜାତୀୟ ସ୍ତରରେ ଯୋଗ ଦିବସକୁ ପାଳନ କରିବା ପାଇଁ ମିଳିତ ଜାତିସଂଘ ଅଧିବେସନ ଦ୍ୱାରା ଡିସେମ୍ବର ୧୧,୨୦୧୪ରେ ସଂକଳ୍ପ ହୋଇଥିଲା । ଆଜି ଭାରତର ଯୋଗାଭ୍ୟାସକୁ ସମଗ୍ର ବିଶ୍ୱ ଆପଣାଇଛି । କୋଭିଡ ମହାମାରୀ ସମୟରେ ଯୋଗାଭ୍ୟାସ ଦ୍ୱାରା କରୋନା ଆକ୍ରାନ୍ତମାନେ ଶୀଘ୍ର ସୁସ୍ଥ ହେଉଛନ୍ତି। ଆୟୁଷ ମନ୍ତ୍ରାଳୟ ପ୍ରତିଦିନ ଯୋଗ କରିବା ପାଇଁ ମାର୍ଗଦର୍ଶିକା ଜାରି କରିଛି। ଯୋଗ କରିବା ଦ୍ୱାରା ଆମର ଶାରୀରିକ ଏବଂ ମାନସିକସ୍ତରରେ ସକରାତ୍ମକ ବାତାବରଣ ସୃଷ୍ଟି ହେବା ସହ ଆମ ଶୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ପ୍ରତିଦିନ ନିୟମିତ ରୂପରେ ଯୋଗାଭ୍ୟାସ କଲେ ମନୁଷ୍ୟ ଶରୀରରେ ଦେଖାଯାଉଥିବା ବହୁବିଧ ରୋଗ ନିୟନ୍ତ୍ରଣ ହୋଇଥାଏ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ଯୋଗ ଦିବସରେ ଦୁଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ, ବିଜେପିର ସମସ୍ତ ବିଧାୟକଗଣ, ରାଜ୍ୟ ସାଧାରଣ ସଂପାଦକ (ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର, ରବି ନାୟକ, ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ରାଜ୍ୟର ସମସ୍ତ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାମାନେ କୋଭିଡ କଟକଣାକୁ ପାଳନ କରି ନିଜ ନିଜ ଅଂଚଳରେ ଯୋଗ ଦିବସକୁ ପାଳନ କରିଛନ୍ତି ।

# ଏଫଏମ ଗୋଲେଇରେ ନୂଆ ଟ୍ରାଫିକ ସିଗନାଲ ଉଦଘାଟିତ



ବାଲେଶ୍ୱର,୨୧/୦୬ (ନି.ପ୍ର): ବାଲେଶ୍ୱର ଲାୟନ୍ସ କ୍ଲବ ଉମଙ୍ଗ ଦ୍ୱାରା ନିର୍ମିତ ଫକୀର ମୋହନ ଗୋଲେଇ ଛକ ଟ୍ରାଫିକ ସିଗନାଲ ପୋଷ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ, ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଲାୟନ୍ସ କ୍ଲବ ୩୨୨୬୫-ଜିଲା ଗଭର୍ଣ୍ଣର ଲାୟନ ପ୍ରଫୁଲ କୁମାର ସାମଲ ଓ ଲାୟନ୍ସ କ୍ଲବ 'ଉମଙ୍ଗ'ର ବରିଷ୍ଠ ସଦସ୍ୟା ସୁବାସିନୀ ଜେନା, ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜିତ ଦଳବେହେରା ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗଦେଇ ନବନିର୍ମିତ ଟ୍ରାଫିକ ସିଗନାଲକୁ ମିଳିତ ଉଦଘାଟନ କରିଥିଲେ। ସମାଜସେବାକୁ ବ୍ରତ ଭାବେ ଗ୍ରହଣ କରି ଆସିଥିବା ବାଲେଶ୍ୱର ଲାୟନ୍ସ କ୍ଲବ ଉମଙ୍ଗ ଦ୍ୱାରା ନିର୍ମିତ ଏହି ଟ୍ରାଫିକ ପୋଷ୍ଟ ଏକ ଉଦାହରଣ ହୋଇ ରହିବ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ। ବାଲେଶ୍ୱର ସହରର ସାତଟି ପ୍ରମୁଖ ସ୍ଥାନରେ ଆକର୍ଷଣୀୟ ଟ୍ରାଫିକ ପୋଷ୍ଟ ନିର୍ମାଣ ପାଇଁ ପୂର୍ବରୁ ନିଷ୍ପତି ହୋଇଥିବା ବେଳେ ଲାୟନ୍ସ କ୍ଲବ ଉମଙ୍ଗର ଏହି ଟ୍ରାଫିକ ସିଗନାଲ ନିର୍ମାଣ ସ୍ୱାଗତ ଯୋଗ୍ୟ ତଥା ପ୍ରଶଂସନୀୟ ପଦକ୍ଷେପ ବୋଲି ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ କହିଥିଲେ। ଲାୟନ୍ସ କ୍ଲବ ଉମଙ୍ଗର ଏହି ସାଧୁ ଉଦ୍ୟମ ଅନ୍ୟମାନଙ୍କୁ ପ୍ରେରଣା ଦେବା ସହ ସହରର ସୌନ୍ଦର୍ଯ୍ୟକରଣ ଓ ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଦଳବେହେରା, ଶ୍ରୀମତୀ ଜେନାଙ୍କ ସମେତ ଉପସ୍ଥିତ ଅତିଥି ଡିଏସପି ଉମେଶ କୁମାର ପଣ୍ଡା କହିଥିଲେ। ଉମଙ୍ଗର ସଭାପତି ଲାୟନ ମନୀଷା ଦାସ ଓ ଲାୟନ ସମ୍ପାଦିକା ସ୍ନେହା ସରାଓ୍ୱଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଦଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେବଳ ଏହି ଟ୍ରାଫିକ ସିଗନାଲ ନୁହେଁ ବରଂ ଆଗାମୀ ଦିନରେ ଏହିଭଳି ସମୂହ ସ୍ୱାର୍ଥରକ୍ଷା ଦିଗରେ ଲାୟନ କ୍ଲବ ଉମଙ୍ଗ ତା'ର ଉଦ୍ୟମ ଜାରି ରଖିବ ବୋଲି ସେମାନେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲାୟନ୍ସ କ୍ଲବର ପୂର୍ବତନ ଜିଲା ଗଭର୍ଣ୍ଣର ଲାୟନ ପ୍ରକାଶ କୁମାର ଜେନା, ଗଭର୍ଣ୍ଣର ଦାୟିତ୍ୱ ତୁଲାଇବା ପାଇଁ ନିର୍ବାଚିତ ହୋଇଥିବା ଲାୟନ ଭଗବାନ ଗୁପ୍ତା, ଭାଇସ ଗଭର୍ଣ୍ଣର ଲାୟନ ଶରତ ପ୍ରଧାନ, ଜୋନାଲ ଅଧ୍ୟକ୍ଷା ଲାୟନ କ୍ରିଷ୍ଣା ଦାସ ପ୍ରମୁଖ ଏଥିରେ ଯୋଗଦେଇ ବାଲେଶ୍ୱର ଲାୟନ୍ସ କ୍ଲବ ଉମଙ୍ଗର କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ। ସୁମିତା ଦତ୍ତ, ମୀନତି ବଳିୟାରସିଂହ, ଲୀନା ପାଣିଗ୍ରାହୀ, ସ୍ନେହଲତା ପଣ୍ଡା, ସଂଘମିତ୍ରା ମହାନ୍ତି, ଯାଜ୍ଞସେନୀ ଦାସ, ପ୍ରକାଶ କୁମାର ମହାନ୍ତି, ଅଂଶୁମାନ ଦାସ, ରାଜୁ ସାହା ପ୍ରମୁଖ ଉମଙ୍ଗର ସଦସ୍ୟା ଓ ଲାୟନ୍ସ କ୍ଲବର ସଦସ୍ୟମାନେ ସମସ୍ତ କାର୍ଯ୍ୟ କରିଚାଳନା କରିଥିଲେ।

## ବିଜେପି ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ

ବାଲେଶ୍ୱର,୨୧/୦୬ (ନି.ପ୍ର): ସପ୍ତମ ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ବାଲେଶ୍ୱର ଜିଲା ବିଜେପି ପକ୍ଷରୁ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଦଳୀୟ ଜିଲା ସଭାପତି ଉମାକାନ୍ତ ମହାପାତ୍ର ଏହି ଶିବିରକୁ ଉଦଘାଟନ ସହ ମାନବ ଶରୀର ପାଇଁ ଯୋଗର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପୂର୍ବତନ ବିଜେପି ଜିଲା ସଭାପତି ଲମ୍ବୋଦର ନାୟକ, ବିଜେପି ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ସଦସ୍ୟା ଶୋଭନା ମହାନ୍ତି, ଜିଲା ଉପ-ସଭାନେତ୍ରୀ କମଳା ବିନ୍ଧାଣୀ, ଉପ-ସଭାପତି କମଳଲୋଚନ ଦାସ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଲ୍ଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖଙ୍କ ସମେତ ଏହି ଶିବିରରେ ଯୋଗ ଦେଇ ଯୋଗାଭ୍ୟାସ କରିଥିଲେ।

# ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚ ପକ୍ଷରୁ ସଚେତନତା




ବାଲେଶ୍ୱର,୨୧/୦୬ (ନି.ପ୍ର): ଆନ୍ତର୍ଜାତିକ ନୀଳରକ୍ତ କଙ୍କଡ଼ା ସୁରକ୍ଷା ଦିବସ ଅବସରରେ ସୋମବାରଦିନ ବାଲେଶ୍ୱର ରେଳଷ୍ଟେସନ ନିକଟରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। "ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚ" ପକ୍ଷରୁ ସଦସ୍ୟମାନେ ସମାଜ ପାଇଁ ନୀଳରକ୍ତ କଙ୍କଡ଼ାର ବହୁମୁଖୀ ଉପାଦେୟତା ସମ୍ପର୍କରେ ପ୍ଲା'କାର୍ଡ଼ ପ୍ରଦର୍ଶନ କରିଥିଲେ। ବାଲେଶ୍ୱରରେ ନୀଳରକ୍ତ କଙ୍କଡ଼ା ଓ ଅନ୍ୟାନ୍ୟ ସାମୁଦ୍ରିକ ଜୀବଙ୍କ ଉପରେ ଏକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ସହ ବିଦ୍ୟାଳୟର ପାଠ୍ୟକ୍ରମରେ ନୀଳରକ୍ତ କଙ୍କଡ଼ାର ଉପାଦେୟତା ବିଷୟରେ ଶିକ୍ଷାଦାନ ପାଇଁ ମଞ୍ଚ ତରଫରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରେ ଦାବି କରାଯାଇଛି। ଆମେରିକା, ଚୀନ୍, ଥାଇଲାଣ୍ଡ ପ୍ରଭୃତି ଦେଶମାନଙ୍କରେ ନୀଳରକ୍ତ କଙ୍କଡ଼ାରୁ ମାନବ ସମାଜପାଇଁ ଅନେକ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ ହୋଇପାରୁଛି। ବଙ୍ଗୋପସାଗରର ଅବିଭକ୍ତ ବାଲେଶ୍ୱର ଜିଲା ଉପକୂଳରେ ଏହି କଙ୍କଡ଼ା ପ୍ରଚୁର ପରିମାଣରେ ଦେଖିବାକୁ ମିଳେ। କିନ୍ତୁ ମତ୍ସ୍ୟଜୀବୀ ଓ ଉପକୂଳ ଅଞ୍ଚଳ ବାସିନ୍ଦାମାନଙ୍କ ମଧ୍ୟରେ ସଚେତନତା ଅଭାବରୁ ବହୁ ନୀଳରକ୍ତ କଙ୍କଡ଼ା ମୃତ୍ୟୁବରଣ କରୁଛନ୍ତି। ହଜାର ହଜାର ବର୍ଷ ଧରି ଏହି ଜୀବ ବହୁ ଘାତ ପ୍ରତିଘାତରେ ବଞ୍ଚରହିଛି। ତେଣୁ ସେମାନଙ୍କ ସୁରକ୍ଷା ପାଇଁ ସରକାରଙ୍କ ତରଫରୁ ଉଦ୍ୟମ ନିମନ୍ତେ ମଞ୍ଚର କର୍ମକର୍ତ୍ତାମାନେ ନିବେଦନ କରିଛନ୍ତି। ଆଜିର ଏହି ସଚେତନତା କାର୍ଯ୍ୟକ୍ରମରେ ମଞ୍ଚର ସଭାପତି ଲକ୍ଷ୍ମୀଧର ବେହେରା, ସଂପାଦକ ଡଃ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ ସମେତ ଗୌରାଙ୍ଗ ପାଣିଗ୍ରାହୀ, ଶିଳ୍ପୀ କେଶୁ ଦାସ, ସୀତାରାମ ପ୍ରଧାନ, ପ୍ରବୀର କମିଲା, ଆୟୁବ ଅଲ୍ଲୀ ଖାଁ, ଗଗନ କୁମାର ସେଠୀ, ଅନ୍ତର୍ଯ୍ୟାମୀ ପ୍ରଧାନ, ନିରଞ୍ଜନ ପରିଡ଼ା, ଇଂ. କୁମାର କାର୍ତ୍ତିକ, ସନାତନ ଟୁଡୁ ଓ କୃତିବାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଚିଙ୍ଗୁଡ଼ି ପ୍ରୋସେସିଙ୍ଗ ଫାର୍ମ ଯୋଗୁଁ ଲୋକଙ୍କ ସମସ୍ୟା ବଢୁଛି : ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି



ବାଲିଆପାଳ,୨୧/୦୬ (ନି.ପ୍ର): ବାଲିଆପାଳ ଚଉମୁଖ ମୁଖ୍ୟ ରାସ୍ତାର କୋଷ୍ଟ କେନାଲ ନିକଟ ଚିଙ୍ଗୁଡ଼ି ପ୍ରୋସେସିଙ୍ଗ ଫାର୍ମ ଓ ପ୍ଲାଣ୍ଟ ଯୋଗୁଁ ଲୋକଙ୍କ ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଜିଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ନ ଦେଲେ ଏହାକୁ କେନ୍ଦ୍ର କରି ଜନ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଅଂଚଳର ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି। ଫାର୍ମ ଯୋଗୁଁ ଷୋଳଶା ପାଣ୍ଡିର ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି । ଫାର୍ମ ମାଲିକ କେନାଲ ନିକଟ ନାଳକୁ ପୋତି ଦେଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି । ଏହା ଦ୍ୱାରା ଷୋଳଶା ପାଣ୍ଡିର ଶହ ଶହ ଏକର ଧାନ ଚାଷ କ୍ଷତି ହେବ ବୋଲି ସ୍ଥାନୀୟ ଲୋକ କହିଛନ୍ତି । ଚିଙ୍ଗୁଡ଼ି ପ୍ରୋସେସିଙ୍ଗ ପ୍ଲାଣ୍ଟରୁ ବିଶାକ୍ତ ପାଣି ଓ ଚିଙ୍ଗୁଡ଼ି ଖୋଳପାକୁ ମାଲିକ ଜ୍ଞାତସାରରେ କର୍ମଚାରୀମାନେ ନିକଟସ୍ଥ ଚାଷ ଜମିକୁ ପକାଇ ଦେଉଛନ୍ତି। ତାହା ଛଡା ଖାଲଡିହା ଗ୍ରାମର ଏକ ସରକାରୀ ଜାଗାରେ ମାଲିକ ଏକ ପୋଖରୀ ଖୋଳି ପ୍ଲାଣ୍ଟରୁ ବର୍ଜ୍ୟପଦାର୍ଥକୁ ଛାଡୁଛନ୍ତି। ଏହି ପାଣିକୁ ଗ୍ରାମବାସୀ ବ୍ୟବହାର କରୁଥିବାରୁ ନାନା ପ୍ରକାର ରୋଗରେ ପଡୁଛନ୍ତି। ଗୃହ ପାଳିତ ଗାଈ ଗୋରୁ ଖୋଲା ପୋଖରୀରୁ ପାଣି ପିଇ ପୀଡିତ ହେଉଛନ୍ତି । ପ୍ଲାଣ୍ଟର ବର୍ଜ୍ୟବସ୍ତୁ ଓ ଆର୍ବଜନା ଦୀର୍ଘଦିନ ଜମି ରହୁଥିବାରୁ ପୋତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ବାୟୁ ମଣ୍ଡଳ ଏକ ପ୍ରକାର ବିଶାକ୍ତ ହୋଇଯାଉଛି। ମଧୁପୁରା କଉପଦା, ବାସୁଦେବପୁର, କୁଶଡିହା ଗ୍ରାମର ଲୋକମାନେ ଏହି ଦୂଷିତ ପରିବେଶ ଯୋଗୁଁ ଅତିଷ୍ଠ ହୋଇଗଲେଣି । କେତେକଙ୍କୁ କୁଣ୍ଡିଆ ରୋଗ ମଧ ହେଉଛି। ଏନେଇ ଗ୍ରାମବାସୀ ଫାର୍ମ ଓ ପ୍ଲାଣ୍ଟ ମାଲିକ ସଞ୍ଜିବ ପାଢୀଙ୍କୁ ବାରମ୍ବାର କହିବାଉ ସତ୍ତ୍ୱେ ସେ ଖାତିର କରୁନଥିବା ପ୍ରକାଶ । ଗ୍ରାମବାସୀ ଫାର୍ମ ଓ ପ୍ଲାଣ୍ଟକୁ ତୁରନ୍ତ ବନ୍ଦ କରିବାକୁ ସୁଧାକୃଷ୍ଣ ଜେନା, ରାମଚନ୍ଦ୍ର ଜେନା, ଗୌରାଙ୍ଗ ମଙ୍ଗରାଜ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଧନଞ୍ଜୟ ଗିରି, ପ୍ରସାଦ ଗିରି, ମନୋଜ କୁମାର ଜେନା, ଗୋପବନ୍ଧୁ ନାୟକ, ବଂଶୀଧର ରାଉତ ପ୍ରମୁଖ ଗ୍ରାମବାସୀ ଆଜି ତହସିଲଦାରଙ୍କୁ ଲେଖି ଜଣାଇଛନ୍ତି।

# ବିଳମ୍ବିତ ରାତିରେ ବ୍ରଏଲର ଗାଡିକୁ ଛୁରି ଦେଖାଇ ଯୁବକ ଗିରଫ



ବାରିପଦା,୨୧/୦୬ (ନି.ପ୍ର): ବାରିପଦା ସୁନାମୁହିଁ ଅଂଚଳର ଜୟନ୍ତ ଖଣ୍ଡା (୩୪) ନାମକ ଜନୈକ ଯୁବକ ୧୯ ତାରିଖ ବିଳମ୍ବିତ ରାତିରେ ବାରିପଦା ଟାଉନଥାନା ଅନ୍ତର୍ଗତ ପୋଡା ଅସ୍ତିଆ ଗେଟ ନିକଟରେ ଗୋଟିଏ ବ୍ରଏଲର କୁକୁଡା ବୋଝେଇ ମହିନ୍ଦ୍ରା ପିକପ ଭେନକୁ ବେଆଇନ ଭାବରେ ଅଟକାଇ ଡ୍ରାଇଭର ଓ ହେଲପରକୁ ଛୁରି ଦେଖାଇ ମୁନିଷପାଲଟି ରସିଦ ଦେଖାଇ ଅର୍ଥ ଦାବୀ କରିବା ଅଭିଯୋଗରେ ବାରିପଦା ଟାଉନଥାନା ପୋଲିସ ପିକପ ଡ୍ରାଇଭର ଦୁଷ୍ମନ୍ତ ପ୍ରଧାନଙ୍କ ଏତେଲା କ୍ରମେ ଅଭିଯୁକ୍ତ ଜୟନ୍ତକୁ ଅଟକାଇ ପଚରା ଉଚରା କରିବା ସହିତ ତାକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବାର ଜଣାଯାଇଛି । ସୂଚନା ମୁତାବକ ଦୁଷ୍ମନ୍ତ ପ୍ରଧାନ ପିକପ ଭେନରେ ବ୍ରଏଲର କୁକୁଡା ଲୋଡ କରି ଖୁଂଟା ଅଂଚଳରୁ ଶୁଳିଆପଦା ଥାନାର କୋଷ୍ଠା ଅଂଚଳକୁ ଯାଉଥିଲେ । ତେବେ ୧୯ ତାରିଖ ବିଳମ୍ବିତ ରାତିରେ ବାରିପଦା ଟାଉନଥା ଅନ୍ତର୍ଗତ ପୋଡା ଅସ୍ତିଆ ଗେଟ ନିକଟରେ ଜୟନ୍ତ ଖଣ୍ଡା ଗାଡିକୁ ଅଟକାଇବା ସହିତ ଛୁରି ଦେଖାଇ ଡ୍ରାଇଭର ଓ ହେଲପରକୁ ଭୟଭୀତ କରିଥିଲା । ଓ ବାରିପଦା ମୁନିଷପାଲଟିର କିଛି ରସିଦ ଦେଖାଇ ତାଙ୍କୁ ଅର୍ଥ ଦାବୀ କରିବା ସହିତ ଗାଳିଗୁଲଜ ମଧ୍ୟ କରିଥିଲା। ତେବେ ସେହି ସମୟରେ ପୋଲିସ ପେଟ୍ରଲିଂ ଗାଡି ସେହି ବାଟ ଦେଇ ଯାଉଥିବାରୁ ଡ୍ରାଇଭର ପୋଲିସର ସାହାର୍ଯ୍ୟ ଲୋଡିଥିଲା। ପୋଲିସ ଜୟନ୍ତ ଖଣ୍ଡାକୁ ଉଠାଇ ଆଣି ଥାନାରେ ଅଟକ ରଖିବା ସହିତ ତାଠାରୁ ଛୁରି, କିଛି ନଗଦ ଟଙ୍କା ଓ ମୁନିଷିପାଲଟିର କିଛି ରସିଦ ସିଜ କରିଥିଲା । ତେବେ ଡ୍ରାଇଭର ଦୁଷ୍ମନ୍ତ ଆଜି ଥାନାରେ ଏତେଲା ଦେବା ପରେ ବାରିପଦା ଟାଉନ ଥାନା ପୋଲିସ ଏବାବଦରେ ମାମଲା ନଂ- ୫୭୨ ତା୨୦/୦୬/୨୦୨୧ ଭାରତୀୟ ପିଙ୍ଗଳ କୋଡ ଧାରା ୩୯୨/୨୯୪ ମୂଳେ କେସ ପଞ୍ଜିକୃତ କରି ଆସାମୀର ବୟାନ ରେକର୍ଡ କରିବା ସହିତ ଡାକ୍ତରୀ ମାଇନା କରିବା ପରେ ତାକୁ କୋର୍ଟକୁ ଚାଲାଣ କରିଥିବାର ବାରିପଦା ଟାଉନ ଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତିଙ୍କ ସୂତ୍ରରୁ ଜଣାଯାଇଛି ।

## ଜଳେଶ୍ୱରରେ ଯୋଗ ଶିବିର

ଜଳେଶ୍ୱର ୨୧/୬ (ନି.ପ୍ର): ଆଜି ଆନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ବାଲେଶ୍ୱର ଜିଲାର ଜଳେଶ୍ୱରର ଶାନ୍ତିଆ ଚଣ୍ଡିମନ୍ଦିର ପଡିଆ ଓ ପଞ୍ଚୁଘଣ୍ଟେଶ୍ୱର ମନ୍ଦିର ପଡିଆରେ କୋଭିଡ୍ ନିୟମ ଅନୁଯାୟୀ ଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ଭାଗ ନେଇଥିଲେ । ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହି, ପ୍ରଶିକ୍ଷିକା ଇନ୍ଦୁମତୀ ଗିରି, ରଣଜିତ୍ ସାହୁ, ଅନନ୍ତ ଦାସ, ରାଜୀବ ଘୋଷ, ରଂଜନ ପାତ୍ର, ବାଦଲ ଦତ୍ତ, ସୌରୀଶଂକର ରଣା, ସୁମତୀ ରଣା, ଧନଞ୍ଜୟ ଗିରି, ଅଂଜଳି ଦାସସଂଜିବ ପ୍ରଧାନ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ ।

## ଦେଶୀ ବନ୍ଧୁକ ସହ ଜଣେ ଗିରଫ

ନୀଳଗିରି,୨୧/୦୬ : ନୀଳଗିରି ପୋଲିସ ସୋମବାର ରାତ୍ରି ପ୍ରାୟ ୮ଟା ସମୟରେ ଜନୈକ ବ୍ୟକ୍ତିଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ଏକ ଦେଶୀ ବନ୍ଧୁକ ଜବତ କରିଛି । ସୂଚନା ଅନୁସାରେ ନୀଳଗିରି ଥାନା ଅଧିନସ୍ଥ ସିଆଡ଼ିମାଳ ଗ୍ରା.ପ. ଅଧିନ ବାଙ୍କିଶୁଳ ଗ୍ରାମର ରୁହିୟା ସିଂ ର ପୁଅ ଶ୍ୟାମ ସିଂ ରାତି ପ୍ରାୟ ୮ଟା ସମୟରେ ଭୁଟାସିମୁଳି ପୋଲ ନିକଟରେନିଜର ଦେଶୀ ବନ୍ଧୁକ ରଖି ଗଞ୍ଜେଇ ଟାଣୁଥିବା ସମୟରେ ଥାନାର ସବ୍‌ଇନିସପେକ୍ଟର ବାସୁଦେବ ଜୟସିଂହ ଦେଖିବାକୁ ପାଇଲା ପରେ ବନ୍ଧୁକ ସହ ଶ୍ୟାମକୁ ଗିରଫ କରିଛନ୍ତି ।

## ଯୁବତୀ ନିଖୋଜ : ଥାନାରେ ଅଭିଯୋଗ

ନୀଳଗିରି,୨୧/୦୬ : ବିୟୁଟି ପାର୍ଲର କୁ ଯାଉଛି କହି ଜଣେ ଝିଅ ନିଖୋଜ ହେବା ଘଟଣା ସମସ୍ତଙ୍କୁ ଚକିତ କରିଥିବା ବେଳେ ଝିଅର ବାପା ନୀଳଗିରି ଥାନାରେ ଏକ ନିଖୋଜ ଏତଲା ଦେଇଥିବାର ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଏନ.ଏ.ସି.ର ୭ନଂ. ୱାର୍ଡ ବାଲିଗୋହିରୀ ଗ୍ରାମର ସୁକାନ୍ତ ବେହେରା ର ୧୮ବର୍ଷର ଝିଅ ସୋମବାର ସକାଳ ପ୍ରାୟ ୮ଟା ସମୟରେ ବିୟୁଟିପାର୍ଲର ଯିବାକୁ କହି ବାପା ଅନୁପସ୍ଥିତିରେ ମାଆକୁ କହି ନୀଳଗିରି ଆସିଥିଲା। ବହୁ ଘଣ୍ଟା ଧରି ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ବନ୍ଧୁବର୍ଗ ସାଂଗସାଥିଙ୍କ ଘରେ ଖୋଜାଖୋଜି କରି ନ ପାଇବାରୁ ଶେଷରେ ନୀଳଗିରି ଥାନାରେ ଘଟଣା ବାବଦରେ ଅଭିଯୋଗ କରିଛନ୍ତି । ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ସବ୍‌ଇନିସ୍‌ପେକ୍ଟର ବାସୁଦେବ ଜୟସିଂହ ସୂଚନା ଦେଇଛନ୍ତି ।

# ଜିଲ୍ଲାରେ ଦିନକରେ ୨୯୦ ସଂକ୍ରମିତ ଚିହ୍ନଟ

ବାଲେଶ୍ୱର,୨୧/୦୬ (ନି.ପ୍ର): ପୁଣି ବାଲେଶ୍ୱର ଜିଲାରେ କରୋନା ସଂକ୍ରମଣ ହାର ଉପରମୁହାଁ ହେଉଥିବା ଲକ୍ଷ୍ୟ କରାଯାଇଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୨୯୦ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ପୌରାଞ୍ଚଳରେ ୨୧ଜଣ ଥିବା ବେଳେ ଅନ୍ୟ ୩ ସହରାଞ୍ଚଳ ଓ ୧୨ ଗୋଟି ବ୍ଲକରୁ ୨୬୯ ଜଣ ଅଛନ୍ତି। ତନ୍ମଧ୍ୟରୁ ବାହାନଗା ବ୍ଲକରୁ ୨୫ଜଣ, ବାଲିଆପାଳରୁ ୫, ବସ୍ତାରୁ ୫, ଭୋଗରାଇରୁ ୯, ଜଳେଶ୍ୱରରୁ ୨୩, ଖଇରାରୁ ଜଣେ, ନୀଳଗିରରୁ ୬୬ଜଣ, ଔପଦାରୁ ୨, ରେମୁଣାରୁ ୩୬, ସଦରରୁ ୬୪ଜଣ, ସିମୁଳିଆରୁ ୨୯ ଓ ସୋର ବ୍ଲକରୁ ୭ଜଣ ଅଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୧,୦୭୯ରେ ପହଞ୍ଚିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୩୨୦ଜଣ ସୁସ୍ଥ ହୋଇଛନ୍ତି। ଏବେ ସୁଦ୍ଧା ଜିଲାରେ ମୋଟ ୨୮,୧୪୪ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଅନ୍ୟପକ୍ଷରେ ଜିଲା କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୧୨୫ରେ ସ୍ଥିର ରହିଛି।

# ବାଲେଶ୍ୱର ରୋଟାରୀ କ୍ଲବର ରକ୍ତଦାନ କାର୍ଯ୍ୟକ୍ରମ



ବାଲେଶ୍ୱର,୨୧/୦୬ (ନି.ପ୍ର): ବାଲେଶ୍ୱର ରୋଟାରୀ କ୍ଲବ ଏବଂ ତାର ଯୁବ ସାମୁଖ୍ୟ ରେଟ୍ରାକ୍ଟ କ୍ଲବର ସହାୟତାରେ ଏକ ରକ୍ତଦାନ କାର୍ଯ୍ୟକ୍ରମ ସୋମବାର ସକାଳ ୯ଟାରେ ଆରମ୍ଭ ହୋଇ ୧ଟା ପର୍ଯ୍ୟନ୍ତ ଚାଲିଥିଲା । ଏହି ରକ୍ତଦାନ କାର୍ଯ୍ୟକ୍ରମକୁ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନିଲୁ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ରକ୍ତଦାନର ଆବଶ୍ୟକତା ଓ ବର୍ତ୍ତମାନ ପରିସ୍ଥିତିରେ କିପରି ସୁରକ୍ଷିତ ଭାବେ ରକ୍ତ ସଂଗ୍ରହ କରାଯାଇ ପାରିବ ସେ ବିଷୟରେ ବୁଝାଇ କହିଥିଲେ । ବାଲେଶ୍ୱର ରୋଟାରୀ କ୍ଲବର ସଭାପତି ରୋଟାରିଆନ୍ ଭାବଗ୍ରାହୀ ମହାନ୍ତି, ସଂପାଦକ ରୋଟାରୀଆନ୍ ପ୍ରଦୀପ୍ତ କୁମାର ପଣ୍ଡା, ଚକ୍ଷୁ ଚିକିତ୍ସାଳୟର ଚେୟାରମେନ୍ ରୋଟାରୀଆନ୍ ମାତୃଦତ୍ତ ଦାସ, ରେଟ୍ରାକ୍ଟ କ୍ଲବର ସଭାପତି ସାହିଲ ହୋଦା ପ୍ରମୁଖ ରକ୍ତଦାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ଆସନ୍ତା ବର୍ଷର ରୋଟାରୀଆନ ସୁବ୍ରତ କର ଉପସ୍ଥିତ ରହି ରକ୍ତଦାନ କରୁଥିବା ଯୁବକ, ଯୁବତୀଙ୍କୁ ଫଳ, ଅଣ୍ଡା ଆଦି ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ ରୋଟାରୀଆନ୍ ବିକ୍ରମଜିତ୍ କର, ଉଦୟ ରଂଜନ ଦାସ, ଯଶୋଦା ନନ୍ଦନ ଆଶ, ଦେବେନ୍ଦ୍ର କୁମାର ଧଳ, ସପନ ମହାପାତ୍ର ପ୍ରମୁଖ ପ୍ରାକ୍ତନ ସଭାପତି ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ପ୍ରମୁଖ ଭୂମିକା ଗ୍ରହଣ କରିଥିବା ରେଟ୍ରାକ୍ଟ କ୍ଲବର ଅନୁପ ଦାସ, ସୁକାନ୍ତ ନାୟକ, ତସିକ୍ ଅହାଦ, ଅରସଦ କାଦିର ଏବଂ ମନୋଜ କୁମାର ଦଳେଇ ପ୍ରମୁଖ ଏ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବାଲେଶ୍ୱର ରକ୍ତଭଣ୍ଡାରର ମୁଖ୍ୟ ଡାକ୍ତର କ.କେ ଉପାଧ୍ୟାୟ ଏବଂ ଅନ୍ୟାନ୍ୟ କର୍ମଚାରୀବୃନ୍ଦ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । ରୋଟାରୀ କ୍ଲବର ସଭାପତି ଏବଂ ରେଟ୍ରାକ୍ଟ କ୍ଲବର ସଭାପତି ଆଗକୁ ଆହୁରି ବିସ୍ତରିତ ଭାବେ ଏହିଭଳି କାର୍ଯ୍ୟକ୍ରମ କରାଯିବାର ଅଛି ବୋଲି କହିଥିଲେ । ଶେଷରେ କ୍ଲବର ସମସ୍ତ ସଭ୍ୟ ଏବଂ ରେଟ୍ରାକ୍ଟ କ୍ଲବର ସଭ୍ୟମାନଙ୍କୁ ଏହି କାର୍ଯ୍ୟକ୍ରମର ଚେୟାରମେନ୍ ପ୍ରଦୀପ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ରାଜସ୍ୱ ନିରୀକ୍ଷକଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଜଳେଶ୍ୱର ତହସିଲଦାରଙ୍କୁ ଦାବିପତ୍ର



ଜଳେଶ୍ୱର ୨୧/୬ (ନି.ପ୍ର) : ୟାସ୍ ବାତ୍ୟାରେ କ୍ଷତିଗ୍ରସ୍ତଙ୍କ ସଠିକ୍ ତଦନ୍ତ କରାନଯାଇ କେବଳ କେତେକ ଦଲାଲ ମାନଙ୍କ ଚକ୍ରାନ୍ତରେ ଓ ଦଳୀୟ ଭିତ୍ତିରେ କ୍ଷୟକ୍ଷତି ଆକଳନ କରାଯାଇଥିବା ବିରୁଦ୍ଧରେ ଜଳେଶ୍ୱର ବ୍ଲକର ରାଇବଣିଆ ବିଜେପି ପକ୍ଷରୁ ତହସିଲଦାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଓଲମରା ଆର୍‌ଆଇ ଦୁଇଟିସ୍ଥାନରେ ଦାୟିତ୍ୱରେ ରହିଥିବାରୁ ଠିକ୍‌ଭାବେ କାର୍ଯ୍ୟ ନ ତୁଲାଇ ରାଜନଗର ଗ୍ରାମରେ ତଦନ୍ତ କରାନଯିବା ଏବଂ କେନ୍ଦ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଝାଡପିମ୍ପଳ ଗ୍ରାମର କ୍ଷତିଗ୍ରସ୍ତଙ୍କୁ ପଲିଥିନ ନ ଦେବା ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ବହୁଦିନ ଧରି ଆର୍‌ଆଇ ମାନେ ଏକ ସ୍ଥାନରେ ରହୁଥିବାରୁ ମନମୁଖୀ କାର୍ଯ୍ୟ କରୁଛନ୍ତି । ତେଣୁ ସେମାନଙ୍କୁ ପର୍ଯ୍ୟାୟକ୍ରମେ ତହସିଲ ଅନ୍ତର୍ଗତ ବିଭିନ୍ନ ଆର୍‌ଆଇ ସର୍କଲକୁ ବଦଳି କରାଯିବାକୁ ଦାବି କରିଛନ୍ତି। ଯଦି ଏହା ନ ହୁଏ ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଭାଜପାର ରାଇବଣିଆ ମଣ୍ଡଳ ସଭାପତି ମନୋଜ କୁମାର ସାସମଲ, ସୁବର୍ଣ୍ଣରେଖା ମଣ୍ଡଳ ସଭାପତି ପ୍ରଣବ ପଣ୍ଡା, ପଶ୍ଚିମବାର୍ଡ ମଣ୍ଡଳ ସଭାପତି ପ୍ରତାପ ସେନାପତି, ୯ ନମ୍ବର କୁନ୍ ସଭାପତି ତପନ ବିଶ୍ୱାଳ ପ୍ରମୁଖ ଏଡିସନାଲ ତହସିଲଦାର ଶାନ୍ତିରାମ ହେମ୍ବ୍ରମକୁ ପ୍ରଦାନ କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo